◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-216 ◆SUNDAY ◆1 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧୬ ◆ରବିବାର ◆୧ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ହିରୋଇନ୍‌ଙ୍କ ବେକରେ ନୁର୍‌ଜହାଁଙ୍କ ହାର

■ କାଲିଫର୍ଣ୍ଣିଆ, ୩୧।୧ (ଏଜେନ୍ସି): ହଲିଉଡ ଅଭିନେତ୍ରୀ ମାର୍ଗୋଟ ରାବି ମୋଗଲ ବେଗମ ନୁରଜହାଁଙ୍କ ୪୦୦ ବର୍ଷ ତଳର ପୁରୁଣା ହାର ପିନ୍ଧି ର୍ୟାମ୍ପକୁ ଓହ୍ଲାଇଛନ୍ତି। ଏହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ସେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର 'ଉଥ୍‌ରିଙ୍ଗ ହାଇଟ୍ସ'ର ପ୍ରଚାର ପାଇଁ ରେଡ କାର୍ପେଟକୁ ଓହ୍ଲାଇ ଥିଲେ। ଗ୍ଲାମରସ୍ ଲୁକ୍ ସହିତ ଏହି ହାର ତାଙ୍କ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରି ଦେଇଥିଲା। ଏହି ହାରର ମୂଲ୍ୟ ପ୍ରାୟ ପ୍ରାୟ ୮ ନିୟୁତ ଡଲାର ଅର୍ଥାତ ୭୪ କୋଟି ଟଙ୍କା। ଏଥିରେ ୬୯. ୪୨ କ୍ୟାରେଟର 'ହାର୍ଟ

**ମୂଲ୍ୟ ୭୪ କୋଟି ଟଙ୍କା**

**ସ୍ୱାମୀ ଦେଇଥିଲେ ଉପହାର**

ସେପ' ଆକୃତିର ଟେବୁଲ-କଟ୍ ହୀରା ଲାଗିଛି। ରତ୍ନ ପଥରେ ମଝିରେ ଏହାକୁ ରଖାଯାଇଛି। ▶ପୃଷ୍ଠା-୭

## ଶପଥ ନେଲେ ସୁନେତ୍ରା ପାୱାର୍

■ ମୁମ୍ବାଇ, ୩୧।୧ (ଏଜେନ୍ସି): ବିମାନ ଦୁର୍ଘଟଣାରେ ସ୍ୱାମୀ ଅଜିତ ପାୱାରଙ୍କ ଅକାଳ ବିୟୋଗର ଚତୁର୍ଥ ଦିନରେ ସ୍ତ୍ରୀ ସୁନେତ୍ରା ପାୱାର (୬୨) ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ସେ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ସୁନେତ୍ରାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଅଜିତ ଦାଦାଙ୍କ ଆଶା ପୂରଣ କରିବେ ବୋଲି କହିଛନ୍ତି। ଏହି ଶପଥ ଗ୍ରହଣ ସମାରୋହ ପ୍ରାୟ ୧୨ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର ଲୋକଭବନରେ ଅନୁଷ୍ଠିତ ଏହି ସମାରୋହରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସାମିଲ ହୋଇ ନ ଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ▶ପୃଷ୍ଠା-୭

**ସାମିଲ ହେଲେନି ଶରଦ**

# ବିରୋଧ ପରେ ଚେତିଲେ ସରକାର

## ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ ବିମାନ ଚଳାଚଳ ପାଇଁ ମିଳିବ ଭିଜିଏଫ୍ ସହାୟତା

- ରାଜ୍ୟ କ୍ୟାବିନେଟରେ ୧୨ ପ୍ରସ୍ତାବକୁ ଅନୁମୋଦନ
- ବ୍ୟାଙ୍କକ୍ ଓ ଆବୁଧାବି ରୁଟ୍‌ରୁ ସହାୟତା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି
- ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ କରିବ ୧୭,୨୫୦ କୋଟିର ନିବେଶ
- 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା ନିୟମ-୨୦୨୫'ରେ ମୋହର
- ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ ଯୋଜନାକୁ ମଞ୍ଜୁରୀ; ୫ ବର୍ଷରେ ୨୫୪.୮୫ କୋଟି ବିନିଯୋଗ
- ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି
- ଓଡ଼ିଶା ସମବାୟ ନୀତି-୨୦୨୬କୁ ଅନୁମୋଦନ

■ ଭୁବନେଶ୍ୱର, ୩୧।୧ (ସମିସ): ଓଡ଼ିଶାରୁ ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଆସନ୍ତା ମାର୍ଚ୍ଚ ୨୮ ତାରିଖ ପରେ ବନ୍ଦ ହେବା ନେଇ ଆଶଙ୍କା ଉପୁଜିଥିଲା। ଏହାକୁ ନେଇ ଦୁବାଇ, ଆବୁଧାବିରେ ରହୁଥିବା ଓଡ଼ିଆ ସମାଜ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟରେ ମଧ୍ୟ ଏହାକୁ ନେଇ ଉଦବେଗ ପ୍ରକାଶ ପାଇବା ପରେ ଚେତିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ଜାରି ରଖିବା ପାଇଁ 'ଭାୟାବିଲିଟି ଗ୍ୟାପ୍ ଫଣ୍ଡ'(ଭିଜିଏଫ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ବର୍ତ୍ତମାନ ଇଣ୍ଡିଗୋ ବିମାନ ସଂସ୍ଥା ଦ୍ୱାରା ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଯୋଗାଇ ଦିଆଯାଉଛି। ଏଠାକୁ ବିମାନ ଚଳାଚଳ ବଜାୟ ରଖିବା ପାଇଁ ଆର୍ଥିକ ସହାୟତା(ଭିଜିଏଫ) ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି। ଯାତ୍ରା ସଂଖ୍ୟା ହ୍ରାସ ଓ ବିମାନ ସେବା ବନ୍ଦ ହେବାର ଆଶଙ୍କା ଥିବାରୁ ୬ ମାସ ପାଇଁ ଭିଜିଏଫ ସହାୟତା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ବ୍ୟାଙ୍କକ୍( ୨୭ ଅକ୍ଟୋବର ୨୦୨୫ରୁ) ଓ ଆବୁଧାବି(୧୧ ଡିସେମ୍ବର ୨୦୨୫ରୁ) ରୁଟ୍ ପାଇଁ ଏହି ସହାୟତାକୁ ପ୍ରତ୍ୟାହାର କରି ନିଆଯାଇଛି।

ସେହିପରି ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ୧୭,୨୫୦ ▶ପୃଷ୍ଠା-୭

## ଆଜି ଆଗତ ହେବ କେନ୍ଦ୍ର ବଜେଟ

■ ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଆସନ୍ତାକାଲି କେନ୍ଦ୍ର ବଜେଟ ଉପସ୍ଥାପନ ହେବାକୁ ଯାଉଛି। ଏହି ବଜେଟ ବିଭିନ୍ନ ଦୃଷ୍ଟିରୁ ରେକର୍ଡ ସୃଷ୍ଟି କରିବ। ପ୍ରଥମ ଥର ପାଇଁ ବଜେଟ୍ ରବିବାର ଦିନ ଉପସ୍ଥାପିତ ହେବ। କ୍ରମାଗତ ନବମ ଥର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବଜେଟ ଆଗତ କରିବେ। ସକାଳ ୧୧ଟାରେ ବଜେଟ ଉପସ୍ଥାପନ କରିବା ସହିତ ଏହି କୃତିତ୍ୱ ହାସଲ କରିବାରେ ସେ ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେବେ। ନିର୍ମଳାଙ୍କ ଏହି ରେକର୍ଡ ବଜେଟକୁ ନେଇ ଲୋକଙ୍କ ମନରେ ଅନେକ ଆଶା ରହିଛି। ଜରୁରୀ ସାମଗ୍ରୀରେ ଗରିବ ରିଆତି ଚାହୁଁଥିବା ବେଳେ ମଧ୍ୟବିତ୍ତ ଇଏମ୍‌ଆଇ, ଟିକସ ବୋଝରୁ ମୁକ୍ତି ଚାହୁଁଛନ୍ତି। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ଉପରେ ଏମଏସ୍‌ପି ଗ୍ୟାରେଣ୍ଟି ଆଶା ରଖିଥିବା ବେଳେ ବ୍ୟବସାୟୀ ଅଧିକ ଟିକସ ନ ଲାଗୁ ବୋଲି ଆଶା ବାନ୍ଧି ବସିଛନ୍ତି। ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସୁନା ଏବଂ ରୁପାରୁ ଟିକସ ହ୍ରାସ ହେଉ ବୋଲି ଚାହୁଁଛନ୍ତି। କାରଣ ଗତ ଦୁଇ ବର୍ଷ ହେଲା ଏହାର ମୂଲ୍ୟ ରକେଟ ଗତିରେ ବଢ଼ି ଚାଲିଛି। କେବଳ ବାହାଘର ପାଇଁ ସୁନା କିଣିବାରେ ଗରିବ ପରିବାରର ଅର୍ଜିତ ସମ୍ପତ୍ତି ସରିଯାଉଛି। ମାତ୍ର ଆୟ ପୂର୍ବଭଳି କମ୍ ରହିଛି।

ଅର୍ଥମନ୍ତ୍ରୀ ରବିବାର ୧୧ଟାରେ ବଜେଟ ଅଭିଭାଷଣ ଆରମ୍ଭ କରିବେ। ବଜେଟ ପାଇଁ ରବିବାର ମଧ୍ୟ ସେୟାର ବଜାର ଖୋଲାରହିବ। ବଜେଟ ଆକଳନ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ବଜେଟରେ ନିର୍ମଳା ଲୋକଙ୍କୁ ସୁନା ଏବଂ ରୁପା କ୍ରୟରେ ଆଶ୍ୱସ୍ତି ଦେଇପାରନ୍ତି। ଏହା ଉପରେ ଲଗା ଯାଇଥିବା ସୀମା ▶ପୃଷ୍ଠା-୭

**ରେକର୍ଡ ନବମ ଥର ପାଇଁ ବଜେଟ ଉପସ୍ଥାପନ କରିବେ ନିର୍ମଳା**

**ପ୍ରଥମ ଥର ପାଇଁ ରବିବାର ଆସିବ ବଜେଟ**

**ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା**

## ୬ ଜଣଙ୍କୁ ବାନ୍ଧିଲା ପୁଲିସ

■ କଟକ, ୩୧।୧ (ସମିସ): ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା-୨୦୨୪ ପରିଚାଳନାରେ ହୋଇଥିବା ଗୁରୁତର ଅନିୟମିତତା ସଂପର୍କିତ ମାମଲାରେ ମୋଟ ୬ଜଣଙ୍କୁ ଲାଲବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶକ୍ତିବିହାର ଅଞ୍ଚଳର ହିମାଂଶୁ ଶେଖର ଦାଶ, ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଅଞ୍ଚଳର ଶ୍ରୀଧର ମନ୍ତ୍ରୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ଆଲୋକ ସାହୁ, ବାଙ୍କି ଥାନା ଅନ୍ତର୍ଗତ କେଶିପୁର ଅଞ୍ଚଳର ଗଙ୍ଗାଧର ଜେନା, ବାଲେଶ୍ୱର ଟାଉନ୍ ଥାନାଞ୍ଚଳର ନିର୍ମାଲ୍ୟ ଦାସ ଏବଂ ହିଞ୍ଜିଳି ଥାନାଞ୍ଚଳର ଜ୍ୟୋତିର୍ମୟୀ ସାହୁ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ମାମଲାରେ ପ୍ରଶ୍ନପତ୍ର ଓ ଉତ୍ତର ଲିକ୍ ▶ପୃଷ୍ଠା-୭

**ହଳଦିଆପଦର ଓଭରବ୍ରିଜ୍‌ରେ ଛାତିଥରା ଦୁର୍ଘଟଣା**

## ଟ୍ରକ୍ ଚାପାରେ ଚାଲିଗଲା ୫ ଜୀବନ

■ ବ୍ରହ୍ମପୁର, ୩୧।୧(ସମିସ): ୧୬ନମ୍ବର ଜାତୀୟ ରାଜପଥ ସହ ବ୍ରହ୍ମପୁର ସହରକୁ ସଂଯୋଗ କରୁଥିବା ହଳଦିଆପଦର ଓଭରବ୍ରିଜ୍‌ରେ ଆଜି ମଧ୍ୟାହ୍ନରେ ଏକ ଛାତିଥରା ଦୁର୍ଘଟଣା ଘଟିଛି। ଟ୍ରକ୍ ଚାପାରେ ୫ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଦକ୍ଷିଣପୁର ଗ୍ରାମର ଶିବରାମ ଜେନା(୩୫), ସୋମାସିଙ୍ଗ ଶାସନ ଗ୍ରାମର ସତ୍ୟନାଥ ବେଜ(୨୩), ଆଯୋଧ୍ୟାନଗରର ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ଫୁଲଟା ଗ୍ରାମର ଦୁଇ ସମ୍ପର୍କୀୟ ଭାଇ ଜଗନ୍ ନାହକ ଓ ରାକେଶ ନାହକ।

ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏମ୍‌କେସିଜି ମେଡିକାଲରେ ଅନ୍ୟ ୨ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

**୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା**

ଘଟଣାସ୍ଥଳରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ବିଇଏମ୍‌ସି କମିସନର୍ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ଆର୍‌ଟିଓ ▶ପୃଷ୍ଠା-୭

## ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା

**୩ ଗିରଫ; ରେଞ୍ଜ୍ ଅଫିସ୍ ଆଗରେ ଶବ ରଖି ଧାରଣା**

■ ପାଲଲହଡ଼ା, ୩୧।୧ (ସମିସ): ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ। ପ୍ରଥମେ ଗାଁ ଲୋକ ମାଡ଼ ମାରି ଦରମରା କରି ବନ ବିଭାଗକୁ ଜିମା ଦେଲେ। ବନ କର୍ମଚାରୀ ତାଙ୍କୁ ହସ୍ପିଟାଲ ନେବା ପରିବର୍ତ୍ତେ ଆହୁରି ମାଡ଼ ମାରିଲେ। ପାଲଲହଡ଼ା ଥାନାରେ ଏପରି ଏକ ସାଂଘାତିକ ଅଭିଯୋଗ ହୋଇଛି। ମୃତକ ହେଲେ, ତେଲକୋଇ ଥାନା ଶିରିଗିଡ଼ା ଅଞ୍ଚଳର ବିପିନ ଦାସ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗତରାତିରେ ତାଙ୍କର ମୃତ୍ୟୁ ଘଟିଛି।

ଏହି ଘଟଣାରେ ପାଲଲହଡ଼ା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ପାଲଲହଡ଼ା ଥାନା ଅଧୀନ ଡଙ୍ଗାଧର ଗାଁର ପରମେଶ୍ୱର ହେମ୍ବ୍ରମ, ସିଦ୍ଧେଶ୍ୱର ହେମ୍ବ୍ରମ ଓ ପିବିନ ହେମ୍ବ୍ରମ।

ସୂଚନାନୁଯାୟୀ, ପାଲଲହଡ଼ା ଉପଖଣ୍ଡ ସଇଡ଼ା ପଞ୍ଚାୟତ ଡଙ୍ଗାଧର ଗ୍ରାମରେ ହାତୀପଲଙ୍କ ଗତିବିଧି ନିରୀକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ସୌର ଲାଇଟ୍ ଲଗାଯାଇଛି। ବିପିନ ଡାଲୋ ଗ୍ରାମରେ ସମ୍ପର୍କୀୟ ମାମୁ ଘରେ ରହୁଥିବା ବେଳେ ଗତ ଗୁରୁବାର ସନ୍ଧ୍ୟାରେ ଡଙ୍ଗାଧର ଗାଁରେ ବୁଲୁଥିଲେ। ତେବେ, ସେ ସୌର ଲାଇଟ୍ ଉପକରଣ ଚୋରି କରିବାକୁ ଆସିଥିବା ସନ୍ଦେହ କରି ଡଙ୍ଗାଧର ଗ୍ରାମବାସୀ ତାଙ୍କୁ କାବୁ କରି ପ୍ରବଳ ମାଡ଼ ମାରିବା ସହ ଗୁରୁତର ଅବସ୍ଥାରେ ପାଲଲହଡ଼ା ବନ ▶ପୃଷ୍ଠା-୭


With Best Compliments from:

NIIS GROUP OF INSTITUTIONS
BHUBANESWAR-752054
ESTD:2000
(Accredited by NAAC, Approved by AICTE, Govt. of India & Affiliated to BPUT, Utkal University, SCTE&VT & CHSE)

Celebrating 25 Years of NIIS
"Transforming Lives, Building Futures"

GROOMING TO EXCEL..... SINCE THE YEAR 2000

Campus - I: Saradavihar, Madanpur, Bhubaneswar
Campus - II: At/Po- Chhatabar, Bhubaneswar

NIIS INSTITUTE OF BUSINESS ADMINISTRATION
MBA I MCA

NIIS INSTITUTE OF INFORMATION SCIENCE & MANAGEMENT
MSW I MPMIR I M.Com.
M.Sc.(Comp.Sc., Phy., Chem, Biotech)
BBA I BCA I B.Com.(Hons.)
B.Sc.(Comp.Sc.,ITM, Biotech)
B.Sc.(Hons.) I B.A.(Hons.)

NIIS INSTITUTE OF ENGINEERING & TECHNOLOGY
B.Tech.
Diploma
MCA

NIIS HIGHER SECONDARY SCHOOL
+2 Science & Commerce

Contact: 9778899990 / 9778899991
E-mail: contactus@niisgroup.org I Visit us: www.niisgroup.org

SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in

# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## ଯୋଧପୁର ଜେଲ୍‌ରେ ସୋନମ୍ ୱାଙ୍ଗଚୁକ୍ ଅସୁସ୍ଥ

ଯୋଧପୁର, ୩୧।୧(ଏଜେନ୍ସି): ଜଣାଶୁଣା ସମାଜସେବୀ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍ ଗତ ୪ ମାସ ହେବ ଯୋଧପୁର ଜେଲ୍‌ରେ ଅଟକ ରହିଛନ୍ତି। ଜେଲରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସକାଳେ ପୁଲିସ

**୪ ମାସ ହେଲା ଅଟକ**

ତାଙ୍କୁ ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରୁ ଏମ୍ସ ହସ୍ପିଟାଲର ଜରୁରୀକାଳୀନ ୱାର୍ଡକୁ ନେଇଥିଲା। ଏମ୍ସରେ ପ୍ରାୟ ଦେଢ଼ ଘଣ୍ଟା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହସ୍ପିଟାଲ ସୂତ୍ର ଅନୁଯାୟୀ, ୱାଙ୍ଗଚୁକ୍ ପେଟ ଜନିତ ସମସ୍ୟାରେ ପୀଡିତ ଅଛନ୍ତି। ପୂର୍ବରୁ ଶୁକ୍ରବାର ମଧ ତାଙ୍କୁ ଏମ୍ସକୁ ନିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଲଦାଖ ପାଇଁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଓ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବା ଦାବିରେ ଅନ୍ଦୋଳନ କରୁଥିବା ବେଳେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା। ତାଙ୍କ ଚିକିତ୍ସା ହୋଇଥିଲେ ମଧ ଡାକ୍ତରମାନେ ଆନୁଷ୍ଠାନିକ ଭାବେ କୌଣସି ମେଡିକାଲ ବୁଲେଟିନ ଜାରି କରିନାହାନ୍ତି। ତାଙ୍କୁ ଏମ୍ସକୁ ନେବା ବେଳେ ପୁଲିସ ବ୍ୟାପକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଥିଲା।

## ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୧ ମୃତ

ଗାଜା, ୩୧।୧(ଏଜେନ୍ସି): ଇସ୍ରାଏଲ ଶନିବାର ଗାଜା ଉପରେ ପୁଣି ଆକ୍ରମଣ କରିଛି। ଏଥିରେ ୩୧ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ବହୁ ନିଷ୍ପାପ ଶିଶୁ ସାମିଲ ରହିଛନ୍ତି। ଆସୋସିଏଟ ପ୍ରେସ୍ (ଏପି)ର ରିପୋର୍ଟ ଅନୁଯାୟୀ, ଗାଜା ପଟ୍ଟିର ମେଡିକାଲଗୁଡ଼ିକ ସୂଚନା ଦେଇଛନ୍ତି ଯେ, ଏହି ଆକ୍ରମଣରେ ଦୁଇଟି ପରିବାରର ସଦସ୍ୟମାନେ ମୃତ୍ୟୁବରଣ କରିଛନ୍ତି। ଏହି ଆକ୍ରମଣ ଉତ୍ତର ଓ ଦକ୍ଷିଣ ଗାଜାର ଏକ ଆପାର୍ଟମେଣ୍ଟ ବିଲ୍ଡିଂ ଓ ରିଲିଫ କ୍ୟାମ୍ପକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣ ଯୋଗୁଁ କ୍ୟାମ୍ପରେ ଭୟଙ୍କର ଭାବେ ନିଆଁ ଲାଗିଥିଲା। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ଅକ୍ଟୋବର ୧୦ରୁ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ଗୁଳିମାଡ଼ରେ ୫୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଛି, ଯେତେବେଳେ ରବିବାରଠାରୁ ମିଶର ସୀମାରେ ଥିବା ରଫା କ୍ରସିଂ ଖୋଲିବାକୁ ଯାଉଛି। ଏହା ଆମେରିକା ମଧ୍ୟସ୍ଥତାରେ ହେଉଥିବା ଅସ୍ତ୍ରବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟର ଅଂଶ। ଗୋଟିଏ ପଟେ ଅସ୍ତ୍ରଶସ୍ତ୍ର ବିକ୍ରି (ଆମେରିକା- ଇସ୍ରାଏଲ ଚୁକ୍ତି) ଓ ଅନ୍ୟପଟେ ଲୋକଙ୍କ ଜୀବନହାନୀ, ଏଭଳି ସ୍ଥିତି ମଧ୍ୟପ୍ରାଚ୍ୟରେ ମାନବିକ ସଙ୍କଟକୁ ଆହୁରି ଗମ୍ଭୀର କରିଦେଇଛି।

## ଭେଜାଲ୍ ଲଡୁ ମାମଲା: କାହାକୁ କ୍ଲିନ୍ ଚିଟ୍ ଦିଆଯାଇନାହିଁ

ତିରୁପତି, ୩୧।୧(ଏଜେନ୍ସି): ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ସ୍ପଷ୍ଟ କରିଛି ଯେ, ବହୁ ଚର୍ଚ୍ଚିତ ଲଡୁ ଭେଜାଲ ମାମଲାରେ କାହାକୁ କ୍ଲିନ ଚିଟ୍ ଦିଆଯାଇନାହିଁ। ବିଭିନ୍ନ ମହଲରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ବୋର୍ଡ ପକ୍ଷରୁ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଶୁକ୍ରବାର ତିରୁପତିରେ ଗଣମାଧ୍ୟମକୁ ସମ୍ବୋଧିତ କରି ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଟିଏଫ୍)ର ଚାର୍ଜସିଟ୍‌ରେ ଶ୍ରୀବାରୀ ଲଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ଭେଜାଲ ଥିବା କଥାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରିଛି। କିଛି ଗୋଷ୍ଠୀ ମିଥ୍ୟା ଗୁଜବ ପ୍ରଚାର କରି ଭକ୍ତମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସିବିଆଇ ନେଲୋର କୋର୍ଟରେ ଦାଖଲ କରିଥିବା ଚୂଡାନ୍ତ ଚାର୍ଜସିଟ୍ ଅନୁଯାୟୀ, ଉତ୍ତରାଖଣ୍ଡ ଭଗବାନପୁରର 'ଭୋଲେବାବା ଡାଏରୀ' ଦିଆଯାଇଥିବା ଘିଅ ଅପମିଶ୍ରିତ ଥିଲା। ତେବେ ଏଥିରେ ପ୍ରାଣୀଙ୍କ ଚର୍ବିର ବ୍ୟବହାର ହୋଇନାହିଁ ବୋଲି ଉଲ୍ଲେଖ କରାଯାଇଛି। ପୁଣି ଟେଣ୍ଡର ପ୍ରଦାନରେ ଅନିୟମିତତା ହୋଇଥିବା କୁହାଯାଇଛି। ଆବଶ୍ୟକ ଉତ୍ପାଦନ କ୍ଷମତା ନଥିବା କମ୍ପାନୀଗୁଡ଼ିକୁ ଘିଅ ଯୋଗାଣ ଟେଣ୍ଡର ଦିଆଯାଉଥିଲା ବୋଲି ନାଇଡୁ ଅଭିଯୋଗ କରିଛନ୍ତି। ପ୍ରାୟ ୨୫୦ କୋଟି ଟଙ୍କାରେ ୬୦ ଲକ୍ଷ ଭେଜାଲ ଘିଅ କିଣା ଯାଇଥିଲା ବୋଲି ସେ କହିଛନ୍ତି।

## ଇରାନର ବନ୍ଦର ଆବାସ୍ ଓ ଆହୱାଜରେ ବିସ୍ଫୋରଣ; ୪ ମୃତ

ତେହେରାନ, ୩୧।୧(ଏଜେନ୍ସି): ଆମେରିକା ସହ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନର ଦକ୍ଷିଣାଞ୍ଚଳରେ ଥିବା ରଣନୈତିକ ବନ୍ଦର ସହର ବନ୍ଦର ଆବାସ ଓ ଆହୱାଜ ସହରରେ ଭୟଙ୍କର ବିସ୍ଫୋରଣ ଘଟିଛି। ବନ୍ଦର ଆବାସରେ ବିସ୍ଫୋରଣ କାରଣରୁ ଏକ ଅଟ୍ଟାଳିକାର ଦୁଇଟି ମହଲା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏଥିରେ ଦୋକାନ ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କାରାଯାଇଥିବା ବେଳେ କେହି ମୃତାହତ ହୋଇନାହାନ୍ତି। ବନ୍ଦର ଆବାସ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ପ୍ରସିଦ୍ଧ। ସେହିପରି ଅନ୍ୟଏକ ପୃଥକ ଘଟଣାରେ ଦକ୍ଷିଣ- ପଶ୍ଚିମ ଖୁଜେସ୍ତାନ ରାଜ୍ୟର ଆହୱାଜ ସହରରେ ଏକ ଗ୍ୟାସ ବିସ୍ଫୋରଣ ହୋଇଛି। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଗ୍ୟାସ୍ ଲିକ୍ କାରଣରୁ ଏହି ବିସ୍ଫୋରଣ ହୋଇଛି ବୋଲି କୁହାଯାଇଛି। ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରାଯାଉଛି। ଏହି ବିସ୍ଫୋରଣ ଆମର କୌଣସି ଭୂମିକା ନାହିଁ ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି।

## ଡଙ୍କି ରୁଟ୍‌ରେ ଏବେ ବି ଯାଉଛନ୍ତି ଆମେରିକା

### ପ୍ରତିଦିନ ଧରା ପଡୁଛନ୍ତି ୬୫ ଭାରତୀୟ; ବର୍ଷକରେ ୨୩ ହଜାର ଗିରଫ

ନ୍ୟୁୟର୍କ/ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଆମେରିକାରେ ବେଆଇନ୍ ଭାବେ ପ୍ରବେଶ କରୁଥିବା ଭାରତୀୟଙ୍କ ସଂଖ୍ୟା ଓ ସେମାନଙ୍କ ପ୍ରଣାଳୀକୁ ନେଇ ଚକିତ କଲାଭଳି ଏକ ରିପୋର୍ଟ ସାମ୍ନାକୁ ଆସିଛି। ଡଙ୍କି ରୁଟ୍ ମାଧ୍ୟମରେ ଆମେରିକା ଯାଉଥିବା ଲୋକଙ୍କ ଉପରେ କଡ଼ା ନଜର ରଖାଯାଉଥିଲେ ମଧ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ଡଙ୍କି ରୁଟ୍ ହେଉଛି ଏକ ବେଆଇନ ପନ୍ଥା ବା ବ୍ୟବସ୍ଥା ଯେଉଁଠାରେ ଲୋକମାନେ ଏଜେଣ୍ଟମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରି ବିଭିନ୍ନ ଦେଶ ଦେଇ ଲୁଚିଛପି ଆମେରିକା ସୀମାରେ ପହଞ୍ଚିବାକୁ ଚେଷ୍ଟା କରିଥାନ୍ତି। ଏହି ଡଙ୍କି ରୁଟ୍ ଅତ୍ୟନ୍ତ ବିପଜ୍ଜନକ ଓ ଏଥିରେ ଅନେକ ସମୟରେ ଲୋକଙ୍କ ଜୀବନ ମଧ ଚାଲିଯାଇଥାଏ। ଡଙ୍କି ରୁଟ୍ ଦେଇ ପ୍ରତିଦିନ ୬୫ ଜଣ ଭାରତୀୟ ଧରା ପଡୁଛନ୍ତି। ୨୦୨୫ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ପରିସଂଖ୍ୟାନ ଅନୁଯାୟୀ, ଆମେରିକୀୟ ବର୍ଡର ଆଣ୍ଡ କଷ୍ଟମ ବିଭାଗ ମୋଟ୍ ୨୩,୮୩୦ ଭାରତୀୟଙ୍କୁ ଅଟକ ରଖିଛି। ବିଭାଗର ସୂଚନା ଅନୁଯାୟୀ, ବେଆଇନ ପ୍ରବେଶ ମାମଲା ପୂର୍ବାପେକ୍ଷା ହ୍ରାସ ପାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ ୨୦୨୪ରେ ମୋଟ୍ ୮୫,୧୧୯ ଭାରତୀୟ ଧରାପଡ଼ିଥିଲେ। ଅଧିକାରୀମାନେ କହିଛନ୍ତି ଯେ, ଏବେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଆମେରିକାରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକମାନେ ଏକା ଥିଲେ। କୌଣସି ଭାରତୀୟ ପରିବାର ସହିତ ଗିରଫ ହୋଇ ନଥିଲେ। କିନ୍ତୁ ୨୦୨୪ରେ ଗିରଫ ହୋଇଥିବା ଭାରତୀୟଙ୍କ ମଧ୍ୟରୁ ୨୦,୦୦୦ ସେମାନଙ୍କ ଭାଇ, ସ୍ତ୍ରୀ କିମ୍ବା ପିଲାମାନଙ୍କ ସହ ଆମେରିକାରେ ଅବୈଧ ଭାବେ ପ୍ରବେଶ କରୁଥିଲେ। ପୂର୍ବରୁ କାନାଡ଼ା ଓ ମେକ୍ସିକୋ ସୀମା ଦେଇ ଅଧିକ ପ୍ରବେଶ ହେଉଥିଲା। କିନ୍ତୁ ଏବେ ତୁର୍କୀ ଓ ଦୁବାଇ ରୁଟ୍ ବ୍ୟବହାର କରି ଆମେରିକା ଯିବାର ପ୍ରବଣତା ବୃଦ୍ଧି ପାଇଛି।

## ଋଣ ମାଗିବାକୁ ଏବେ ଲାଜ ଲାଗୁଛି

ଇସଲାମାବାଦ୍, ୩୧।୧(ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବିଦେଶୀ ଋଣ ଉପରେ ଦେଶର ବଢୁଥିବା ନିର୍ଭରଶୀଳତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ଜଣାଶୁଣା ନ୍ୟୁଜ ଏଜେନ୍ସି ଅନୁଯାୟୀ, ଶେହବାଜ ସ୍ୱୀକାର କରିଛନ୍ତି ଯେ, ଦେଶର ଆର୍ଥିକ ଦୁର୍ବଳ ସ୍ଥିତି ଯୋଗୁଁ ତାଙ୍କୁ ବାରମ୍ବାର ବିଦେଶ ଗସ୍ତ କରି ଋଣ ମାଗିବାକୁ ପଡୁଛି ଓ ଏଥିପାଇଁ ଆମକୁ ଲାଜ ଲାଗୁଛି। ଇସଲାମାବାଦ୍‌ରେ ବ୍ୟବସାୟିକ ନେତାମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଯେତେବେଳେ ଫିଲ୍ଡ ମାର୍ଶାଲ ଆସିମ ମୁନିର ଓ ମୁଁ ସାରା ବିଶ୍ୱରେ ଟଙ୍କା ଋଣ ମାଗିବାକୁ ଯାଉ, ସେତେବେଳେ ଆମକୁ ଭାରୀ ଲାଜ ଲାଗେ। ସେ ଆହୁରି ମଧ କହିଛନ୍ତି ଯେ, ଋଣ ନେବା ଆତ୍ମସମ୍ମାନ ଉପରେ ଏକ ବଡ଼ ବୋଝ। ଅନେକ ସମୟରେ ଆମକୁ ସାଲିସ କରିବାକୁ ପଡ଼େ ଓ ଆମେ ସେମାନଙ୍କ ସର୍ତ୍ତକୁ ଅନିଚ୍ଛା ସତ୍ତ୍ୱେ ନା ବୋଲି କହିପାରୁନୁ। ଋଣର ବୋଝ ଏବେ ପାକିସ୍ତାନର ସମ୍ମାନ ଉପରେ ଭାରି ପଡୁଛି। ଏବେ ବିକଳ୍ପ ଆର୍ଥିକ ମାର୍ଗ ଖୋଜିବାର ଆବଶ୍ୟକତା ରହିଛି। ପାକିସ୍ତାନ ଆଇଏମ୍‌ଏଫ୍‌ରୁ ସାହାଯ୍ୟ ଓ ପୁରୁଣା ଋଣର ଅବଧି ବଢ଼ାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କର ଏହି ବୟାନ ଆସିଛି। ସେ ଚୀନ୍‌କୁ ସବୁ ସମୟର ବନ୍ଧୁ ବୋଲି କହିଛନ୍ତି। ସାଉଦି ଆରବ, ୟୁଏଇ ଓ କତାର ମଧ ଭଲ-ମନ୍ଦ ସବୁ ସମୟରେ ପାକିସ୍ତାନକୁ ସାହାଯ୍ୟ କରିଆସିଛନ୍ତି ବୋଲି ସେ କହିଛନ୍ତି। ଦେଶରେ ଦାରିଦ୍ର୍ୟ ଓ ବେକାରୀ ସମସ୍ୟାକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଏବେ ପାକିସ୍ତାନରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବେକାର ଅଛନ୍ତି। ୨୦୨୫ ମାର୍ଚ୍ଚ ସୁଦ୍ଧା ପାକିସ୍ତାନର ଋଣ ୭୬,୦୦୦ ବିଲିଅନ (୭୬ ଲକ୍ଷ କୋଟି)ରୁ ଅଧିକ ହୋଇଛି। ଏହା ଗତ ୪ ବର୍ଷରେ ପ୍ରାୟ ଦୁଇଗୁଣ ହୋଇଛି।

## ମୋଦୀଙ୍କ ପଞ୍ଜାବ ଗସ୍ତ ପୂର୍ବରୁ ବିସ୍ଫୋରଣ ଧମକ

ଜଳନ୍ଧର, ୩୧।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଞ୍ଜାବ ଗସ୍ତର ଠିକ୍ ଗୋଟିଏ ଦିନ ପୂର୍ବରୁ (୩୧ ଜାନୁଆରୀ) ଜଳନ୍ଧରରେ ୪ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ କରିବାକୁ ଧମକ ଦିଆଯାଇଛି।

**■ ନିଶାଣରେ ଡେରା ବଲ୍ଲାଁ, ୪ ବିଦ୍ୟାଳୟ**

ସୂଚନା ପାଇବା ମାତ୍ରେ ଥାନା-୭ ଅର୍ବାନ ଷ୍ଟେଟ୍ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ସକ୍ରିୟହୋଇ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି। ପୁଲିସ କହିବା ଅନୁଯାୟୀ, ପ୍ରଥମେ କ୍ୟାମ୍ବ୍ରିଜ୍ ସ୍କୁଲ୍‌କୁ ଧମକ ମିଳିଥିଲା। ଏବେ ଆଉ ୩ଟି ସ୍କୁଲ- ପଠାନକୋଟ ଚୌକ ନିକଟରେ ଥିବା କେଏମ୍‌ଭି ସଂସ୍କୃତି ସ୍କୁଲ, ବ୍ରିଟିଶ ଓଲିଭା ସ୍କୁଲ ଓ ଡିଜେଏସ୍ ପବ୍ଲିକ ସ୍କୁଲକୁ ଧମକପୂର୍ଣ୍ଣ ଇମେଲ ମିଳିଛି। କିନ୍ତୁ ତଦନ୍ତ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ। ଆଜି ଗୁରୁ ରବିଦାସ ମହାରାଜଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା ପାଇଁ ଜଳନ୍ଧରର ସ୍କୁଲଗୁଡ଼ିକ ଛୁଟି ରହିଛି। ଏହି ମେଲ୍ ବିଲ୍ଲା- ହାଲୀ ନାମରେ ପଠାଯାଇଛି। ମୋଦୀଙ୍କ ଗସ୍ତରେ ବୋମା ବିସ୍ଫୋରଣ ହେବ ଓ ୩-୪ଟି ସ୍କୁଲରେ ଏହା ହେବ। ଆମେ ଗୁରୁ ରବିଦାସଙ୍କୁ ସମ୍ମାନ କରୁ। କିନ୍ତୁ ମୋଦୀ ଖଲିସ୍ତାନୀଙ୍କ ଶତ୍ରୁ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ମୃତ୍ୟୁର ପ୍ରତିଶୋଧ ନେବା ଓ ଏଥିପାଇଁ ଡେରା ବଲ୍ଲାଁ ହେଉଛି ଆମର ଟାର୍ଗେଟ ବୋଲି ଉଲ୍ଲେଖ କରାଯାଇଛି। ଜଳନ୍ଧରର ବଲ୍ଲାଁ ଗାଁରେ ରବିଦାସଙ୍କ ଧାର୍ମିକ ପ୍ରତିଷ୍ଠାନକୁ ଡେରା ବଲ୍ଲାଁ କୁହାଯାଇଥାଏ। ଏହା ୧୯୦୦ରେ ସ୍ଥାପିତ ହୋଇଥିଲା।

ପ୍ରଧାନମନ୍ତ୍ରୀ ରବିବାର ଜଳନ୍ଧର ଗସ୍ତ କରି ଦୁଇଟି ବଡ଼ ଘୋଷଣା କରିବେ। ଆଦମପୁର ବିମାନବନ୍ଦରକୁ ଶ୍ରୀ ଗୁରୁ ରବିଦାସ ଜୀଙ୍କ ନାମରେ ନାମକରଣ କରାଯିବ। ସେହିପରି ଲୁଧିଆନାର ହଲୱାରା ବିମାନବନ୍ଦର ନୂତନ ଟର୍ମିନାଲକୁ ଆଭାସୀ ଭାବେ ଉଦ୍‌ଘାଟନ କରିବେ।

## ଇସ୍ରାଏଲ୍‌କୁ ୬.୬ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ବିକିବ ଆମେରିକା

ୱାଶିଂଟନ, ୩୧।୧(ଏଜେନ୍ସି): ଆମେରିକା ଇସ୍ରାଏଲକୁ ୬.୬ ବିଲିଅନ୍ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ମଞ୍ଜୁରୀ ଦେଇଛି। ଆମେରିକା ବୈଦେଶିକ ବିଭାଗ ଶୁକ୍ରବାର କହିଛି ଯେ, ଇସ୍ରାଏଲ ଏବେ ଆମେରିକାରେ ନିର୍ମିତ ଅସ୍ତ୍ରଶସ୍ତ୍ର କିଣି ପାରିବ। ଏଥିରେ ୩୦ଟି ଆପାଚେ ଆଟାକ୍ ହେଲିକପ୍ଟର ସାମିଲ ରହିଛି ଓ ଏଗୁଡ଼ିକର ମୂଲ୍ୟ ୩.୮ ବିଲିଅନ ଡଲାର। ଏହି ହେଲିକପ୍ଟରଗୁଡ଼ିକୁ ବୋଇଂ ଓ ଲକ୍‌ହିଡ଼ ମାର୍ଟିନ କମ୍ପାନୀ ଇସ୍ରାଏଲକୁ ବିକ୍ରି କରିବ। ଏହା ବ୍ୟତୀତ, ଇନ୍‌ଫାଣ୍ଟ୍ରି ଆସଲ୍ଟ ଭେଇକଲ ବା ଜଏଣ୍ଟ ଲାଇଟ୍ ଟାକ୍ଟିକାଲ ଭେଇକଲ (ଜେଏଲ୍‌ଟିଭି)ର ବ୍ରିକି ହେବ। ଏଥିରେ ୩, ୨୫୦ଟି ଯାନ ସାମିଲ ରହିଛି। ସେହିପରି ଆର୍ମଡ୍ ପର୍ସନାଲ କ୍ୟାରିଅର ପାଇଁ ୭୪୦

**୩୦ ଆଟାକ୍ ହେଲିକପ୍ଟର, ୩,୦୦୦ରୁ ଅଧିକ ଗାଡ଼ି**

ମିଲିୟନ ଡଲାର ପ୍ୟାକ୍ ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ ଯେ, ଇସ୍ରାଏଲ ପୂର୍ବରୁ ୱେଷ୍ଟବ୍ୟାଙ୍କ ଓ ଗାଜାରେ ପାଲେଷ୍ଟାଇନ ନାଗରିକଙ୍କ ଉପରେ ଆକ୍ରମଣ କରିବାକୁ ଆପାଚେ ହେଲିକପ୍ଟରଗୁଡ଼ିକୁ ବ୍ୟବହାର କରିଛି। ଏଥିସହ ସାଉଦି ଆରବର ପ୍ରତିରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଆମେରିକା ଏକ ଅଲଗା ଚୁକ୍ତି କରିଛି। ସାଉଦିକୁ ୯ ବିଲିଅନ ଡଲାରର ପ୍ୟାଟ୍ରିଅଟ ମିସାଇଲ ଓ ସମ୍ବନ୍ଧିତ ଉପକରଣ ବିକ୍ରି କରିବାକୁ ମଞ୍ଜୁରୀ ଦେଇଛି ଆମେରିକା। ଏଥିରେ ୭୩୦ଟି ପାଟ୍ରିଅଟ ମିସାଇଲ ସାମିଲ ରହିଛି। ଏହା ସାଉଦିର ସାମରିକ ଶକ୍ତିକୁ ବୃଦ୍ଧି କରିବ ଓ ଆଞ୍ଚଳିକ ବାୟୁ ଓ କ୍ଷେପଣାସ୍ତ୍ର ପ୍ରତିରକ୍ଷାର ବ୍ୟବସ୍ଥାରେ ଅବଦାନକୁ ବୃଦ୍ଧି କରିବା ବୋଲି କୁହାଯାଇଛି।

## ବେଲୁଚିସ୍ତାନରେ ୧୨ଟି ସ୍ଥାନରେ ଆକ୍ରମଣ, ୨୭ ପୁଲିସ ମୃତ

କ୍ୱେଟା, ୩୧।୧(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଶନିବାର ବେଲୁଚ୍ ଲିବରେସନ ଆର୍ମି (ବିଏଲ୍‌ଏ) ଏକାସାଙ୍ଗରେ ୧୨ଟି ସ୍ଥାନରେ ଆକ୍ରମଣ କରିଛି। ନ୍ୟୁଜ ଏଜେନ୍ସି ଏଏଫ୍‌ପି ଅନୁଯାୟୀ, ଏହି ଆକ୍ରମଣରେ ଅତିକମ୍‌ରେ ୨୭ ଜଣ ପୁଲିସକର୍ମୀ ମୃତ୍ୟୁବରଣ କରିଛନ୍ତି। ଅପରପକ୍ଷରେ ପାକିସ୍ତାନ ସୁରକ୍ଷା ବାହିନୀର ପାଲଟା କାର୍ଯ୍ୟକ୍ରମରେ ୩୬ ଜଣ ବିଦ୍ରୋହୀ ନିହତ ହୋଇଛନ୍ତି ବୋଲି କୁହାଯାଉଛି। ଜଣେ ଅଧିକାରୀଙ୍କ କହିଛନ୍ତି ଯେ, ବିଦ୍ରୋହୀମାନେ କ୍ୱେଟା, ପସନୀ, ନୁଶ୍କି ଓ ଗ୍ୱାଦ ଜିଲ୍ଲାରେ ଶନିବାର ସକାଳେ ୧୨ଟି ସ୍ଥାନରେ ଏକାସାଙ୍ଗରେ ଆକ୍ରମଣ କରିଥିଲେ। ରାଜଧାନୀ କ୍ୱୋଟାରେ ଅତିକମ୍‌ରେ ୪ ଜଣ ପୁଲିସକର୍ମୀ ପ୍ରାଣ ହରାଇଛନ୍ତି। ବିଦ୍ରୋହୀମାନେ ନୁଶ୍କି ଜିଲ୍ଲାର ଡେପୁଟି କମିଶନରଙ୍କୁ ଅପହରଣ କରିନେଇଛନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପଛରେ ଭାରତର ହାତ ଓ ଷଡ଼ଯନ୍ତ୍ର ରହିଛି ବୋଲି ପାକିସ୍ତାନ ପ୍ରଧାମନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି। ଏହି ଆକ୍ରମଣ ପାଇଁ ବିଏଲ୍‌ଏ ନିଜକୁ ଦାୟୀ କରିଛି। ସଂଗଠନ ତରଫରୁ କୁହାଯାଇଛି ଯେ, ସେମୋନ ସେନା ଘାଟି, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କରିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟ ରାଜପଥକୁ ବନ୍ଦ କରି ଦେଇଥିଲେ। ସେମାନେ କ୍ୱେଟାର ଏକ ବଜାର ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।

## ଅନୁପ୍ରବେଶକାରୀଙ୍କୁ ବିଦା କରିବ ଏସ୍‌ଆଇଆର୍: ଶାହା

କୋଲକାତା, ୩୧।୧(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ଦୁଇଦିନିଆ ଗସ୍ତରେ ପଶ୍ଚିମବଙ୍ଗ ଯାଇଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ସେ କହିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ସଂରକ୍ଷଣ ଦେଉଛନ୍ତି।



ରାଜ୍ୟର ଲୋକମାନେ ଏଥର ତୃଣମୂଳ କଂଗ୍ରେସ(ଟିଏମ୍‌ସି)କୁ ଉପାଡ଼ି ଫୋପାଡ଼ି ଦେବେ ଓ ସେମାନଙ୍କ ବିଦାୟ ନେବାର ସମୟ ଉପନୀତ ହୋଇଛି। ସେ କହିଛନ୍ତି ଯେ, ମମତା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ଯେତେ ବିରୋଧ କରିବା କଥା କରନ୍ତୁ। କିନ୍ତୁ ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବାକୁ ପଡ଼ିବ। ଯେଉଁମାନେ ବାକି ରହିଯିବେ, ସେମାନଙ୍କୁ ବିଜେପିର ମୁଖ୍ୟମନ୍ତ୍ରୀ ରାଜ୍ୟରୁ ବାହର କରିବେ। ୨୦୨୬ ବର୍ଷ ହେଉଛି ଟିଏମ୍‌ସିକୁ ଟାଟା, ବାଏ-ବାଏ କହିବାର ବର୍ଷ। ଆମେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ହରିୟାଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ସରକାର ଗଢ଼ିଛୁ। ସେହିପରି ବର୍ଷ ଶେଷରେ ବିହାରରେ ପ୍ରଚଣ୍ଡ ବହୁମତରେ ସରକାର ଗଢ଼ିଛୁ। ଏଥର ପଶ୍ଚିମବଙ୍ଗର ପାଳି ବୋଲି ସେ କହିଛନ୍ତି। ସେହିପରି ସେ ଆନନ୍ଦପୁର ମୋମୋ କାରଖାନରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାରେ ୨୫ ଜଣଙ୍କ ଜୀବନ ଯାଇଥିବା ବେଳେ ୨୭ ଜଣ ନିଖୋଜ ଅଛନ୍ତି। ଏହି କାରଖାନ କାହର ଟଙ୍କାରେ ଚାଲିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଦୋଷୀମାନଙ୍କୁ ସରକାର ଘଣ୍ଟା ଘୋଡ଼ାଉଛନ୍ତି। ଏପ୍ରିଲରେ ବିଜେପି ସରକାର ଆସିଲେ, ଦୋଷୀମାନଙ୍କୁ ଖୋଜି ଖୋଜି ଜେଲ୍ ପଠାଇବୁ ବୋଲି ଶାହା କହିଛନ୍ତି।

## ଏପ୍‌ଷ୍ଟିନ ଫାଇଲ୍ସରେ ସିନେ ନିର୍ଦ୍ଦେଶିକା ମୀରା ନାୟାର

ୱାଶିଂଟନ, ୩୧।୧(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ବିଳମ୍ବିତ ରାତିରେ ଏପ୍‌ଷ୍ଟିନ ଯୌନ କାଣ୍ଡ ସହିତ ଜଡ଼ିତ ନୂତନ ଫାଇଲ ପ୍ରକାଶ କରିଛି। ଏଥିରେ ଜେଫ୍ରି ଏପଷ୍ଟିନ୍‌ଙ୍କ କିଛି ଇମେଲ୍ ଅନ୍ତର୍ଭୁକ୍ତ। ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ନ୍ୟୁୟର୍କ ସିଟି ମେୟର ଜୋହରାନ ମମଦାନୀଙ୍କ ମା' ମୀରା ନାୟାରଙ୍କ ନାମ ଏହି ଫାଇଲରେ ରହିଛି। ମୀରାଙ୍କ ସହିତ ଜଡ଼ିତ ଇମେଲ୍ ଆମେରିକୀୟ ଚଳଚ୍ଚିତ୍ର ପ୍ରଚାରକ ପେଗି ସିଗାଲ ୨୦୦୯ ଅକ୍ଟୋବର ୨୧ରେ ଏପଷ୍ଟିନଙ୍କୁ ପଠାଇଥିଲେ। ଏଥିରେ ପେଗି ସିଗାଲ ଲେଖିଛନ୍ତି ଯେ, ସେ ଘିସଲେନ ମ୍ୟାକ୍ସୱେଲ (ଏପଷ୍ଟାଇନ୍‌ଙ୍କ ପ୍ରେମିକା ଓ ଦୋଷୀ ସାବ୍ୟସ୍ତ ଅପରାଧୀ) ମାନହାସନ ଟାଉନ୍‌ହାଉସ୍‌ରେ ଆୟୋଜିତ ଏକ ଆଫ୍ଟର-ପାର୍ଟିରୁ ଫେରିଛନ୍ତି। ଏହି ନୂଆ ଫାଇଲଗୁଡ଼ିକରେ ୩୦ ଲକ୍ଷ ପୃଷ୍ଠା, ଏକ ଲକ୍ଷ ୮୦ ହଜାର ଫଟୋ ଏବଂ ୨ ହଜାରରୁ ଅଧିକ ଭିଡ଼ିଓ ସାମିଲ ରହିଛି। ମୀରା ନାୟାର ହେଉଛନ୍ତି ଜଣେ ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା, ଲେଖିକା ଓ ପ୍ରଯୋଜିକା। ୨୦୦୯ରେ ମୀରାଙ୍କ ନିର୍ଦ୍ଦେଶିତ ସିନେମା 'ଆମେଲିଆ' ପାଇଁ ମ୍ୟାକ୍ସୱେଲ ଖୁସିରେ ଘରେ ଏହି ପାର୍ଟି ଦେଇଥିଲେ। ଏହି ଆଫ୍ଟର ପାର୍ଟି ଏପଷ୍ଟିନଙ୍କ ସହଯୋଗୀ ଗିସଲେନ ମ୍ୟାକ୍ସୱେଲଙ୍କ ଘରେ ଆୟୋଜିତ ହୋଇଥିଲା। ପେଗି ସିଗାଲ ପଠାଇଥିବା ଇମେଲ୍‌ରେ ଏହି ପାର୍ଟି ବିଷୟରେ ଉଲ୍ଲେଖ କରାଯାଇଥିଲା। ଏଥିରେ ମୀରାଙ୍କ ସମେତ ବିଲ୍ କ୍ଲିଣ୍ଟନ ଏବଂ ଜେଫ୍ ବେଜୋସଙ୍କ ଭଳି ବଡ଼ ବଡ଼ ବ୍ୟକ୍ତି ଯୋଗ ଦେଇଥିବା କୁହାଯାଇଛି। ଏହି ଫାଇଲ ଅନୁସାରେ ଏପଷ୍ଟିନ ୨୦୧୨ ଓ ୨୦୧୩ରେ ଏଲନ ମସ୍କଙ୍କୁ ନିଜର ବେସରକାରୀ ଦ୍ୱୀପକୁ ବାରମ୍ବାର ନିମନ୍ତ୍ରଣ କରିଥିଲେ।

**■ ଯୌନ ଅପରାଧୀଙ୍କ ଘର ପାର୍ଟିକୁ ଯାଇଥିଲେ ମମ୍‌ଦାନୀଙ୍କ ମା' ମୀରା**
**■ ଋଷୀୟ ଯୁବତୀଙ୍କ ଠାରୁ ଯୌନ ସଂକ୍ରମିତ ହୋଇଥିଲେ ବିଲ୍ ଗେଟ୍ସ**

ଇମେଲ୍‌ରେ ହେଲିକପ୍ଟର ବ୍ୟବସ୍ଥା ଓ ୱାଇଲ୍ଡ ପାର୍ଟି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏପଷ୍ଟିନ ନାବାଳିକା ଝିଅଙ୍କୁ ପ୍ରତିଦିନ ଦୁଷ୍କର୍ମ କରୁଥିଲା ବୋଲି ଫାଇଲରୁ ମିଳିଥିବା କାଗଜପତ୍ରରେ ଉଲ୍ଲେଖ ଅଛି। କେବଳ ସେତିକି ନୁହେଁ, ଝିଅମାନଙ୍କୁ ନିଜନିଜ ସହ ଯୌନ ସମ୍ପର୍କ ରଖିବାକୁ ସେ ବାଧ କରୁଥିଲା। ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ ଗେଟ୍ସ ଋଷୀୟ ଝିଅଙ୍କଠାରୁ ଯୌନ ରୋଗରେ ସଂକ୍ରମିତ ହୋଇଥିଲେ ବୋଲି ମଧ ଉଲ୍ଲେଖ କରାଯାଇଛି। ଏପଷ୍ଟିନଙ୍କ ସହ ସମ୍ପର୍କକୁ ନେଇ ଗେଟ୍ସ ନିଜର ଅବଶୋସ ଜାହିର କରିସାରିଛନ୍ତି।

## ସମ୍ପତ୍ତି ପାଇଁ ବାପା-ମା, ଭଉଣୀକୁ ହତ୍ୟା

ବେଙ୍ଗାଲୁରୁ, ୩୧।୧(ଏଜେନ୍ସି): କର୍ଣ୍ଣାଟକର ବିଜୟ ନଗରରେ ଜଣେ ବ୍ୟକ୍ତି ନିଜ ବାପା-ମା ଓ ଭଉଣୀଙ୍କୁ ହତ୍ୟା କରିବାର ଖବର ସାମ୍ନାକୁ ଆସିଛି। ପୁଲିସ ଶନିବାର ଏହି ମାମଲାରେ ଜଣେ ୨୪ ବର୍ଷୀୟ ଯୁବକକୁ ଗିରଫ କରିଛି। ସମ୍ପତ୍ତି ପାଇଁ ସେ ଏହି କାଣ୍ଡ ଘଟାଇଥିଲା ବୋଲି ପୁଲିସ କହିଛି। ହତ୍ୟା କରିବା ପରେ ଅଭିଯୁକ୍ତ ୩ ଜଣଙ୍କ ଶବକୁ କୋଟ୍ଟୁରସ୍ଥିତ ସେମାନଙ୍କ ଭଡ଼ା ଘର ଭିତରରେ ପୋତି ଦେଇଥିଲା। ତିଳକନଗର ଥାନ ପୁଲିସ ମୃତଦେହଗୁଡ଼ିକୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଉଛି ଅକ୍ଷୟ କୁମାର। ହତ୍ୟା କରିବା ପରେ ଅକ୍ଷୟ ଥାନାରେ ୩ ଜଣ ନିଖୋଜ ହୋଇଥିବାର ଅଭିଯୋଗ କରିଥିଲା ଓ ବାପା-ମା ଓ ଭଉଣୀଙ୍କୁ ଖୋଜିବାର ନାଟକ କରିଥିଲା। କିନ୍ତୁ ତଦନ୍ତ ସମୟରେ ଅକ୍ଷୟ ନିଜର ବୟାନକୁ ବାରମ୍ବାର ବଦଳାଇଥିଲା। ଫଳରେ ପୁଲିସର ସନ୍ଦେହ ଘେରକୁ ଆସିଥିଲା। ପୁଲିସ କଠୋର ଭାବେ ପଚରା ଉଚରା କରିବା ପରେ ଅକ୍ଷୟ ବାପା ଭୀମରାଜ, ମା ଜୟଲକ୍ଷ୍ମୀ ଓ ଭଉଣୀ ଅମୃତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ହତ୍ୟାକାଣ୍ଡ ଜାନୁଆରୀ ୨୭ରେ ଘଟିଥିଲା। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## କଙ୍ଗୋ ଖଣିରେ ଭୂସ୍ଖଳନ; ୨୦୦ରୁ ଅଧିକ ମୃତ

କିନଶାସା, ୩୧।୧ (ଏଜେନ୍ସି): ପୂର୍ବ ଆଫ୍ରିକୀୟ ଦେଶ କଙ୍ଗୋର ଏକ ଖଣିରେ ଭୂସ୍ଖଳନ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି ଖଣି ଦୁର୍ଘଟଣା ଏବେ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତାର ବିଷୟ ପାଲଟିଛି। ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ (ଡିଆରସି)ର ନର୍ଥ କିଭୁ ପ୍ରଦେଶ ସ୍ଥିତ ରୁବାୟା କୋଲ୍ଟାନ ଖଣିରେ ଏହି ଭୟଙ୍କର ଭୂସ୍ଖଳନ ହୋଇଛି। ମୃତକଙ୍କ ମଧ୍ୟରେ ଶ୍ରମିକଙ୍କ ସମେତ ଶିଶୁ ଓ ସ୍ଥାନୀୟ ବଜାରରେ କାର୍ଯ୍ୟ କରୁଥିବା ମହିଳାମାନେ ସାମିଲ ଅଛନ୍ତି। ଏହି ଦୁର୍ଘଟଣା ବୁଧବାର ଦିନ ଘଟିଥିଲା। ଏପର୍ଯ୍ୟନ୍ତ ଭଗ୍ନାବଶେଷ ତଳୁ ମୃତଦେହ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି। ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ବହୁ ଲୋକ ଏବେ ବି ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଆହତ ହୋଇଥିବା ୨୦ ଜଣଙ୍କୁ ଚିକିତ୍ସା କରାଯାଉଛି ଓ ଏମାନଙ୍କ ମଧ୍ୟରୁ ଅଧିକାଂଶ ଗୁରୁତର ଅଛନ୍ତି। ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ପରିସ୍ଥିତରେ କରାଯାଉଛି। ରୁବାୟା ଖଣି ରାଜଧାନୀ ଗୋମାରୁ ପ୍ରାୟ ୬୦ କିମି ଦୂରରେ ଅବସ୍ଥିତ। ଏହି ଖଣି ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରୁ ବାହାରୁଥିବା କୋଲ୍ଟାନ ସାରା ବିଶ୍ୱରେ ବ୍ୟବହାର କରାଯାଏ। କୋଲ୍ଟାନରୁ ଟ୍ୟାଣ୍ଟଲାମ ନାମକ ଏକ ଧାତୁ ମିଳିଥାଏ, ଯାହା ମୋବାଇଲ ଫୋନ, କମ୍ପ୍ୟୁଟର, ଏରୋସ୍ପେଶ୍ ଉପକରଣ ଓ ଗ୍ୟାସ୍ ଟର୍ବାଇନ ଭଳି ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହୃତ ହୋଇଥାଏ। ଏହି ଦୁର୍ଘଟଣାର ପ୍ରଭାବ କେବଳ କଙ୍ଗୋରେ ସୀମିତ ରହିବ ନାହିଁ, ବରଂ ଗ୍ଲୋବାଲ ଇଲେକଟ୍ରୋନିକ୍ସ ଶିଳ୍ପ ଉପରେ ପ୍ରଭାବ ପକାଇବ।

## କାଳ ହେଲା ସମୁଦ୍ର ସ୍ନାନ

# ମହୋଦଧିରେ ଭାସି ମା’-ପୁଅ ମୃତ

ପୁରୀ, ୩୧।୧(ସମିସ): ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ବୁଲାବୁଲି ସାରିବା ପରେ ପୁଣି ଖୁସିରେ ଘରକୁ ଫେରିଥା’ନ୍ତେ। ହେଲେ ବିଧିର ବିଧାନ ଥିଲା ଅଲଗା। ପୁରୀ ସମୁଦ୍ରରେ ଛକି ବସିଥିଲା ମୃତ୍ୟୁ। ଗାଧୋଇବା ମା’-ପୁଅଙ୍କ ପାଇଁ ହୋଇଥିଲା କାଳ। ସମୁଦ୍ରରେ ଚାଲି ଯାଇଥିଲା ଦୁହିଁଙ୍କ ଜୀବନ। ମୃତ ମା’-ପୁଅ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ଶନିବାର ପୁରୀ ସମୁଦ୍ରରେ ଘଟିଥିଲା ଏଭଳି ଏକ ଅଘଟଣ।

କୁସୁମ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସାଙ୍ଗରେ ସ୍ୱାମୀଙ୍କ ସମେତ ପୁଅ ଅଙ୍କିତ ମଧ୍ୟ ଆସିଥିଲେ। ପୂର୍ବାହ୍ନରେ ସମସ୍ତେ ଚକ୍ରତୀର୍ଥ ରୋଡ୍ ପିଙ୍କ୍ ହାଉସ୍ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏହି ସମୟରେ କୁସୁମ ରିପ୍ କରେଣ୍ଟରେ ପଡ଼ି ଯାଇଥିଲେ। ସେ ବୁଡ଼ିଯାଇ ସମୁଦ୍ର ଭିତରକୁ ଟାଣି ହୋଇଯାଉଥିଲେ। ସମ୍ପର୍କୀୟମାନେ ଦେଖି ଡାକ ପକାଇଥିଲେ। ଆଖି ଆଗରେ ମା’ ବୁଡ଼ି ଯାଉଥିବା ଦେଖି ସମ୍ଭାଳିପାରି ନଥିଲା ପୁଅ ଅଙ୍କିତ। ମା’ଙ୍କୁ ବଞ୍ଚାଇବାକୁ ଯାଇ ସମୁଦ୍ର ଭିତରକୁ ଡେଇଁ ପଡ଼ିଥିଲେ। ହେଲେ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ିଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଚିତ୍କାର କରିବାରୁ ନିକଟରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ମା’-ପୁଅଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ।

**ବୁଡ଼ି ଯାଉଥିବା ମା’ଙ୍କୁ ଉଦ୍ଧାର ପାଇଁ ଡେଇଁ ପଡ଼ିଥିଲା ପୁଅ**

ସଙ୍ଗେସଙ୍ଗେ ଉଭୟଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ସମୁଦ୍ରକୂଳ ଥାନା ପୁଲିସ ଶବଦ୍ୱୟଙ୍କୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ମାନସ ଚକ୍ର କହିଛନ୍ତି। ତେବେ ଚକ୍ରତୀର୍ଥ, ପେଣ୍ଟକଟା ବେଳାଭୂମିରେ ପ୍ରଶାସନ ପକ୍ଷରୁ ଲାଇଫଗାର୍ଡ ମୁତୟନ ହୋଇ ନ ଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

# ସ୍କୁଲରେ ଝାଡ଼ାବାନ୍ତି; ଛାତ୍ରୀ ମୃତ

ବିଷମ କଟକ, ୩୧।୧ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପଞ୍ଚାୟତ ଅଞ୍ଚଳରେ ଥିବା ବାରିଗୁଡ଼ା ନଳିନୀ ବିଦ୍ୟାମନ୍ଦିର ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଝାଡ଼ାବାନ୍ତିରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶମ ଶ୍ରେଣୀର ବିନ୍ଦୁ ହିକାବାଡ଼ି ଓ ତୃତୀୟ ଛାତ୍ରୀ ଅଞ୍ଜଳି ହିକ୍କାଙ୍କ ଅବସ୍ଥା ସଙ୍କଟାପନ୍ନ

**୪୦ ଆକ୍ରାନ୍ତ; ୨ ସଙ୍କଟାପନ୍ନ**

ରହିଛି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତ ଛାତ୍ରୀଜଣଙ୍କ ଭାତପୁର ପଞ୍ଚାୟତ କନଡି ଗ୍ରାମ ରାଜେନ୍ଦ୍ର ଉର୍କାକାଙ୍କ ଝିଅ ବୋଲି ଜଣାପଡ଼ିଛି। ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରାନ୍ତ ଛାତ୍ରୀ ଓ ସେମାନଙ୍କ ଅଭିଭାବକ ସହ ଆଲୋଚନା କରିଛନ୍ତି। ଏଥିସହ ମେଡିକାଲ ଟିମ୍‌କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ମେଡିକାଲ ଟିମ୍ ଓ ବିଷମକଟକ ମେଡିକାଲ ଟିମ ବିଦ୍ୟାଳୟରେ ପହଞ୍ଚି କେଉଁ କାରଣରୁ ଏଭଳି ଝାଡ଼ାବାନ୍ତି ବ୍ୟାପୁଛି, ତାହାର ତଦନ୍ତ କରିଛନ୍ତି। ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ନଳିନୀ ବିଦ୍ୟାମନ୍ଦିରରେ ମୋଟ ୨୮୧ଜଣ ଛାତ୍ରୀ ଆଶ୍ରମରେ ରହି ଅଧ୍ୟୟନ କରୁଛନ୍ତି।

## ଅସୁରକ୍ଷିତ ଗୋପାଳପୁର ବେଳାଭୂମି

# ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳା ଗୃହରକ୍ଷୀଙ୍କୁ ଅସଦାଚରଣ

ବ୍ରହ୍ମପୁର, ୩୧।୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳା ଗୃହରକ୍ଷୀଙ୍କୁ ଅସଦାଚରଣ ଓ ଆକ୍ରମଣ। ଶୁକ୍ରବାର ଗୋପାଳପୁର ବେଳାଭୂମି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଏପରି ଏକ ସାଂଘାତିକ ଘଟଣା ଘଟିଛି। ଏହି ଘଟଣାରେ ଗୋପାଳପୁର ପୁଲିସ ଦୁଇ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ, ଚମାଖଣ୍ଡିର ଏନ୍. କେଶବ ରେଡ୍ଡୀ (୨୪) ଓ ହିଞ୍ଜିଳି ଶରଧାପୁର ଗ୍ରାମର ଅମର ସାହୁ (୩୦)। ଆଜି ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି।

ଶୁକ୍ରବାର ଗୋପାଳପୁର ବେଳାଭୂମି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରୁ ରଖି ଏବଂ ବେଳାଭୂମି ମହୋତ୍ସବ ଲାଗି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହୋତ୍ସବର ମୁକ୍ତାକାଶ ମଞ୍ଚ ନିକଟରେ କିଛି ମହିଳା ଗୃହରକ୍ଷୀ ସୁରକ୍ଷା ଦାୟିତ୍ୱ ତୁଲାଉଥିଲେ। ତେବେ ମୁଖ୍ୟମନ୍ତ୍ରୀ ଉତ୍ସବ ସ୍ଥାନ ଛାଡ଼ିବାର କିଛି ସମୟ ମଧ୍ୟରେ ଦୁଇଜଣ ଯୁବକ ଉକ୍ତ ସ୍ଥାନରେ ପହଞ୍ଚି ନିୟୋଜିତ ମହିଳା ହୋମଗାର୍ଡଙ୍କୁ ଅସଦାଚରଣ କରିବା ସହ ନିଜ ମୋବାଇଲରେ ସେମାନଙ୍କର ଭିଡିଓ କରିଥିଲେ। ବାରଣ କରିବାରୁ ସମ୍ପୃକ୍ତ ଯୁବକମାନେ ଜଣେ ହୋମଗାର୍ଡଙ୍କ ତଣ୍ଟି ଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏ ସଂପର୍କରେ ମହିଳା ଗୃହରକ୍ଷୀମାନେ ନିଜ

ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ ଗୁରୁତ୍ୱର ସହ ନେଇ ବେଳାଭୂମିରୁ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରିଥିଲେ। ଅସଦାଚରଣର ଶିକାର ମହିଳା ଗୃହରକ୍ଷୀମାନେ ୪ ଦିନ ତଳେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଗୋପାଳପୁର ଥାନା ଅଞ୍ଚଳରେ ଏକାଧିକ ଦୁଷ୍କର୍ମ ଘଟଣା ନଜରକୁ ଆସିଥିବା ବେଳେ ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ତାରିଖରେ ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ

**ଫଟୋ ଉଠାଇବାକୁ ବାରଣ କରିବାରୁ ତଣ୍ଟି ଚିପିଦେଲେ; ୨ ଗିରଫ**

କରାଯାଇଥିଲା। ସେତେବେଳେ ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡ଼ିଥିଲା। ଉକ୍ତ ଘଟଣାରେ ପୁଲିସ ୧୦ଜଣଙ୍କୁ ଗିରଫ କରିଥିଲେ ହେଁ ଉକ୍ତ ଥାନା ଅଞ୍ଚଳରେ ଏଭଳି ଘଟଣା ଥମିବାର ନାମ ନେଉନାହିଁ। ସେପଟେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାଳରେ ପୁଲିସର କଡା ସୁରକ୍ଷା ବ୍ୟବସ୍ଥାକୁ ଭ୍ରୂକ୍ଷେପ ନକରି କାର୍ଯ୍ୟରତ ମହିଳା ଗୃହରକ୍ଷୀଙ୍କୁ ଅସଦାଚରଣ କରି ଦୁର୍ବୃତ୍ତମାନେ ପୁଲିସକୁ ଖୋଲା ଚାଲେଞ୍ଜ ଦେବା ଭଳି ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

# ନବୀନଙ୍କୁ ଭେଟିଲେ ୧୫ ପୌର ପରିଷଦ ଅଧ୍ୟକ୍ଷ

ଭୁବନେଶ୍ୱର,୩୧।୧(ସମିସ): ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ପୌର ପରିଷଦ ମହାସଂଘ ପକ୍ଷରୁ ୧୫ଟି ପୌର ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା

- ■ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଂକୋଚନ ପାଇଁ ସରକାରୀ ନିର୍ଦ୍ଦେଶନାମାକୁ ବିରୋଧ
- ■ ନିର୍ବାଚିତ ପ୍ରତିନିଧିମାନଙ୍କୁ ନ୍ୟୂନ କରିବାକୁ ସରକାରଙ୍କ ଉଦ୍ୟମକୁ ନବୀନଙ୍କ ନାପସନ୍ଦ

ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଶନିବାର ପୂର୍ବାହ୍ନରେ ଏହି ସାକ୍ଷାତ ସମୟରେ ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ନୂତନ ପ୍ରଶାସନିକ ନିର୍ଦ୍ଦେଶନାମା ସମ୍ପର୍କରେ ମଧ୍ୟ ସେମାନେ ନବୀନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ପୌର ଅଧ୍ୟକ୍ଷ ମାନଙ୍କ କ୍ଷମତା ସଂକୁଚିତ କରାଯାଇଥିବାରୁ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ନବୀନଙ୍କୁ ଅବଗତ କରିଥିଲେ। ନିର୍ବାଚିତ ପୌର ପ୍ରତିନିଧିମାନଙ୍କ କ୍ଷମତାକୁ ପ୍ରଶାସନିକ ଆଦେଶ ବଳରେ ରାଜନୈତିକ ସୁବିଧା ପାଇଁ କ୍ଷୁଣ୍ଣ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ନାପସନ୍ଦ କରିଥିଲେ। ତେବେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସହ ରହି ଲୋକଙ୍କ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ତା ୫/୧/୨୬ ରିଖ ପତ୍ର ଅନୁଯାୟୀ ନିର୍ବାହୀ ଅଧିକାରୀମାନଙ୍କ ଆର୍ଥିକ କ୍ଷମତା ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ବିନା କାଉଣ୍ଟର ସାଇନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚେକ ପ୍ରଦାନ ଆଦି ଅଗଣତନ୍ତ୍ର ବିଭିନ୍ନ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନିର୍ବାଚିତ ପ୍ରତିନିଧିମାନେ ବିରୋଧ କରି ଆସୁଛନ୍ତି।

# କେ. ମୁରୁଗେସାନ୍ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନିଯୁକ୍ତ

ଭୁବନେଶ୍ୱର,୩୧।୧(ସମିସ): ୧୯୯୪ ବ୍ୟାଚର ବରିଷ୍ଠ ଆଇଏଫଏସ ଡ. କେ. ମୁରୁଗେସାନ୍‌ଙ୍କୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ଓ ରାଜ୍ୟ ବନ ବାହିନୀ ମୁଖ୍ୟ ଭାବେ ନିଯୁକ୍ତି ମିଳିଛି। ଏନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବାଲିଗୁଡ଼ା ହାତୀ ମୃତ୍ୟୁ ଘଟଣାରେ ଏସିଏଫ୍ ନିଲମ୍ବିତ

ଭୁବନେଶ୍ୱର,୩୧।୧(ସମିସ): ବାଲିଗୁଡ଼ା ବନଖଣ୍ଡ ଅଧୀନ ବେଲଘର ରେଞ୍ଜ୍ ଅଞ୍ଚଳରେ ହାତୀର ମୃତ୍ୟୁ ଘଟଣାରେ ବାଲିଗୁଡ଼ା ବନଖଣ୍ଡର ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ବିଭାଗ ନିଲମ୍ବନ କରିଛି। ଏହାସହ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୫ ତାରିଖରେ ହାତୀର ମୃତ୍ୟୁ ଘଟିଥିବା ବେଳେ କିଛି ବନ କର୍ମଚାରୀ ଉପରିସ୍ଥିତ ଅଧିକାରୀଙ୍କୁ ନ ଜଣାଇ ତାକୁ ୩୨ ଖଣ୍ଡରେ କାଟି ପୋତି ଦେଇଥିଲେ।

# ନବମ ଛାତ୍ରକୁ ହାଣିଲା ଦଶମ ଛାତ୍ର

ବାଲେଶ୍ୱର,୩୧।୧(ସମିସ): ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅପରାଧିକ କାର୍ଯ୍ୟକଳାପରେ ସ୍କୁଲ ଛାତ୍ର ମଧ୍ୟ ସାମିଲ ହେଲେଣି। ଦୁଇ ଦିନ ତଳେ ଶ୍ରୀଜଙ୍ଗସ୍ଥିତ ଏକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ଜବତ ହୋଇଥିବା ବେଳେ ଆଜି ରେମୁଣା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ର ଜଣେ ନବମ ଛାତ୍ରକୁ ଖଣ୍ଡାରେ ହାଣି ଥାନାରେ ଆତ୍ମସମର୍ପଣ କରିଛି। ଗୁରୁତର ଛାତ୍ରଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ଏ ସଂପର୍କରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ରେମୁଣା ଏନ୍ଏସି ଅନ୍ତର୍ଗତ ପିଏମଶ୍ରୀ ରେମୁଣା ହାଇସ୍କୁଲର ଆଜି ବାର୍ଷିକ ଉତ୍ସବ ଥିଲା। ସ୍କୁଲ ଭିତରେ ଜଣେ ଦଶମ ଶ୍ରେଣୀ ଛାତ୍ର ତା’ର ଜଣେ ସାଙ୍ଗ ମାଧ୍ୟମରେ ନବମ ଛାତ୍ରକୁ ଡକାଇଥିଲା। ପରେ ସେମାନେ ଉକ୍ତ ଛାତ୍ରଙ୍କୁ ସ୍କୁଲ ପରିସରରେ ଥିବା ଏକ ଭଙ୍ଗା ଶୌଚାଳୟ ନିକଟକୁ ନେଇଯାଇ ସେଠାରେ ଅତର୍କିତ ଆକ୍ରମଣ କରିଥିଲା। ପୂର୍ବରୁ ସେଠାରେ ରଖିଥିବା ଏକ ଖଣ୍ଡାରେ ନବମ ଛାତ୍ରଙ୍କୁ ହାଣି ପକାଇଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଏହା ଆସିବା ପରେ ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ, ଏହି ଆପରାଧିକ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଛାତ୍ରଜଣଙ୍କ ରେମୁଣା ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ ଘଟଣାସ୍ଥଳରୁ ଖଣ୍ଡାକୁ ଜବତ କରିଛି। ପ୍ରେମ ବ୍ୟାପାରକୁ ନେଇ ଏହି ହଣାକଟା ହୋଇଥିବା ଚର୍ଚ୍ଚା ହେଉଛି। ଗୁରୁତର ଆହତ ଛାତ୍ରଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## +୨ ପରୀକ୍ଷା ପ୍ରସ୍ତୁତି

# ପ୍ରଶ୍ନପତ୍ର ନେଇ ଯାଉଥିବା ଭ୍ୟାନ୍‌ରେ ଲାଗିବ ଜିପିଏସ୍

ଭୁବନେଶ୍ୱର, ୩୧।୧(ସମିସ): ଆଉ ମାତ୍ର ଦୁଇ ସପ୍ତାହ ପରେ +୨ ପରୀକ୍ଷା ଆରମ୍ଭ ହେବ। ଫେବୃଆରୀ ୧୮ରୁ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ପୂର୍ଣ୍ଣ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରଶ୍ନପତ୍ର ରଖିବାକୁ ପ୍ରସ୍ତୁତ ହୋଇଥିବା ହବ୍‌ରେ କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ କ୍ୟାମେରା ଲଗାଯିବ। ସେହିପରି ହବ୍‌କୁ ପ୍ରଶ୍ନପତ୍ର ନେଉଥିବା ଗାଡ଼ିରେ ପ୍ରଥମଥର ପାଇଁ ଜିପିଏସ୍ ଲଗାଇବାକୁ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ଯେପରି ଲିକ୍ ନ ହେବ ବା ଯୋଗାଣରେ କୌଣସି ବିଭ୍ରାଟ ନ ହେବ ସେଥିପାଇଁ ସିଏଚ୍ଏସ୍‌ଇ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ରଖିଛନ୍ତି।

ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ଓ ଠିକଣା ସମୟରେ ହବ୍‌ରେ ପହଞ୍ଚାଇବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ପ୍ରିଣ୍ଟିଂ ପ୍ରେସ୍‌ରୁ ହବ୍‌କୁ ପ୍ରଶ୍ନପତ୍ର ନେଉଥିବା ଗାଡ଼ିରେ ଜିପିଏସ୍ ଲଗାଇବାକୁ ପରିଷଦ ନିଷ୍ପତ୍ତି ନେଇଛି। କେଉଁ ରାସ୍ତାରେ ଗାଡ଼ି ଯାଉଛି ଓ କେଉଁଠାରେ କେତେ ସମୟ ରହୁଛି, ତାକୁ ପରିଷଦ କାର୍ଯ୍ୟାଳୟରୁ ନିରୀକ୍ଷଣ କରାଯିବ। ଆବଶ୍ୟକତା ଠାରୁ ଅଧିକ ସମୟ ଗାଡ଼ି ଅଟକିଲେ ବା ବିନା ଅନୁମତିରେ ରହିଲେ କର୍ତ୍ତୃପକ୍ଷ ତତ୍‌କ୍ଷଣାତ ପଦକ୍ଷେପ ନେବେ। ପ୍ରଶ୍ନପତ୍ର ଯେପରି ଲିକ୍ ନ ହେବ ସେଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି।

**ହବ୍‌ରେ ଲାଗିବ ଏଆଇ କ୍ୟାମେରା**

ପ୍ରଶ୍ନପତ୍ର ପହଞ୍ଚିବା ପରେ ହବ୍‌ରେ ସୁରକ୍ଷିତ ଭାବେ ରଖାଯିବ। ହବ୍‌ରେ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ଏଆଇ ପରିଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ଷ୍ଟ୍ରଙ୍ଗ ରୁମ୍ ଭିତରେ କୌଣସି ପ୍ରକାର ହଲଚଲ ହେଲେ ଏଆଇ ତୁରନ୍ତ ପରିଷଦ କାର୍ଯ୍ୟାଳୟକୁ ସୂଚନା ପହଞ୍ଚିବ। ଏପରିକି ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଅନୁରୂପ ଭାବେ ପରୀକ୍ଷାରେ କପି ରୋକିବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା ହଲ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି। ସମସ୍ତ ସିସିଟିଭି କ୍ୟାମେରାକୁ ପରିଷଦ କାର୍ଯ୍ୟାଳୟରେ ହୋଇଥିବା ପରୀକ୍ଷା ନିୟନ୍ତ୍ରଣ କକ୍ଷରେ ଡିସପ୍ଲେ କରାଯିବ। ଅଭିଯୋଗ ଆସୁଥିବା ବିଦ୍ୟାଳୟର ସିସିଟିଭିକୁ ଏଠାରୁ ପର୍ଯ୍ୟବେକ୍ଷମ କରାଯିବ। କୌଣସି ପିଲା କପି କରୁଥିଲେ ବା ପରୀକ୍ଷା ନିରୀକ୍ଷକ କୌଣସି ଅସଙ୍ଗତି କାର୍ଯ୍ୟ କରୁଥିବା ଦେଖାଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ପରୀକ୍ଷା ହଲ୍‌ରେ କପି ଯାଞ୍ଚ କରିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମୃତୟନ ହେଉଥିବାବେଳେ ଏ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରି କପି ଯାଞ୍ଚ କରିବେ। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୧ ହଜାର ୬୨୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ତନ୍ମଧ୍ୟରେ ପ୍ରାୟ ୨୫ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି।

## ହବ୍‌ରେ ୧୨ରୁ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର, ୩୧।୧(ସମିସ): ଯୁକ୍ତ ୨ ପରୀକ୍ଷା ପାଇଁ ଦୁଇଟି ପର୍ଯ୍ୟାୟରେ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବ। ମୋଟ୍ ୨୧୧ ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍ଏଚ୍ଏସ୍) ହୋଇଥିବାବେଳେ ଆସନ୍ତା ୧୨ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର ପ୍ରେରଣ କରାଯିବ। ୧୫ ତାରିଖ ସୁଦ୍ଧା ସମସ୍ତ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବ। ସେହିପରି ମାର୍ଚ୍ଚ ୪ ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯିବାକୁ ଥିବାବେଳେ ୭ ତାରିଖ ସୁଦ୍ଧା ପହଞ୍ଚିବ। ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ସମସ୍ତ ହବ୍‌ର ସୁପରିଟେଣ୍ଡେଣ୍ଟଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପକ୍ଷରୁ ଶନିବାର ଅବଗତ କରାଯାଇଛି।

ହବ୍‌ରେ ପ୍ରଶ୍ନପତ୍ର ଗ୍ରହଣ କରିବା ସମୟରେ ଓ ଏହା ପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସିସିଟିଭି ଲାଗିଥିବା ଅଞ୍ଚଳରେ ହିଁ ପ୍ରଶ୍ନପତ୍ର ହସ୍ତାନ୍ତର କରାଯିବ। ପ୍ରଶ୍ନପତ୍ର ଗ୍ରହଣ କରିବା ପୂର୍ବରୁ ସିଏଚ୍ଏସ୍‌ଇ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମେଳ କରିବା ଆବଶ୍ୟକ। ହବ୍‌ର ସମସ୍ତ ପାୱାର୍ ବନ୍ଦ ଥିବା ବାଧ୍ୟତାମୂଳକ କରିବା ସହ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ ଏହାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସ୍ଥାନୀୟ ପ୍ରଶାସନ ସହିତ ପୁଲିସ ଆଇଆଇସିଙ୍କୁ ଆବଶ୍ୟକ ସୁରକ୍ଷା ସମ୍ପର୍କରେ ଅବଗତ କରି ସୁରକ୍ଷା ସୁନିଶ୍ଚିତ କରିବେ। ଅନ୍ତରିଣ ଓ ବାହ୍ୟ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବନ୍ଧୁକଧାରୀ ପୁଲିସ୍ ରହିବେ। ପରୀକ୍ଷା ସରିବା ଯାଏଁ ବନ୍ଧୁକଧାରୀଙ୍କ ସୁରକ୍ଷାରେ ପ୍ରଶ୍ନପତ୍ର ରହିବ। ଏହାସହ ୨୪ ଘଣ୍ଟିଆ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଏକ ମୋବାଇଲ୍ ନମ୍ବର ପ୍ରଦାନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୩୧।୧ (ସମିସ): ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅନ୍ୟ ଅଧିକାରୀ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ବେଳେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ବିଜୟକୃଷ୍ଣ ପ୍ରଧାନଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପ୍ରତିପକ୍ଷ ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝର ଡିଇଓଙ୍କୁ ପୁଲିସ ମାଧ୍ୟମରେ ନୋଟିସ ଜାରି କରିଛନ୍ତି ଅଦାଲତ। ତେବେ ପୂର୍ବ ନିର୍ଦ୍ଦେଶ ପାଳନ କରାଯିବା ସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରାଗଲେ ପ୍ରତିପକ୍ଷ ହାଜର ହେବା ଆବଶ୍ୟକ ପଡ଼ିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରି ୧୩କୁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ କେନ୍ଦୁଝରର ଏକ ସ୍କୁଲରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ସପକ୍ଷରେ ହାଇକୋର୍ଟ ୨୦୨୫ ଡିସେମ୍ବର ୮ ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଳନ କ୍ଷେତ୍ରରେ କର୍ତ୍ତୃପକ୍ଷ ଅବହେଳା କରିଥିବା ଅଭିଯୋଗ କରି ଉପରୋକ୍ତ ଅଦାଲତ ଅବମାନନା ମାମଲା ଦାୟର ହୋଇଛି।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

# ପୁରୀବାସୀଙ୍କ କଟା ଘା’ରେ ସରକାରଙ୍କ ଚୂନ

ପୁରୀ, ୩୧।୧(ସମିସ): ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପୁରୀବାସୀଙ୍କ କଟା ଘା’ରେ ଚୂନ ସଦୃଶ ହୋଇଛି। ନିକଟରେ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ନୂଆ ଯୋଜନା ଆଣିଛନ୍ତି। ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ। ୬୦ରୁ ୭୫ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ। ଖୁବ୍‌ଶୀଘ୍ର ଆରମ୍ଭ ହେବ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ଚିଠି ଦେଇଛି। ପ୍ରାୟ ୩୫ହଜାର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତସ୍ତରରେ ହିତାଧିକାରୀ ଚୂଡ଼ାନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପରିଣତ ବୟସରେ ପହଞ୍ଚିଥିବା ବରିଷ୍ଠ ନାଗରିକ ଏହାଦ୍ୱାରା ଉପକୃତ ହେବେ। କିନ୍ତୁ, ୭/୮ ମାସ ହେବ ସେମାନଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ପୁରୀବାସୀ ଦାବି କରିଆସୁଛନ୍ତି। ହେଲେ ସରକାର ଶୁଣୁନାହାନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସହରବାସୀ।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉ ନାହାନ୍ତି। ସମୟ ଥିଲା, ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ, କିଛି ବର୍ଷ ହେବ ଏଭଳି ସୁଯୋଗ ଆଉ ନାହିଁ। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ଯେ ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା’ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟିଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ତେଣୁ, ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ଭୁବନେଶ୍ୱରଠାରୁ ଆରମ୍ଭ କରି ଦିଲ୍ଲୀରେ ବି ଉଠିଛି। ଏଥିପାଇଁ ଗଠିତ ମଞ୍ଚ ପୁରୀରେ ଦୀପଦାନ, ଧାରଣା, ନିରବ ପ୍ରତିବାଦ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଦାବି ଜଣାଇଥିଲେ। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପି ମଧ୍ୟ ଉପସ୍ଥିତ ଥିଲେ। ଆଇନମନ୍ତ୍ରୀ କହିଥିଲେ ଯେ ଖୁବ୍‌ଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଶଦ୍ ଆଲୋଚନା ହେବ। ନୂଆବର୍ଷ ଉପଲକ୍ଷେ ଲକ୍ଷଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀ ଆସିବେ। ନୂଆବର୍ଷ ପରେ ଖୁବ୍‌ଶୀଘ୍ର ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ଇତିମଧ୍ୟରେ ନୂଆବର୍ଷ ଯାଇ ଜାନୁଆରୀ ମାସ ସରିଗଲାଣି। ହେଲେ ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ଗୋଟିଏ ଦିନରେ ବୈଠକ ଡାକି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏସ୍ଓପି ପ୍ରସ୍ତୁତ ଦାୟିତ୍ୱ ଦେଇଥିବା ବେଳେ ଏବେ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ। ୬୦ରୁ ୭୫ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ ବୋଲି ଘୋଷଣା କରିଛନ୍ତି।

ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା ଏକ ଭଲ ପଦକ୍ଷେପ। କିନ୍ତୁ, ବର୍ଷତମାମ ଯେଉଁ ପୁରୀବାସୀ ସରକାର ଏବଂ ପ୍ରଶାସନକୁ ସବୁକ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ଆସୁଛନ୍ତି, ସେମାନଙ୍କ ଦାବି ପ୍ରତି ଅଣଦେଖା କାହିଁକି? ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ପୁରୀବାସୀଙ୍କ କଟା ଘା’ରେ ଚୂନ ଲଗାଇବା ଭଳି ହୋଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ୩ ଆଇଏଏସଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟା

ଭୁବନେଶ୍ୱର, ୩୧।୧ (ସମିସ): ରାଜ୍ୟର ୩ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ୧୯୯୬ ବ୍ୟାଚର ଶାଶ୍ୱତ ମିଶ୍ର, ବିଶାଳ କୁମାର ଦେବ ଓ ଉଷା ପାଢ଼ୀଙ୍କୁ ଏହି ପଦୋନ୍ନତି ମିଳିଛି। ଶନିବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏତଦ୍ ବ୍ୟତୀତ କେନ୍ଦ୍ରୀୟ ଡେପୁଟେସନରେ ଥିବା ସମାନ ବ୍ୟାଚର ଆଇଏଏସ ବୀର ବିକ୍ରମ ଯାଦବଙ୍କୁ ମଧ୍ୟ ପଦୋନ୍ନତି ମିଳିଛି। ତାଙ୍କୁ ସର୍ବୋଚ୍ଚ ଗ୍ରେଡ ଅର୍ଥାତ୍ ଲେଭୁଲ୍-୧୭କୁ ପଦୋନ୍ନତି ମିଳିଥିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୧୯୯୫ ବ୍ୟାଚର ଆଇଏଏସ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ(ଟ୍ରେନିଂ କୋର୍ଡିନେସନ) ଭାବରେ ସାମୟିକ ସମୟ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇଏଏସ ସରୋଜ କୁମାର ସେଠୀଙ୍କୁ ଶିକ୍ଷ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।

# ଜନ ଆରୋଗ୍ୟ ସମିତିର ଜିଲ୍ଲାସ୍ତରୀୟ ସମ୍ମିଳନୀ

**ଅନୁଗୋଳ,୩୧ ।୧(ସମିସ):** ୨୦୨୫-୨୬ ବର୍ଷ ପାଇଁ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଗୋଳ ସଭାଗୃହରେ ଅନୁଷ୍ଠିତ ହୋଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଅତିଥି ଭାବେ ଯୋଗଦେଇ କହିଲେ, ବିଭିନ୍ନ ଯୋଜନା ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ଉଦ୍ୟମ ପ୍ରଶଂସନୀୟ। ଖରା, ବର୍ଷା, ଶୀତରେ ମଧ୍ୟ ଆଶାଦିଦିଙ୍କ ସେବା ମନୋଭାବ ଯୋଗୁଁ ସୁରକ୍ଷିତ ମାତୃତ୍ୱ କାର୍ଯ୍ୟକ୍ରମ ସଫଳତା ପାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଓ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀମାନେ ଯଥାର୍ଥରେ ସମାଜକୁ ଆଶାର କିରଣ ପ୍ରଦାନ କରିବା ସହ ବହୁ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି କହିଥିଲେ। କନ୍ୟା ଭ୍ରୂଣହତ୍ୟା ଭଳି ଘୃଣ୍ୟ କାର୍ଯ୍ୟ ବନ୍ଦ ପାଇଁ ସମସ୍ତେ ଆଗେଇ ଆସିବାକୁ ନିବେଦନ କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନମୋହନ ପ୍ରଧାନ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀର ଉଦ୍ଦେଶ୍ୟ ଓ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ ବହୁମୂଲ୍ୟ ସେବା କରିଥିବା ୧୭ ଜଣ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ୮ଟି ଗାଁ କଲ୍ୟାଣ ସମିତି, ୮ଟି ଜନ ଆରୋଗ୍ୟ ସମିତି, ସହରାଞ୍ଚଳର ୨୨ଟି ମହିଳା ଆରୋଗ୍ୟ ସମିତି ସହ ଗୁଣବତ୍ତା ଆକଳନରେ କୃତିତ୍ୱ ପାଇଥିବା ବିଭିନ୍ନ ବ୍ଲକର ୪୦ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଙ୍କର୍ଷଣ ଗାଆଣ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳିକା ସୌମ୍ୟାରାଣୀ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ସୌମ୍ୟାରାଣୀ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ସଚେତନତା ଧର୍ମୀ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଜିଲ୍ଲା ଆଶା ପରିଚାଳିକା ବିକାଶିନୀ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ କୁଇଜ କାର୍ଯ୍ୟକ୍ରମ ସହ ପ୍ରଦର୍ଶନୀ ମଣ୍ଡପ ମାନ ଖୋଲାଯାଇଥିଲା। ଆଶାକର୍ମୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଜନସଞ୍ଚାର ଅଧିକାରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁରଙ୍ଗ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅନୁଗୋଳ,୩୧ ।୧(ସମିସ):** ବଅଁରପାଳ ବ୍ଲକ ତୁରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ବ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ ଯୋଗଦେଇ ସମୟର ସଦୁପଯୋଗ କରିବା, ପାଠପଢ଼ା ସାଙ୍ଗକୁ ରୁଚି ଅନୁସାରେ ନିର୍ଦ୍ଦିଷ୍ଟ ଦିଗରେ ଏକ ନମ୍ବର ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଅଁରପାଳ ଏବିଇଓ ସୁଶୀଲ କୁମାର ନାଏକ ଯୋଗଦେଇ ସବୁବେଳେ ସକାରାତ୍ମକ ଚିନ୍ତା ରଖି କିଛି ଅଲଗା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏବିଇଓ ସୁଷମା ପଟ୍ଟନାୟକ, ବିଆରଟି ମଧୁସୂଦନ ସାହୁ, ସିଆରସିସି କୁମୁଦ ଚନ୍ଦ୍ର ଭୋଇ, କିଶୋର ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟୁକୁନ କୁମାର ସାମଲ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସନ୍ତୋଷ କୁମାର ଥମ୍ବ ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ଶଶାଙ୍କ ଶେଖର ନାଥ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଖେଳକୁଦ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ପୂଜା ବେହେରା ଓ ସ୍ୱାଗତୀ ଶୁଭଦର୍ଶିନୀ ମଞ୍ଚ ତଥା ପୁରସ୍କାର ବିତରଣ କାର୍ଯ୍ୟ ପରିଚାଳନା କରିଥିଲେ। ସସ୍ମିତା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ, ବୀଣାପାଣି ସାହୁ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଳଚେର ମାଟି ଦବିବା ଘଟଣା
# ସାଂସଦଙ୍କ ଉଦବେଗ

**ଅନୁଗୋଳ,୩୧ ।୧(ସମିସ):** ତାଳଚେର ସହର ହାଣ୍ଡିଧୂଆଁ ଅଞ୍ଚଳରେ ମାଟି ଦବି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ବାରମ୍ବାର ଏଭଳି ଘଟଣା ଘଟିଛି। ଏ ନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଉଦବେଗ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ସେହିପରି ଅନୁଗୋଳ ଜିଲ୍ଲାପାଳ ଅବଦଲ ମହମଦ ଅଖତାରଙ୍କ ସହ ମଧ୍ୟ କଥା ହୋଇଛନ୍ତି ସାଂସଦ। ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେଇ ରାଜ୍ୟ ଜିଓଲୋଜି ବିଭାଗକୁ ପତ୍ର ଲେଖି ଜଣାଇଛନ୍ତି। ସାଂସଦ ଏମସିଏଲର ସିଏମଡି ଅନନ୍ତ ଉଦୟ କାଓଲେଙ୍କ ସହ କଥା ହୋଇଛନ୍ତି। ସିଏମଡି ସିଏମପିଡିଆଇ ଏବଂ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ସାଂସଦଙ୍କୁ କହିଛନ୍ତି। ସେହି ସ୍ଥାନରେ ବାଲି ମାଟି ପକାଇ ସମତଳ କାର୍ଯ୍ୟ କରାଯାଉଛି ବୋଲି ଏମସିଏଲ ପ୍ରକାଶ କରିଛି। ବର୍ତ୍ତମାନ ପାର୍ଲାମେଣ୍ଟ ଚାଲୁଥିବାରୁ ସାଂସଦ ଏହି ସମସ୍ୟାକୁ ସଂସଦରେ ଉଠାଇବା ସହ ବିଭାଗୀୟ ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଇବେ ବୋଲି ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୩୧ ।୧(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ନୁନୁକାପସି ପଞ୍ଚାୟତ ଅଞ୍ଚଳର ଡଲି ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ବନ୍ତଳା ଥାନା ବାସଲା ମୁଣ୍ଡାଡିପ ସାହିର ଅସିତ କୁମାର ସାହୁ ଓ ଶାଶୂ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଶୁକ୍ରବାର ଡଲି ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ଡଲି ୨୦୨୪ରେ ଅସିତଙ୍କୁ ବିବାହ କରିଥିଲେ। ହେଲେ ବିବାହର ୧୫ ଦିନ ପରେ ତାଙ୍କୁ ୨ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଦାବି କରିବା ସହ ନିର୍ଯାତନା ଦିଆଯାଉଛି। ଏପରି କି ଅନେକ ସମୟରେ ବିନା କାରଣରେ ତାଙ୍କୁ ମାଡ଼ ମରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି।

# ମଦ ଜବତ; ଦୁଇ ଗିରଫ

**ବଇଣ୍ଡା,୩୧ ।୧(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ପୁଲିସ ଶୁକ୍ରବାର ପାପସରା ଗ୍ରାମରେ ଚଢ଼ଉ କରି ବେଆଇନ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଗ୍ରାମର ସବିତା ପ୍ରଧାନଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୦ ଲିଟର ମହୁଲି ମଦ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି କିଶୋରନଗର ଥାନା ପୁଲିସ କସ୍ତୁରୀବାହାଳ ଗ୍ରାମର ଗଜେନ୍ଦ୍ର ସାହୁଙ୍କ ଠାରୁ ୭ ଲିଟର ମହୁଲି ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବେ ଘରେ ମଦ ବିକ୍ରି କରୁଥିଲେ।

## ରାଜ୍ୟସ୍ତରୀୟ କୃଷି ଓଡ଼ିଶା-୨୦୨୬
# ତଳଗଡ଼ ସଚିନା ଉତ୍ପାଦକ ଗୋଷ୍ଠୀ ପୁରସ୍କୃତ

**ଅନୁଗୋଳ,୩୧ ।୧(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କୃଷି ଓଡ଼ିଶା-୨୦୨୬ର ଉଦଯାପନୀ ଉତ୍ସବରେ ଶନିବାର ଅନୁଗୋଳ ଜିଲ୍ଲା ବନ୍ତଳା ଅଞ୍ଚଳ ତଳଗଡ଼ ସଚିନା ଉତ୍ପାଦକ ଗୋଷ୍ଠୀକୁ ମିଳିଛି ଟ୍ରଫି ସହ ମାନପତ୍ର। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ତମ ଚାଷ, ଉନ୍ନତ ଜ୍ଞାନକୌଶଳରେ ଚାଷ କରିବା, ଉତ୍ତମ ଜଳବୁନ୍ଦା ସିଞ୍ଚନ ପ୍ରଣାଳୀରେ ଚାଷ କରି ଅଧିକରୁ ଅଧିକ ଉତ୍ପାଦନ କରି ପରିବାରକୁ ସ୍ୱାବଲମ୍ବୀ କରିଥିବାରୁ ଏହି ଉତ୍ପାଦକ ଗୋଷ୍ଠୀ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାରୀ କରିଛି। ଅତିଥି ଭାବେ ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଆଇଏଫଏସ କାଲୁଙ୍ଗେ ୱାମାନ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ତଳଗଡ଼ ସଚିନା ମହିଳା ଉତ୍ପାଦକ ଗୋଷ୍ଠୀର ସଭାନେତ୍ରୀ ପ୍ରଣତି ବେହେରା, ଅନୁଗୋଳ ବ୍ଲକ ସିଡି ଅନୁଷ୍ଠାନର ପ୍ରୋଜେକ୍ଟ ମ୍ୟାନେଜର ନରେନ୍ଦ୍ର ସେଠୀ, ସିସି ବିପିନ ବିହାରୀ ସାହୁ ଓ ତପସ୍ୱିନୀ ସାହୁ ପ୍ରମୁଖ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ୨୩ତମ ତାଳଚେର ପୁସ୍ତକ ମେଳା ଉଦଯାପିତ

**ତାଳଚେର,୩୧ ।୧(ସମିସ):** ସ୍ଥାନୀୟ ଦେଉଳବେଡ଼ା ଦୁର୍ଗା ମଣ୍ଡପ ପରିସରରେ ୨୩ତମ ତାଳଚେର ପୁସ୍ତକ ମେଳା ଜାନୁଆରୀ ୨୩ ପବିତ୍ର ସରସ୍ୱତୀ ପୂଜା, ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରୁ ଆରମ୍ଭ ହୋଇ ଶୁକ୍ରବାର ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ଉଦଯାପିତ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ପୁସ୍ତକ ମେଳାର ସଭାପତି ତଥା ଉପ ଜିଲ୍ଲାପାଳ ସମୀର କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେଇ ତାଳଚେର ପୁସ୍ତକ ମେଳା କ୍ରମାଗତ ଭାବେ ଲୋକଙ୍କ ମନକୁ ଛୁଇଁବା ସହ ଏକ ଲୋକ ମହୋତ୍ସବରେ ପରିଣତ ହୋଇଛି ବୋଲି କହିଥିଲେ। ଉପସଭାପତି ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। କଂଗ୍ରେସ ନେତା କେଶବ ଭୂତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଧାରଣ ସମ୍ପାଦକ ଦେବୀ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ତାଳଚେର ଅଞ୍ଚଳର କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଡାକ୍ତର ପଟେଲଙ୍କୁ ଜାମିନ

**କଣିହାଁ,୩୧ ।୧(ସମିସ):** ଜାନୁଆରୀ ୧୫ରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁମନ୍ତ ପଟେଲଙ୍କୁ ଶୁକ୍ରବାର କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଡା. ପଟେଲ ଜେଲରୁ ମୁକୁଳିବା ପରେ ଶନିବାର ତାଳଚେର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କୁ ଦର୍ଶନ କରି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଏଠାରେ ଅନେକ ଶୁଭେଚ୍ଛୁ ଓ ଜନସାଧାରଣ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ଚକ୍ରାନ୍ତ କରି ଫସାଇ ଦିଆଯାଇଥିବା ଡାକ୍ତର ପଟେଲ କହିଥିଲେ।

# ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଅନୁଗୋଳ,୩୧ ।୧(ସମିସ):** ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ଚିକିତ୍ସକ ଡା. ଘନଶ୍ୟାମ ବେହେରା ଜାନୁଆରୀ ୩୧ ତାରିଖ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୯ ବର୍ଷ ହେବ ଏଠାରେ କାର୍ଯ୍ୟରତ ଡା. ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ସଭାରେ ଡା. ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଅମଲା କବିତା ବେହେରା, ବିପିଏମ ରୋଜାଲିନ ସାହୁ,

ଦେବାଶିଷ ମିଶ୍ର, ଡା. ସତ୍ୟନାରାୟଣ ସାହୁ, ଡା. ଜୟନ୍ତ ବେହେରା, ଡା. ଅଙ୍କିତା ପ୍ରିୟଦର୍ଶିନୀ ପ୍ରମୁଖଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆହତ ଷଣ୍ଢର ଚିକିତ୍ସା କରାଇଲେ ଯୁବଗୋଷ୍ଠୀ

**ଛେଣ୍ଡିପଦା,୩୧ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ବାମନାଳି ଗାଁରେ ବୁଲୁଥିବା ଏକ ଷଣ୍ଢ କୌଣସି କାରଣରୁ ଆହତ ହୋଇ ୭ ଦିନ ଧରି ଗଭୀର କଷ୍ଟ ଭୋଗୁଥିଲା। ଏ ବିଷୟରେ ଖବର ପାଇ ଜୟ ଶ୍ରୀରାମ ଯୁବକ ସଂଘ ସଭାପତି ପ୍ରଭାସ ଚନ୍ଦ୍ର ଗଡ଼ନାୟକ, ରଞ୍ଜନ କୁମାର ମାଝୀ, ସୁମନ୍ତ ମାଝୀ, ସୁକାନ୍ତ ମାଝୀ, ପ୍ରଫୁଲ୍ଲ ମାଝୀ ଓ ଅନ୍ୟାନ୍ୟ ସଦସ୍ୟମାନେ ପ୍ରାଣୀ ଚିକିତ୍ସକଙ୍କୁ ଡାକି ଷଣ୍ଢର ଚିକିତ୍ସା କରାଇଛନ୍ତି। ଯୁବଗୋଷ୍ଠୀଙ୍କ ଏହି ପଦକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ୪ ବର୍ଷ ପରେ ଚାଲୁ ହେଲା ବିଦ୍ୟୁତ୍ ଚାଳିତ ଶବଦାହ ଚୁଲା

**ଅନୁଗୋଳ,୩୧ ।୧(ସମିସ):** କରଡ଼ାଗାଡ଼ିଆ ଶ୍ମଶାନରେ ଗତ ପ୍ରାୟ ଚାରି ବର୍ଷ ଧରି ଖତ ଖାଉଥିବା ବିଦ୍ୟୁତ୍ ଚାଳିତ ଶବଦାହ ଚୁଲାର ଶୁକ୍ରବାର ଟ୍ରାଏଲ ରନ୍ ବା ପୂର୍ବ ପରୀକ୍ଷଣ କରାଯାଇଛି। ପୂର୍ବ ସରକାର ସମୟରେ କିଣା ଯାଇଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଏହି ଚୁଲାକୁ କର୍ତ୍ତୃପକ୍ଷ ସେମିତି ପକାଇ ରଖିଥିଲେ। ନିକଟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହାକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପଦକ୍ଷେପ ନିଆଯାଇଥିଲା। କମ୍ପାନୀ ଇଞ୍ଜିନିୟର ଆସି ଚୁଲା ଚାଲୁ କରିବାସହ ଅନୁଗୋଳ ପୌରପାଳିକାର ଜଣେ କର୍ମଚାରୀଙ୍କୁ ତାଲିମ ମଧ୍ୟ ଦେଇଥିଲେ। ଏ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ଏଣିକି ଚୁଲା ନିୟମିତ ଚଳାଯିବ। ଏଥିସହ ଶ୍ମଶାନର ଉନ୍ନତୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଶ୍ମଶାନରେ କାଠ ଅଭାବ ହେତୁ ଶବଦାହ ପାଇଁ ସମସ୍ୟା ଦେଖା ଦେଇଥିଲା। ବେଳେବେଳେ କାଠ ପରିବର୍ତ୍ତେ ଘଷି ମଧ୍ୟ ବ୍ୟବହାର କରାଯାଉଥିଲା। ବିଦ୍ୟୁତ୍ ଶବଦାହ ଚୁଲା କାର୍ଯ୍ୟକ୍ଷମ ହେବା ପରେ ଆଉ ସେ ସମସ୍ୟା ରହିବ ନାହିଁ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ହନୁମାନପୁରରେ ଜଳ ଅର୍ପଣ ଦିବସ

**କଣିହାଁ,୩୧ ।୧(ସମିସ):** ଅନୁଗୋଳ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ କଣିହାଁ ବ୍ଲକ ହନୁମାନର ପଞ୍ଚାୟତରେ ଜଳ ଅର୍ପଣ ଦିବସ ଓ ଜଳ ବନ୍ଧନ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ଅନୁଗୋଳ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ପୂର୍ବତନ ସରପଞ୍ଚ ବିନୟ ପ୍ରଧାନ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ଚଟିନ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଥମେ ଜଳବନ୍ଧନ ସହ ୫୦କିଲୋ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଲୋକାର୍ପଣ କରିଥିଲେ। ପରେ ଆୟୋଜିତ ସଧାରଣ ସଭାରେ ମୁଖ୍ୟଅତିଥି ମହାନ୍ତି ଜଳ ଅପଚୟ ନ କରିବାକୁ ପରାମର୍ଶ ଦେବାସହ ସଂକଳ୍ପ କରାଇଥିଲେ। ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓ ସରୋଜ କୁମାର ପ୍ରଧାନଙ୍କ ସଂଯୋଜନାରେ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥଲେ। ପରେ ବିଧାୟକ ତାଳପଦା ପଞ୍ଚାୟତଠାରେ ୟୁକୋ ବ୍ୟାଙ୍କ ସୁବିଧା କେନ୍ଦ୍ର ଉଦଘାଟନ କରିବା ସହ ଦୁର୍ଗାପୁରରେ ବ୍ରହ୍ମାକୁମାରୀ ପାଠଶାଳା ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବାଦିବାହାଲ ସେବାଶ୍ରମର ବାର୍ଷିକୋତ୍ସବ
# 'ଜୀବନରେ ସଫଳ ହେବା ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ'

**କିଶୋରନଗର,୩୧ ।୧(ସମିସ):** ଜୀବନରେ ସଫଳ ହେବା ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ। ତେବେ ସେ ସ୍ୱପ୍ନ ରାତିରେ ନୁହେଁ ବରଂ ଦିନରେ ଦେଖିବା, ଯାହା ଆମକୁ ଶୋଇବାକୁ ଦେବନି ବୋଲି କିଶୋରନଗର ବ୍ଲକ ବାଦିବାହାଳ ସେବାଶ୍ରମର ପଞ୍ଚମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ସେବାଶ୍ରମ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ସେବାଶ୍ରମର ପ୍ରଧାନସେବକ ଅଖିଳ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ବିଶିଷ୍ଟ ଅତିଥି ଭାବେ ଏବିଇଓ ରମଣୀ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ବିଦ୍ୟୁତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସମୀର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେବକ ପ୍ରମୋଦ କୁମାର ନାୟକ ଓ ସମିର ନାୟକ, ମାଟ୍ରନ ରେଣୁବାଳା ସାହୁ, ଖୁଲଣା ପ୍ରଧାନ ଓ ତିଳୋତ୍ତମା କାନ୍ଧିଆ ସହଯୋଗ କରିଥିଲେ।

# ମିଥ୍ୟା ଖବର ପ୍ରକାଶକୁ ବିଜେଡିର ତୀବ୍ର ନିନ୍ଦା

**ପାଲଲହଡ଼ା,୩୧ ।୧(ସମିସ):** ଶନିବାର ଏକ ପ୍ରମୁଖ ଦୈନିକ ସମ୍ବାଦପତ୍ରରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତ ଆଦିବାସୀ ଯୁବକଙ୍କ ଅନୁକମ୍ପା ରାଶି ବାବଦ ପାଖାପାଖି ୮ ଲକ୍ଷ ୮୫ ହଜାର ଟଙ୍କା ବିଜେଡି ନେତା, ବ୍ୟାଙ୍କ କର୍ମଚାରୀ ଓ ବନ କର୍ମଚାରୀ ମିଶି ହଡ଼ପ କରିନେଇଥିବା ଖବର ପ୍ରକାଶ ପାଇଥିଲା। ତେବେ ଏହା ମିଥ୍ୟା ଖବର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶନିବାର ଏକ ସାମ୍ବାଦିକ ସମ୍ମିଳନୀ କରି ଏପରି ଖବର ପ୍ରକାଶନକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

ପାଲଲହଡ଼ା ବ୍ଲକ ଝାରବେଡ଼ା ପଞ୍ଚାୟତ ସୁସବନଳୀ ଗାଁର ବିଧବା ଆଦିବାସୀ ମହିଳା ଶୁକ୍ରମୁନି ମୁଣ୍ଡାଙ୍କ ପୁଅ ଶୁକ୍ର ମୁଣ୍ଡାଙ୍କର ଗତ ଜୁଲାଇରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ତାଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୦୨୫ ଅଗଷ୍ଟ ୧୨ରେ ୧ ଲକ୍ଷ ଏବଂ ଅକ୍ଟୋବର ୬ରେ ୯ ଲକ୍ଷ ମୋଟ ୧୦ ଲକ୍ଷ ଟଙ୍କା ମିଳିଥିଲା। ଅକ୍ଟୋବର ୩୧ରେ ଶୁକ୍ରମୁନିଙ୍କ ନାତୁଣୀ ନାମରେ ୫ ଲକ୍ଷ ଟଙ୍କା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ସ୍ଥାଇ ଜମା ଏବଂ ଦ୍ୱିତୀୟ ନାତୁଣୀ ନାମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖାରେ ୪ ଲକ୍ଷ ଟଙ୍କାର ରନିଂ ଆକାଉଣ୍ଟ ଖୋଲାଯାଇଥିଲା। ଶୁକ୍ରମୁନି ଦୁଇ ପର୍ଯ୍ୟାୟରେ ଶୁଦ୍ଧକ୍ରିୟା ଓ ଘର ମରାମତି ପାଇଁ ୫୦ ହଜାର ଓ ୪୯ ହଜାର ଟଙ୍କା ଉଠାଇଥିଲେ। ଏବେ ବି ଦୁଇ ନାତୁଣୀ ନାମରେ ୫ ଲକ୍ଷ ଓ ୪ ଲକ୍ଷ ଟଙ୍କା ଜମା ରହିଛି। କେହି ତାଙ୍କ ଟଙ୍କା ହଡ଼ପ କରିନାହାନ୍ତି। ଦୁଇଜଣ ଗଣମାଧ୍ୟମ ପ୍ରତିନିଧି ଶୁକ୍ରମୁନିଙ୍କ ଘରକୁ ଯାଇ ନିଜକୁ ଜଙ୍ଗଲ ବିଭାଗ କର୍ମଚାରୀ କହି ସମସ୍ତ ପାସବୁକ ମାଗିଥିଲେ। ଶୁକ୍ରମୁନିଙ୍କ ପୁତୁରା ବିପିନି ମୁଣ୍ଡାଙ୍କ ସହ ଏମାନଙ୍କ କଥାବାର୍ତ୍ତାରେ ସନ୍ଦେହ ହେବାରୁ ଶୁକ୍ରମୁନି ପାସବୁକ ଦେଇ ନ ଥିଲେ। ଶନିବାର ପ୍ରକାଶ ପାଇଥିବା ଖବର ସମ୍ପୂର୍ଣ୍ଣ ମିଥ୍ୟା। ଏ ନେଇ ପାଲଲହଡ଼ା ବ୍ଲକ ବିଜେଡି ପକ୍ଷରୁ ପଞ୍ଚାୟତ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ଏ ସମ୍ପର୍କିତ ସମସ୍ତ ଦସ୍ତାବିଜ, ପାସବୁକ, କାଗଜପତ୍ର ଦେଖାଇଥିଲେ। ମିଥ୍ୟା ଖବର ପ୍ରକାଶକୁ ଘୋର ନିନ୍ଦା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଝାରବେଡ଼ା ସରପଞ୍ଚ ଶିବାନୀ ନାୟକ, ଶୁକ୍ରମୁନି ମୁଣ୍ଡା, ପାଲଲହଡ଼ା ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା, ଝାରବେଡ଼ା ପଞ୍ଚାୟତ ବିଜେଡି ସଭାପତି ପାଇକରା ବେହେରା ଉପସ୍ଥିତ ଥିଲେ। ବିଜେଡିକୁ ବଦନାମ କରିବା ପାଇଁ ଏପରି ମିଥ୍ୟା ଖବର ଛାପିଥିବା ସାଧାରଣ ସମ୍ପାଦକ ଭୁକ୍ତା ଅଭିଯୋଗ କରିଥିଲେ। ସମ୍ପୃକ୍ତ ଖବରକାଗଜ ପ୍ରତିନିଧି ଯଦି କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ଆଗକୁ ବିଜେଡି ଜୋରଦାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ।

## ସାମାଜିକ ଗଣମାଧ୍ୟମରେ ନାବାଳିକାଙ୍କୁ ବଦନାମ କରୁଥିବା ଯୁବକ ଗିରଫ

**ଜଗତସିଂହପୁର,୩୧।୧(ସମିସ):** ଜଗତସିଂହପୁର ଜିଲ୍ଲାର ଜଣେ ନାବାଳିକାଙ୍କ ସହିତ ସାମାଜିକ ଗଣମାଧ୍ୟମ ଜରିଆରେ ବନ୍ଧୁତ୍ୱ ସ୍ଥାପନ କରିବା ପରେ ତାଙ୍କୁ ବ୍ଲାକମେଲ କରିବା ଅଭିଯୋଗରେ କେନ୍ଦୁଝର ଜିଲ୍ଲାର ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁସାରେ ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ନାବାଳିକା ସହିତ କେଉଁଝର ଜିଲ୍ଲା ହାବଳେଶ୍ୱର ଗ୍ରାମର ରଶ୍ମିରଞ୍ଜନ ମହାନ୍ତି ପ୍ରଥମେ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ପରେ କୌଶଳ କ୍ରମେ ନାବାଳିକାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କର କିଛି ଆପତ୍ତିଜନକ ଫୋଟୋ ନେଇଥିଲା ରଶ୍ମି। ଏହି ସବୁ ଫଟୋକୁ ଫେକ ଆକାଉଣ୍ଟ ମାଧ୍ୟମରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ସହିତ ରଶ୍ମି ଉକ୍ତ ନାବାଳିକାଙ୍କୁ ବ୍ଲାକମେଲ କରି ଆସୁଥିଲା। ଘଟଣା ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଜଗତସିଂହପୁର ଥାନାରେ ଏତଲା ଦିଆଯିବା ପରେ ପୋଲିସ ରଶ୍ମିରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ବୃତ୍ତି ପାଇଲେ ଶିଶୁମନ୍ଦିର ଛାତ୍ରଛାତ୍ରୀ

ପାରାଦୀପ,୩୧।୧(ସମିସ): ଆଜି ତୃତୀୟ ଓ ପଞ୍ଚମ ଶ୍ରେଣୀର ସରକାରୀ ବୃତ୍ତି ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ତେବେ ଏହି ଫଳାଫଳ ଅନୁଯାୟୀ ଚଳିତ ବର୍ଷ ସରକାରୀ ବୃତ୍ତିରେ ପାରାଦୀପ ପୌରାଞ୍ଚଳର ୧୪ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ବାଲିଝରା ସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିରର ୪ ଜଣ ଅଛନ୍ତି। ସେମାନେ ହେଲେ ତୃତୀୟ ଶ୍ରେଣୀର ପ୍ରତ୍ୟୁଷ ଜେନା ଓ ହିମାଂଶୁ ସ୍ୱାଇଁ, ପଞ୍ଚମ ଶ୍ରେଣୀର ସତ୍ୟଜିତ୍ ରାଉତ ଓ ଦେବଶ୍ରୀ ମହାନ୍ତି। ଉକ୍ତ ପିଲାମାନଙ୍କୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ପଙ୍କପାଳ ଶିଶୁ ମନ୍ଦିର ଛାତ୍ରଙ୍କ ସଫଳତା

**କୁଜଙ୍ଗ,୩୧।୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଙ୍କପାଳର ଛାତ୍ର ସୌମ୍ୟଜିତ ମିଶ୍ର (ଆୟୁଷ) ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ପଙ୍କପାଳ ନିବାସୀ ଶିକ୍ଷାବିତ୍ ଚନ୍ଦ୍ରମଣି ମିଶ୍ରଙ୍କ ନାତି ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କୁଜଙ୍ଗ ଖଣ୍ଡର କାର୍ଯ୍ୟବାହ ବିପିନ କୁମାର ମିଶ୍ର ଓ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଏକମାତ୍ର ପୁତ୍ର ଅଟନ୍ତି। ସେ ଜଣେ ସଫଳ ଛାତ୍ର, ସଙ୍ଗୀତ ନାଟକ ରେ ପାରଙ୍ଗମ ସହ ତବଲା ବାଦ୍ୟ ଅଭ୍ୟାସ ଜାରି ରଖିଛନ୍ତି। ଏହି ସଫଳତା ପାଇଁ ତାଙ୍କ ପ୍ରସନ୍ନ କୁମାର ମିଶ୍ର, ଲୋପାମୁଦ୍ରା ମିଶ୍ର ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ଛଟେଇ ପ୍ରତିବାଦରେ ଏଆର୍‌ଏସ୍‌ଏସ୍‌ରେ ଧାରଣା

ପାରାଦୀପ/କୁଜଙ୍ଗ,୩୧।୧(ସମିସ): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଠାରେ ଥିବା ଏଆରଏସ୍‌ଏସ୍ ବ୍ୟାଚିଙ୍ଗ ପ୍ଲାଣ୍ଟ ଫାଟକ ଆଗରେ ଶନିବାର ଦିନ ତମାମ ଶ୍ରମିକମାନେ ଧାରଣା ଦେଇଥିଲେ। ଛଟେଇ ପ୍ରତିବାଦ ଏବଂ ବକେୟା ଦରମା ଦାବିରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ୨୮ ଜଣ ଶ୍ରମିକଙ୍କୁ କମ୍ପାନୀ ବେଆଇନ ଭାବେ ଛଟେଇ କରିଥିବା ଅଭିଯୋଗ କରି ପିଲାଛୁଆ ଧରି ସପରିବାର ଶ୍ରମିକମାନେ ଧାରଣରେ ବସି ରହିଥିଲେ। ଫଳରେ ପ୍ଲାଣ୍ଟ ଭିତରକୁ ପ୍ରବେଶ କରି ନପାରି ଫାଟକ ବାହାରେ ଅଟକି ରହିଥିଲା କମ୍ପାନୀର ଗାଡ଼ିମଟର। କମ୍ପାନୀ ଦ୍ୱାରା ଶ୍ରମିକ ଛଟେଇକୁ ବେଆଇନ ଦର୍ଶାଇ ଆନ୍ଦୋଳନକୁ ଓହ୍ଲାଇଥିଲେ ଶ୍ରମିକମାନେ। ବିଭିନ୍ନ ଅନିୟମିତତା ନେଇ ପ୍ରତିବାଦ କଲେ ମିଥ୍ୟା ଅଭିଯୋଗରେ କାମରୁ ବାହାର କରିଦେଉଥିବା ଆନ୍ଦୋଳନକାରୀ ଅଭିଯୋଗ ମଧ୍ୟ କରିଥିଲେ। କ୍ୟାଣ୍ଟିନରେ ଖାଇବାକୁ ନେଇ ଅନିୟମିତତା ପ୍ରସଙ୍ଗରେ ହେଉ କିମ୍ବା ବାକି ଥିବା ୩ ମାସର ଦରମା ପ୍ରସଙ୍ଗରେ ହେଉ, କମ୍ପାନୀର ବରିଷ୍ଠ ଅଧିକାରଙ୍କୁ ପଚାରିଲେ ଶ୍ରମିକଙ୍କ ଉପରେ ରାଗ ରଖି ମିଛରେ ଦୋଷ ଲଦି କାମରୁ ଛଟେଇ କରିଦେଉଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ବାହାରୁ ଶ୍ରମିକ ଆଣି ଏଠାରେ କାମ କରାଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଜାଣିଶୁଣି ହଇରାଣ କରୁଛନ୍ତି ଏବଂ ବେଆଇନ ଭାବେ ଛଟେଇ କରି ଦେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ପୁନଃନିଯୁକ୍ତି ନମିଳିଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଥିଲେ ଆନ୍ଦୋଳନକାରୀ। ତେବେ ଦୀର୍ଘ ସମୟ ପରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବୁଝାସୁଝା କରିଥିଲେ। ଆସନ୍ତା ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଧାରଣାରୁ ହଟିଥିଲେ ଆନ୍ଦୋଳନକାରୀ। ତେବେ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ପାଳନ ନ ହେଲେ ପୁଣି ଆନ୍ଦୋଳନର ଚେତାବନୀ ଦିଆଯାଇଛି।

### ରାଜ୍ୟପାଳ ଓ ମୁଖ୍ୟଶାସନ ସଚିବଙ୍କୁ ଭେଟିଲେ ବନ୍ଦର ଅଧ୍ୟକ୍ଷ

# କେନ୍ଦ୍ରାପଡ଼ାରେ ହେବ ଜାହାଜ ମରାମତି କାରଖାନା

**ପୁରୀରେ କ୍ରୁଜ୍ ଟର୍ମିନାଲ; ଗୋପାଳପୁରରେ ସାଟେଲାଇଟ୍ ବନ୍ଦର**

ପାରାଦୀପ,୩୧।୧(ସମିସ)

ସମଗ୍ର ଦେଶରେ ପଣ୍ୟ କାରବାରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ପାରାଦୀପ ବନ୍ଦରର ଭିତ୍ତିଭୂମି ଦିନକୁ ଦିନ ବଢିବାରେ ଲାଗିଛି। ପାରାଦୀପ ବନ୍ଦରର ଆଗାମୀ ପ୍ରକଳ୍ପ ଓ ଭିତ୍ତିଭୂମି ସମ୍ପର୍କରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଓ ଓଡିଶାର ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ତଥ୍ୟ ପ୍ରଦାନ କରିଛନ୍ତି ପାରଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ। ଓଡିଶା ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ଏକ ମାଇଲ୍ ଖୁଣ୍ଟ ଭାବେ ଠିଆ ହୋଇଛି। ବିକଶିତ ଭାରତ ଯୋଜନା ଅଧିନରେ ପାରାଦୀପ ବନ୍ଦର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ରାଜ୍ୟପାଳଙ୍କୁ ଲୋକଭବନରେ ଭେଟି ବନ୍ଦର ଅଧ୍ୟକ୍ଷ ପାରାଦୀପ ବନ୍ଦର ବିକାଶରେ ଆଗାମୀ ପ୍ରକଳ୍ପ ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ଉପସ୍ଥାପନ କରିଥିଲେ। ଏଥି ସହିତ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ପାରାଦୀପ ବନ୍ଦର ୩୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ରଖି ତାର ଦକ୍ଷତା ସହିତ ଭିତ୍ତିଭୂମିରେ ବିକାଶ କରୁଛି। ଓଡିଶାର ନୌବାଣିଜ୍ୟିକ ଦକ୍ଷତାରେ ନେତୃତ୍ୱ ନେଉଥିବା ଅଧ୍ୟକ୍ଷ ମୁଖ୍ୟ ଶାସନ ସଚିବଙ୍କୁ ସୂଚନା ଦେଇଥିଲେ। ଏଥି ସହିତ ଗଞ୍ଜାମ ଜିଲ୍ଲା ବାହୁଦାଠାରେ ପାରାଦୀପ ବନ୍ଦର ୨୧.୫୦୦ କୋଟି ଟଙ୍କା ବ୍ୟୟରେ ଏକ ସାଟେଲାଇଟ୍ ବନ୍ଦର ନିର୍ମାଣ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏଥି ସହିତ ପାରଦୀପ ବନ୍ଦରର ପଣ୍ୟ କାରବାରରେ ଅଭିବୃଦ୍ଧି ହୋଇ ପାରିବ ବୋଲି ଶ୍ରୀ ହରନାଦ ଜଣାଇଥିଲେ। କେନ୍ଦ୍ରାପଡାଠାରେ ୨୪.୭୦୦ କୋଟି ଟଙ୍କା ବ୍ୟୟରେ ଏକ ଜାହାଜ ମରାମତି କାରଖାନା ପ୍ରତିଷ୍ଠା ପାଇଁ ପାରାଦୀପ ବନ୍ଦର ଯୋଜନା କରିଥିବା ସମ୍ପର୍କରେ ଜଣାଇଥିଲେ। ପୁରୀଠାରେ ୫୦୦ କୋଟି ଟଙ୍କା ବ୍ୟୟରେ କ୍ରୁଜ୍ ଟର୍ମିନାଲ ସ୍ଥାପନ ପାଇଁ ଯୋଜନା ମଞ୍ଜୁରୀ ହୋଇଥିବା ଶ୍ରୀ ହରନାଦ ମୁଖ୍ୟଶାସନ ସଚିବଙ୍କୁ ସୂଚନା ଦେଇଥିଲେ। ଏହା ପରେ ପାରାଦୀପ ବନ୍ଦର ଓଡ଼ିଶା ସମେତ ସମଗ୍ର ଦେଶରେ ଏକ ନୂଆ ଫର୍ଦ୍ଦ ଯୋଡିବା ନେଇ ସେ ଜଣାଇଥିଲେ।

## ମିନି ବ୍ୟାଙ୍କ ଅର୍ଥ ହେର୍‌ଫେର୍ ମାମଲା | ସମ୍ପାଦକ ଓ ସହ ସମ୍ପାଦକଙ୍କୁ ୫ ବର୍ଷ ଜେଲ

ଜଗତସିଂହପୁର,୩୧।୧(ସମିସ): ଗତ ୨୦୦୦ ମସିହାର ଏକ ଅର୍ଥ ହେରଫେର ମାମଲାର ବିଚାର କରି ଜଗତସିଂହପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୁଇ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୬ ହଜାର ଟଙ୍କା ଜରିମାନା କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତପନ ପାଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୦୦ ମସିହା ମାର୍ଚ୍ଚ ୩୧ ତାରିଖ ଅଡିଟ୍ ରିପୋର୍ଟରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ସମବାୟ ସମିତି ଓ ମିନିବ୍ୟାଙ୍କର ୯୧ ହଜାର ୨୩୪ ଟଙ୍କା ହେରଫେର ହୋଇଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ମିନିବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକ ବୃନ୍ଦାବନ ପାତ୍ର ବାଲିକୁଦା ଥାନାରେ ଏତଲା ଦେଇଥିଲେ। ପୁଲିସ ସେ ସମୟରେ ସମବାୟ ସମିତିର ସମ୍ପାଦକ ଦାୟିତ୍ୱରେ ଥିବା ସୂର୍ଯ୍ୟାନନ୍ଦ ସ୍ୱାଇଁ ଏବଂ ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଜେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମୋଟ ୧୭ ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଳିମା ପଣ୍ଡା ଦୁଇ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୬ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ପାଇଁ ଆଦେଶନାମା ଦେଇଛନ୍ତି ଅଦାଲତ। ସରକାରଙ୍କ ପକ୍ଷରୁ ଏହି ମାମଲା ଏପିପି ନୃସିଂହ ଚରଣ ବାରିକ ପରିଚାଳନା କରୁଥିଲେ।

## ଏସ୍‌ଟି ଜାଭିୟର ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିକୁଦା,୩୧।୧(ସମିସ): ବାଲିକୁଦା ତହସିଲ ନିକଟରେ ଥିବା ଏସ୍‌ଟି ଜାଭିୟର ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସଙ୍କ ସଭାପତିତ୍ୱ ଓ ବିଜ୍ଞାନ ଶିକ୍ଷକ ଅମୂଲ୍ୟ ମିଶ୍ରଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିଭାଗ ପୂର୍ବତନ ଉପନିର୍ଦ୍ଦେଶକ ଡ.ଅଭୟ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଡଲି ପଣ୍ଡା, ସରପଞ୍ଚ ରାଜକିଶୋର ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବାସ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଟିବିଏସସି ବାର୍ଷିକ ପରୀକ୍ଷାରେ ବିଦ୍ୟାଳୟ ପକ୍ଷରୁ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀ ସାଇଶ୍ରୀ ପ୍ରିୟଦର୍ଶିନୀ ନାୟକ, ସ୍ଥିତିପ୍ରଜ୍ଞା ଦାସ, ରୁଷ୍ଟା ବେଗମ ଓ ବାର୍ଷିକ କ୍ରୀଡାରେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ଶୁଭ୍ରାଂଶୁ ଗୋଛାୟତ, ବିଶ୍ୱଜିତ ବାରିକ, ରୁପସ୍ମିତା ଭୋଇ ଏବଂ ବିଦ୍ୟାଳୟ ସ୍ତରୀୟ ସ୍ୱର୍ଣ୍ଣଲତା ବୃତ୍ତି ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଧନ୍ୟବାଦ ଅର୍ପଣ ବିଦ୍ୟାଳୟ ର ଉପାଧ୍ୟକ୍ଷା ସୁଚିତ୍ରା ପଟ୍ଟନାୟକ ପ୍ରଦାନ କରିଥିଲେ।

## ଚା' ଦୋକାନୀଙ୍କୁ ଆକ୍ରମଣ; ଜଣେ ଗିରଫ

**ପାରାଦୀପ,୩୧।୧(ସମିସ):** ଗତକାଲି ରାତିରେ ପାରାଦୀପ ଜିରୋ ପଏଣ୍ଟ ନିକଟରେ ଜଣେ ଚା' ଦୋକାନୀଙ୍କୁ କତକୁଳାର ଜଣେ ଯୁବକ ଗୁଟ୍‌ଖା ମାଗି ଥିଲେ। ସେ ନଦେବାରୁ ତାଙ୍କୁ ଚା' ଫୋପାଡ଼ି ଆକ୍ରମଣ କରିଥିଲେ। ଯାହା ଫଳରେ ଚା' ଦୋକାନୀର ଦୁଇ ଭାଇଙ୍କର ହାତ ଫୋଟକା ହୋଇଯାଇଥିଲା। ଏହାକୁ ନେଇ ଲକ୍‌ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ପୁଲିସ ଆଜି କତକୁଳା ଗ୍ରାମର ମଧୁସୂଦନ ଜେନାଙ୍କ ପୁଅ ନିରଞ୍ଜନ ଜେନା (୪୧)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ୩୭/୨୬ ଏକ ମାମଲା ରୁଜୁ କରାଯାଇଛି।

**ସମୀର-ସୁଶୀଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## କେନ୍ଦ୍ରାପଡ଼ାକୁ ହରାଇ ଫାଇନାଲ୍‌ରେ ପାରାଦୀପ

ପାରାଦୀପ,୩୧।୧(ସମିସ): ପାରାଦୀପ ଉପକଣ୍ଠ ଜଗତି ଗ୍ରାମରେ ମା' ବୁଢ଼ି ଜାଡୁଆଣୀ ସମୀର-ସୁଶୀଳ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପିସିସି ପାରାଦୀପ ଏବଂ ଇଲେଭେନ କେନ୍ଦ୍ରାପଡ଼ଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ପିସିସି ପାରାଦୀପ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ପିସିସି ପାରାଦୀପ ୮ ୱିକେଟ ହରାଇ ୨୭୯ ରନ୍ ସଂଗ୍ରହ କରିଥିଲା। ଅପରପକ୍ଷରେ ଇଲେଭେନ କେନ୍ଦ୍ରାପଡ଼ା ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ୍ କରି ପରାଜୟ ବରଣ କରିଛି। ପାରାଦୀପ ପିସିସିର ଆବିଷ୍କାର ପଟ୍ଟନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଆଶିଷ ଗୌତମ ଇଲେଭେନ କେନ୍ଦ୍ରାପଡ଼ାର ଧୁଆଁଧାର ବ୍ୟାଟିଂ କରି ୯୭ ରନ୍ ସଂଗ୍ରହ କରିଥିଲେ। ଅମ୍ପାୟାର ପ୍ଲାବନ ସ୍ୱାଇଁ ଏବଂ ଅନୁପ ରାଉତ ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଧାରା ବିବରଣୀ ପ୍ରଦାନ କରିଥିଲେ ଲକ୍ଷ୍ମୀକାନ୍ତ ଦାସ। ସ୍କୋରିଂ ଦାୟିତ୍ୱରେ ଥିଲେ କେବିସି ଯାଦବ, ସରୋଜ ମହାନ୍ତି। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ଇଂ. ସଞ୍ଜୟ ପାଣି, ଯୁବ ପରିବେଶବିତ୍ ସତ୍ୟପ୍ରକାଶ ମହାନ୍ତି, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୀବନଜ୍ୟୋତି ସ୍ୱାଇଁ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମା' ବୁଢ଼ି ଜାଡୁଆଣୀ କ୍ଲବ ପକ୍ଷରୁ ସଞ୍ଜୟ ଦାସ, ଜିଙ୍କୁନା ସ୍ୱାଇଁ, ଟୁକନ ଦାସ, ସଞ୍ଜୟ ସ୍ୱାଇଁ, ବୃନ୍ଦଦେବ ଦାସ, ଆଜିର ମ୍ୟାଚକୁ ସଫଳ ଭାବେ ଆୟୋଜନ କରିଥିଲେ। ଆସନ୍ତାକାଲିର ଫାଇନାଲ ମ୍ୟାଚ ଆଦର୍ଶ କ୍ଲବ ବାଲେଶ୍ୱର ଏବଂ ପିସିସି ପାରାଦୀପ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସଂଯୋଜକ ମନୋଜ ମହାନ୍ତି ସୂଚନା ଦେଇଛନ୍ତି।

**● ସରସ୍ୱତୀ ମେଢ଼ ଭସାଣି ବେଳେ ଗୋଷ୍ଠୀସଂଘର୍ଷ**

## ୭ ଆହତ; ୨ ଗୁରୁତର କଟକ ସ୍ଥାନାନ୍ତରିତ

**ପାରାଦୀପ, ୩୧।୧ (ସମିସ):** ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧୀନ ଷଣ୍ଢକୁଦ ବସ୍ତି ଅଞ୍ଚଳରେ ସରସ୍ୱତୀ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟିଛି। ପାରାଦୀପ ଷଣ୍ଢକୁଦ ବସ୍ତିରେ ଦୁଇଟି କ୍ଲବର ପିଲା ମୁହାଁମୁହିଁ ହୋଇଛନ୍ତି। ଡିଜେ ବଜାଇ ଭସାଣି ଶୋଭାଯାତ୍ରା ଗୋଟିଏ କ୍ଲବ ପିଲା ଯାଉଥିବା ବେଳେ ଅନ୍ୟ ଏକ କ୍ଲବର ସଦସ୍ୟମାନେ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଭସାଣିରେ ଯାଉଥିବା ୭ ଜଣ ଆହତ। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଚଳାଇଛି। ତେବେ ଖବର ପାଇଁ ଯୁବକ ମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି।

## ସ୍ୱାଧୀନତା ସଂଗ୍ରାମୀ କଳ୍ପତରୁ ଦାସଙ୍କ ସ୍ମୃତିସଭା

ହାଜିପୁର,୩୧।୧(ସମିସ): ବିରିଡି ବ୍ଲକ ବୀରଭୂମି ଭାବେ ପରିଚୟ ସୃଷ୍ଟି କରିଥିବା ବାଗଲପୁର ଗ୍ରାମର ସାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମ ସଂଗ୍ରାମୀ ବୀରପୁତ୍ର କଳ୍ପତରୁ ଦାସଙ୍କ ୩୦ତମ ବାର୍ଷିକ ସ୍ମୃତି ସଭା ସ୍ଥାନୀୟ ବାଗଲପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଗଲପୁର କଳ୍ପତରୁ ଦାସ ସ୍ମୃତି କମିଟିର ପୃଷ୍ଠପୋଷକ ତଥା ପୁତ୍ର ଡ. ଦିପ୍ତିଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଜୀବନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସଭାରେ ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରାଜ୍ୟ ସମୂହ ଆଞ୍ଚଳିକ ମୁଖ୍ୟ ଡ. ନିହାର ରଞ୍ଜନ ରାୟ, ମୁଖ୍ୟ ବକ୍ତା ଭାବେ ଏସବିଏମ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସ, ଅତୁଲ ବିକ୍ରମ ପ୍ରଧାନ, ପ୍ରଫେସର ବସନ୍ତ କୁମାର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଜୀବନବ୍ୟାପୀ ସାଧନାରତ ଶିକ୍ଷୟିତ୍ରୀ କବିତା ଦାସଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ଦାସ, ଅକ୍ଷୟ କୁମାର ଦାସ, ଦିଲ୍ଲିପ ସାମନ୍ତରାୟ, ବ୍ରହ୍ମଶଙ୍କର ଦାସ, ଦେବସ୍ମିତା ନାୟକ, ମିନାକ୍ଷୀ ମହାନ୍ତି, ନାରାୟଣ ଭୋଳ, ତରୁଣ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଂଜୟ ଦାସ, ସୁଶିଲ ଦାସ, ବାପିନା ଦାସ, ବିଜୟ କୁମାର ଦାସ, ଏଏନ୍‌ଆର୍ ଦାସ, ରୁଦ୍ର ନାରାୟଣ ଦାସ, ଦେବ ଶଙ୍କର ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ତରୁଣ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ନାଉଗାଁ,୩୧।୧(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା ବଜାର ନିକଟରେ ଥିବା ମହାପୁରୁଷ ଶ୍ରୀଅଚ୍ୟୁତ ଇଂଲିଶ ମିଡିୟମ ସ୍କୁଲ ପରିସରରେ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ସ୍ୱତନ୍ତ୍ର ସଚିବ ମନୁନାଥ ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ରୂପେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ, ଉକ୍ତ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ନିରଞ୍ଜନ ବେହୁରା, ଭାରତୀୟ ଜନତା ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ଶ୍ରୀଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କା, ସମାଜ ସେବୀ ଅଭିଷେକ ସ୍ୱାଇଁ, ପ୍ରତାପ ପରିଡ଼ା ପ୍ରମୁଖ ମଞ୍ଚସୀନ ହୋଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ଜଗତସିଂହପୁର,୩୧।୧(ସମିସ): ଜଗତସିଂହପୁର ସହରର ଜିଲ୍ଲା ନିମାଇଁ ଭବନ (ଟାଉନ ହଲ) ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧ ତାରିଖରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହି ଦିନ ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରୁ ସମସ୍ତ ଅଟୋ ମୋବାଇଲ ଡିଲରମାନଙ୍କୁ ନେଇ ବାଇକ ରାଲି ଆରମ୍ଭ ହୋଇ ଜଗତସିଂହପୁର ସହର ପରିକ୍ରମା କରି ଗାନ୍ଧୀ ଛକରେ ଶେଷ ହୋଇଥିଲା। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତାଧର୍ମୀ ସଭା ସହିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ଏହି ଉଦ୍‌ଯାପନୀ ସଭାରେ ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସୂଚନା ଦେଇଥିଲେ। ତତସହିତ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସଚେତନତା ପାଇଁ ଶପଥ ପାଠ କରାଇଥିଲେ। ଏଥିରେ ଜିଲ୍ଲାପାଳ ଜେ. ସୋନାଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଏଥିରେ ଯୋଗଦେଇ ସମସ୍ତେ ଶୃଙ୍ଖଳାର ସହ ନିୟମ ମାନିଲେ ଦୁର୍ଘଟଣାକୁ ନିୟନ୍ତ୍ରଣ କରିହେବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଜଗତସିଂହପୁର ସୀମା ଜେନା ଏବଂ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ଅଭିଷେକ ପଣ୍ଡା ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯେଉଁମାନେ ଚଳିତ ମାସସାରା ସଡ଼କ ସଚେତନତା କାର୍ଯ୍ୟକ୍ରମ ଦ୍ୱାରାନ୍ୱିତ କରିଥିଲେ ସେମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ପିଡ଼ିତଙ୍କୁ ସାହାଯ୍ୟ କରୁଥିବା ଦେବଦୂତ ପଙ୍କଜ ତରାଇ ଏବଂ ତାଙ୍କର ୩୦ ଜଣ ସହଯୋଗୀ, ବ୍ୟାସ ଫାଉଣ୍ଡେସନର ସ୍ନେହମୟୀ ଆଚାର୍ଯ୍ୟ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କରୁଥିବା ଡ. ସୁନାକର ବେହେରା, ବିଭିନ୍ନ କଲେଜରେ ସଚେତନତା କାର୍ଯ୍ୟକ୍ରମ କରିଥିବା ଡିଏସ୍‌ପି ସରୋଜିନୀ ମାଝୀ ଇତ୍ୟାଦିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ରାଜ୍ୟ ରେଡକ୍ରସ ସୋସାଇଟି ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ସଂଯୋଜନା କରିଥିଲେ। ଶେଷରେ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ କୁମାର ବେହେରା ଏବଂ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## କୁଜଙ୍ଗରେ ସଡ଼କ ସୁରକ୍ଷା ଶୋଭାଯାତ୍ରା

କୁଜଙ୍ଗ,୩୧।୧(ସମିସ): ଜଗତସିଂହପୁର ସଡ଼କ ପରିବହନ ବିଭାଗ ଓ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ପକ୍ଷରୁ ଆଜି କୁଜଙ୍ଗଠାରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ବଜାର ବାଲିତୁଠ ରୋଡ଼ଠାରୁ ପୁରୁଣା ଥାନା ପର୍ଯ୍ୟନ୍ତ ଶତାଧିକ ଯୁବକ ମାନେ ଶୋଭାଯାତ୍ରାରେ ଯାଇଥିଲେ। କାର୍ଯ୍ୟକ୍ରମରେ କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଭାତ ବେହେରା, ମଣିଶଙ୍କର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

ପାରାଦୀପ,୩୧।୧(ସମିସ): ପାରାଦୀପ ମଧୁବନସ୍ଥିତ ଶ୍ରମିକ ଭବନଠାରେ ମହାତ୍ମା ଗାନ୍ଧୀଙ୍କ ସହିଦ ଦିବସ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ରାଜ୍ୟ ସମ୍ପାଦକ ମଣ୍ଡଳୀର ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ କିଶୋର ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ସବିତା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀର ସମ୍ପାଦକ ବିଷ୍ଣୁଚରଣ ମୁଦୁଲି ଓ ବିଶିଷ୍ଟ ସିପିଆଇ ନେତା ସଲୀଳ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ପବିତ୍ର ପରିଡ଼ା, ପୂର୍ବତନ ପାରିଷଦ ଶଙ୍କର ରାଉତ, ସିପିଆଇ ନେତା ରବି ପଲେଇ ଓ ସମାଜସେବୀ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭୁତମୁଣ୍ଡାଇ ଅଞ୍ଚଳର ହୋମିଓପ୍ୟାଥିକ ଡା. ରବୀନ୍ଦ୍ର ନାଥ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରମିକ ନେତା ବିଚିତ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୃଜନିକା

ସକାଳ THE SAKALA
www.sakalaepaper.com


# ଜନନାୟକ

## ମଧୁସୂଦନ ସ୍ୱାଇଁ

ଅଜସ୍ର ସତ୍ୟାଗ୍ରହୀଙ୍କ ସୁବଳୟାଗିରି ମୁକ୍ତି ସ୍ଲୋଗାନରେ ସମଗ୍ର ମାଡ଼ଗୁଲ ପେଣ୍ଠ ଉପତ୍ୟକା ପ୍ରକମ୍ପିତ । ମାଡ଼ଗୁଲ ପେଣ୍ଠର ମଧ୍ୟଭାଗରେ ଅବସ୍ଥିତ ଭୂୟଙ୍କ ଆଶ୍ରମରୁ ଜନସମୁଦ୍ର ପ୍ରଲମ୍ବିତ ତିନି କିଲୋମିଟର ଦୂର ସୁବଳୟାଗିରି ପର୍ଯ୍ୟନ୍ତ । ସମସ୍ତେ ସତ୍ୟାଗ୍ରହୀ, ବନବାସୀ, ଆଦିବାସୀ, ହରିଜନ, ସୁବଳୟାଗିରି ଯଜ୍ଞରେ ଆତ୍ମାହୂତି ପାଇଁ ଠୁଳ ହୋଇଛନ୍ତି ମାଡ଼ଗୁଲ ପେଣ୍ଠର ତ୍ରାଣକର୍ତ୍ତା, ଗାନ୍ଧୀବାଦୀ, ଭୂଦାନକର୍ମୀ, ଜୀବିତ ଗାନ୍ଧୀ, ବୟୋବୃଦ୍ଧ ବଳରାମ ଭାଇଙ୍କ ଆହ୍ୱାନରେ ।

ଭୂୟଙ୍କ ଆଶ୍ରମକୁ କେନ୍ଦ୍ର କରି ମାଡ଼ଗୁଲ ପେଣ୍ଠର ଅତୀତ, ଭବିଷ୍ୟତ, ଭୂଗୋଳ ଓ ଇତିହାସ । ଏହାର ନିର୍ମାତା ସ୍ୱୟଂ କର୍ମଯୋଗୀ ବଳରାମ ଭାଇ । ସମୁଦ୍ର ପତନରୁ ହଜାର ହଜାର ଫୁଟ୍ ଉଚ୍ଚ, ଘଞ୍ଚ ଅରଣ୍ୟ, ଗିରିଶୃଙ୍ଗ ବେଷ୍ଟିତ ସଭ୍ୟତାଠୁ ଯୋଜନ ଯୋଜନ ଦୂରବର୍ତ୍ତୀ ମାଡ଼ଗୁଲ ପେଣ୍ଠକୁ କୋଳାହଳପୂର୍ଣ୍ଣ ସଦର ମହକୁମା, ମଣ୍ଡଳ, ବାଣିଜ୍ୟିକ ପେଣ୍ଠସ୍ଥଳୀ, ପୂର୍ଣ୍ଣାଙ୍ଗ ସହରରେ ରୂପାନ୍ତରିତ କରିଛି ଦୀର୍ଘ ସତୁରି ବର୍ଷର ନିରନ୍ତର ପ୍ରୟାସ ।

ସେ ଦିନର ଝାଟିମାଟିର ଭୂୟଙ୍କ ଆଶ୍ରମ ଆଜି ନଭଶ୍ଚୁମ୍ବୀ ପ୍ରାସାଦ ।

ସମାଜସେବୀ ଦୁଇ ପ୍ରକାର । ସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିଦେବା କିମ୍ବା ସାମୂହିକ ସ୍ୱାର୍ଥ ବିନିମୟରେ ନିଜକୁ ପ୍ରତିଷ୍ଠା କରିବା । ବଳରାମ ଭାଇ ପ୍ରଥମ ଶ୍ରେଣୀର ସମାଜସେବୀ ।

ଉଣେଇଶ ପଞ୍ଚାବନ ସାଲ୍ ସନ୍ଥ ବିନୋବାଜୀଙ୍କ ଭୂଦାନ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଆଗମନ କାଳରେ ଯୁବକ ବଳରାମ ଭାଇ ଭୂଦାନ ଆନ୍ଦୋଳନରେ ସାମିଲ ହେଲେ । ମାଳତୀ ଚୌଧୁରୀ ମା' ରମାଦେବୀଙ୍କ ସହ ବିଶିଷ୍ଟ ଗାନ୍ଧୀବାଦୀଙ୍କ ମେଳରେ ପଦଯାତ୍ରା କଲେ । ଭୂଦାନ, ଗ୍ରାମଦାନ, ଅସ୍ପୃଶ୍ୟ ଦୂରୀକରଣ, ଗ୍ରାମ ସ୍ୱରାଜ ପରି ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଦେଲେ । ଗୃହତ୍ୟାଗୀ କର୍ମଯୋଗୀ ବଳରାମ ଭାଇ ଦରିଦ୍ର ଆଦିବାସୀ ବନବାସୀଙ୍କ ସେବା ପାଇଁ ମାଡ଼ଗୁଲ ପେଣ୍ଠକୁ ସ୍ଥିର କରିନେଲେ କର୍ମଭୂମି । ପ୍ରତିଷ୍ଠା ହେଲା ଭୂୟଙ୍କ ଆଶ୍ରମ । ଦୁର୍ଗମ, ଅଗମ୍ୟ ବଣପର୍ବତ ଘେରା ମାଡ଼ଗୁଲ ପେଣ୍ଠ ସାରା ପଦଯାତ୍ରା କରି ଶୁଣ୍ଡି, କୁମୁଟି, ତେଲେଙ୍ଗା ଦୋରା ସଂପ୍ରଦାୟର ଭୂମିଦାନରେ ଗ୍ରହଣ କରି ଭୂମିହୀନ ଦରିଦ୍ର ଆଦିବାସୀ ହରିଜନଙ୍କୁ ବାଣ୍ଟି ଦେଇଥିଲେ । ଜନମାନସରେ ସବୁ ସୁପୁରୁଷର ନୂଆ ପରିଚୟ ମିଳିଲା ।

ଚଉରାନବେ ବର୍ଷର ଚଞ୍ଚଳତା କେବଳ ଜନତାର ସେବା ପାଇଁ ଉତ୍ସର୍ଗୀକୃତ । ତାଙ୍କ ଶୀର୍ଣ୍ଣ ଶରୀରରେ ଖଦଡ଼ ଧୋତିକୁର୍ତ୍ତା ଉପରେ ଧଳା ଖଦଡ଼ ଜାକେଟ୍ ଓ ଉତ୍ତରୀୟ, ମୁଣ୍ଡରେ ଗାନ୍ଧୀ ଟୋପି, ମୁହଁ ସାରା ପାଚିଲା ଦାଢ଼ିରୁ ବାରି ହୋଇଯାଏ ବଳରାମ ଭାଇ କୋଟିକରୁ ଗୋଟିଏ । ଗାନ୍ଧୀ ଝୁଲାମୁଣି ଓ ସୋଲାପୁରୀ ଚପଲ ପିନ୍ଧି ସେ ମାଡ଼ିଯାନ୍ତି, ଗାଁରୁ ସହର, ମନ୍ତ୍ରୀଠୁ ଯନ୍ତ୍ରୀ, ରାଜନୀତିରୁ ଜନନୀତି, ଯୋଜନାଠୁ ରୂପାୟନ ଯାଏଁ ।

ଅର୍ଥ, କାମ, ଲୋଭ ପ୍ରତି ନିରାସକ୍ତ ବଳରାମ ଭାଇଙ୍କ ଭୂୟଙ୍କ ଆଶ୍ରମ ଭବ୍ୟ, ରମ୍ୟ, ଐଶ୍ୱର୍ଯ୍ୟବନ୍ତ ହୋଇପାରିଛି ତାହା କେବଳ ଲକ୍ଷ ଲକ୍ଷ ଆଦିବାସୀଙ୍କ ଶ୍ରଦ୍ଧାରୁ । ସେ ତ ପଦ୍ମପତ୍ରର ଜଳ ବିନ୍ଦୁ । ବିଷୟ ମାୟା ଗ୍ରାସ କରିନି । ଯଶ, ପ୍ରଶସ୍ତି, ପୁରସ୍କାରର ମାୟା ସ୍ପର୍ଶ କରିନି ନିର୍ମଳ ପ୍ରାଣକୁ । ସେବା ଆଉ ସେବା...ଛୋଟରୁ ବଡ଼ ଯାଏଁ ପ୍ରିୟ ବଳରାମ ଭାଇ ମାଡ଼ଗୁଲ ପେଣ୍ଠ ଗାନ୍ଧୀ ।

ସେ ଆଜି ବି ପ୍ରତିଦିନ ଚରଖାରେ ଅଧଘଣ୍ଟା ସୂତା ବୁଣନ୍ତି, ତନ୍ତ ଚଳାନ୍ତି । ସାଧନାର ଘଟାନ୍ତର ନାହିଁ । ପଞ୍ଚଷଠି ମସିହା ଯୁଦ୍ଧ ବେଳେ ଖାଦ୍ୟ ସଂଚୟ ପାଇଁ ସପ୍ତାହରେ ଦିନେ ଉପବାସ କରୁଥିଲେ । ଜରୁରୀକାଳୀନ ପରିସ୍ଥିତିରେ ଜେଲ୍ ଯାଇ ଶାରୀରିକ ଶ୍ରମ ଓ ରଚନାତ୍ମକ କାର୍ଯ୍ୟ କରିଛନ୍ତି । ବାବ୍‌ରୀ ମସଜିଦ୍ ଭଙ୍ଗା ବେଳେ ସାତଦିନ ମୌନବ୍ରତ ପାଳନ କରିଛନ୍ତି ।

ନିର୍ଦ୍ଦିଷ୍ଟ ବ୍ୟବଧାନରେ ଝଙ୍କୃରିତ ହେଉଛି ଜନ ସମୂହର ମିଳିତ ସ୍ୱର ସୁବଳୟାଗିରି ସୁରକ୍ଷା ଆମର ଦାବି, ଆଲୁମିନିୟମ କମ୍ପାନୀ ହଟି ଯାଅ... ଇତ୍ୟାଦି ।

ସୁବଳୟାଗିରି ମାଡ଼ଗୁଲ ପେଣ୍ଠର ଜୀବନରେଖା । ତା'ରି କନ୍ଦର, ଗୁମ୍ଫାରୁ ଅନେକ ଚିରସ୍ରୋତା ବଣ ଝରଣା ଉଦ୍‌ଗମ ହୋଇ ମାଡ଼ଗୁଲ ପେଣ୍ଠର ସର୍ବତ୍ର ଜଳସେଚିତ ହେଉଛି । ବଣ୍ୟଜାତ ସାମଗ୍ରୀ ଆଦିବାସୀଙ୍କ ଜୀବନ-ଜୀବିକା । ପ୍ରତ୍ୟକ୍ଷ ଦେବୀ ଦନ୍ତେଶ୍ୱରୀଙ୍କ ଆସ୍ଥାନ ସୁବଳୟାଗିରିର ଅନ୍ଧାରୀ ଗୁମ୍ଫାରେ । ପ୍ରକୃତିର ବିରୋଧାଭାସ । ମାଟିତଳେ କିନ୍ତୁ ଧବଳ ସୁନା-ବକ୍ସାଇଟ୍ । ଆଗାମୀ ଶହେ ବର୍ଷ ଯାଏଁ ଦେଶର ବକ୍ସାଇଟ୍ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ । ରାମରାଜ୍ୟ ଆଲୁମିନା କମ୍ପାନୀ ଆସିଛି, ଡିନାମାଇଟ୍ ଲଗାଇ ସୁବଳୟାଗିରି ଭାଙ୍ଗିଦେବ । ବୁଲଡୋଜରରେ ଛିନ୍ନଛତ୍ର କରିଦେବ ।

ସତ୍ୟାଗ୍ରହ ପାଇଁ ଅଣ୍ଟା ଭିଡ଼ିଛନ୍ତି ବଳରାମ ଭାଇ । ଶପଥ କରିଛନ୍ତି ତାଙ୍କ ଶବ ଉପରେ ବୁଲଡୋଜର୍ ଚାଲିବ । ସେ ତ ଆଉ ଜଣେ ବ୍ୟକ୍ତି ନୁହଁନ୍ତି- ସାମୂହିକ ସ୍ୱର । ତତ୍ତ୍ୱ, ମାର୍ଗଦ୍ରଷ୍ଟା ବଳରାମ ଭାଇ କୁହନ୍ତି, ବ୍ୟକ୍ତିର ମୃତ୍ୟୁ ଅଛି ହେଲେ ତା'ର ଚିନ୍ତା, ଦର୍ଶନ, ପ୍ରଦର୍ଶିତ ମାର୍ଗ ଅମର, ସ୍ଥାୟୀ, ସ୍ୱୟଂକ୍ରିୟ ।

ସରକାରଙ୍କ ଦୁଇ ପ୍ରତିନିଧି ଓ ଦୁଇ କମ୍ପାନୀ ଅଧିକାରୀଙ୍କ ସହ ବଳରାମ ଭାଇଙ୍କ ଭୂୟଙ୍କ ଆଶ୍ରମର ବୈଠକଗୃହରେ ରୁଦ୍ଧଦ୍ୱାର ଆଲୋଚନା ଚାଲିଛି । ସମସ୍ତେ ଆଶାବାଦୀ, ଯାହା ନିଷ୍କର୍ଷ ବାହାରିବ ତାହା ମାଡ଼ଗୁଲ ପେଣ୍ଠବାସୀଙ୍କ ସପକ୍ଷରେ ଯିବ । ବଳରାମ ଭାଇଙ୍କ ଉପରେ ପ୍ରବଳ ଆସ୍ଥାବାନ ସମସ୍ତ ବନବାସୀ ଆଦିବାସୀ ସତ୍ୟାଗ୍ରହୀ । ତାଙ୍କରି ପାଇଁ ତ ଏ ଆନ୍ଦୋଳନ । ସିଏ ଶପଥ କରିଛନ୍ତି ପ୍ରଥମ ବୁଲଡୋଜର୍ ଚାଲିବ ତାଙ୍କ ଶବ ଉପରେ ।

ଦୀର୍ଘ ଆଲୋଚନା ପରେ ସମବେତ ଜନତା ସମ୍ମୁଖରେ ବଳରାମ ଭାଇ ଘୋଷଣା କଲେ ଚୂଡ଼ାନ୍ତ ନିଷ୍ପତ୍ତିର ସାରମର୍ମ ।

- "ମୋର ପ୍ରିୟ ସତ୍ୟାଗ୍ରହୀ ଭାଇ-ଭଉଣୀ । ଏହା ଆମ ପାଇଁ ବିରାଟ ବିଜୟ । ବହୁ ତର୍କବିତର୍କ ପରେ ସରକାର ଓ କମ୍ପାନୀ ଆମ ଆଗରେ ହାର ମାନିଛନ୍ତି । ସୁବଳୟାଗିରି ସୁରକ୍ଷିତ ରହିବ । ଅର୍ଥାତ୍ ମା' ଦନ୍ତେଶ୍ୱରୀଙ୍କ ଆସ୍ଥାନ ଓ ଝରଣାମାନଙ୍କ ଉତ୍ପତ୍ତି ସ୍ଥାନ ସୁରକ୍ଷିତ ରହିବ । କମ୍ପାନୀ ଆଧୁନିକ ଜ୍ଞାନ କୌଶଳରେ ବକ୍ସାଇଟ୍ ଖନନ କରିବ । ଯାହା କ୍ଷତି ହେବ ତାହା ଭରଣା କରିବ । ଆଉ କମ୍ପାନୀରେ ଆପଣଙ୍କ ପିଲାମାନଙ୍କୁ ଚପରାସୀଠୁ ଆରମ୍ଭ କରି ନିଜ ଯୋଗ୍ୟତା ଭିତରେ ନିଯୁକ୍ତି ମିଳିବ । ଆମ ଜିଲ୍ଲା ଶିଳ୍ପ ସମୃଦ୍ଧ ହେବ । ନିଯୁକ୍ତି ସୃଷ୍ଟି ହେବ...ଆମର ଆର୍ଥିକ ଉନ୍ନତି ଘଟିବ ।"

ସମବେତ ଜନତା ସ୍ତମ୍ଭୀଭୂତ ଏ ନିଷ୍ପତ୍ତିରେ । କାହାରି ପାଟିରୁ କଥା ବାହାରୁନି । କିଏ ବା କ'ଣ କହିବ? ଏହା ତ ସ୍ୱୟଂ ବଳରାମ ଭାଇଙ୍କ ନିଷ୍ପତ୍ତି ।

ତଥାପି ସରକାରୀ ପ୍ରତିନିଧି ଓ କମ୍ପାନୀ ଅଧିକାରୀ ଅପେକ୍ଷା କରିଛନ୍ତି ବଳରାମ ଭାଇଙ୍କ ଫେରିବା ବାଟକୁ ।

ଏଥର କମ୍ପାନୀର ପଦସ୍ଥ ଅଧିକାରୀ ଜଣକ ପାଖରେ ଥିବା ଅର୍ଦ୍ଧ ନୂଆ ବ୍ରିଫ୍‌କେସ୍‌ଟି ଅଧାଖୋଲା କରି ବଳରାମ ଭାଇଙ୍କ ଦୃଷ୍ଟି ଆକର୍ଷଣ କଲେ । ଉପହାର ଭର୍ତ୍ତି ବଣ୍ଡଲ ସବୁ ସତେଜ ଲାଗୁଥାନ୍ତି । ବଳରାମ ଭାଇ କ୍ଷଣିକ ପାଇଁ ଆଖି ବୁଲାଇ ନେଲେ ଗାନ୍ଧିଜୀଙ୍କ ମୁହଁ ଉପରେ ।

ନଗଦ କାରବାର ଉପହାର ପାଇଁ ସବୁଠୁ ଅଧିକ ନିରାପଦ ।

"କ'ଣ ପ୍ରୟୋଜନ ଥିଲା ଏ ସବୁରେ? ଆଣିଛନ୍ତି ଯେତେବେଳେ ଗରିବ ଆଦିବାସୀଙ୍କ ଭିତରେ ବାଣ୍ଟି ଦେବି ।"

ଏଥର ସରକାରୀ ପ୍ରତିନିଧି ତାଙ୍କ ଫୋଲଡ଼ରରୁ ବାହାର କଲେ ଦ୍ୱିତୀୟ ବିସ୍ମୟ । ତାହା ଥିଲା ପଦ୍ମ ପୁରସ୍କାର ପାଇଁ ସୁପାରିସ୍ ପତ୍ର ।

ଏସବୁ ପରେ ଖୁବ୍ ପ୍ରସନ୍ନ ଲାଗୁଥାନ୍ତି ଜନନାୟକ ବଳରାମ ଭାଇ ।

ଜନଆନ୍ଦୋଳନ ସଫଳ ହେଉଛି । ■


ଗୌତମ ନଗର, କୋରାପୁଟ
ମୋ: ୯୪୩୭ ୯୦୮ ୯୫୮


# ଝୁରାଣ

## ପୂରବୀ ଶତପଥୀ

ଆଜି ଯେଉଁ ଦର୍ପଣ ଆଗରେ ମୁଁ ନିଜକୁ ନିତି ଦେଖେ
ସେ ଦର୍ପଣ ଭଙ୍ଗା; ହଜାର ଶୂନ୍ୟତାର ପ୍ରତିବିମ୍ବରେ,

ତଥାପି ଯୋଉ ପାପୁଲିଏ ସୂର୍ଯ୍ୟର ଆଲୁଅ
ମୋ ଆଞ୍ଜୁଳିରେ ଭରି ତମକୁ ଢ଼ାଳି ଦିଏ,
ସେଠି ଆଶାର ବୁନ୍ଦାଏ ବି ପାଣି
ଅଛି କି ନା ଜାଣେନା!

ତମକୁ ଦେଖେଇ ପାରୁନି ମୋ ଝୁରାଣ
ହୁଏତ ତାର ଆଭାସ ତୁମଠି ନଥାଇ ବି ପାରେ,
ଯୋଉ ତରଙ୍ଗରେ ଲେଖା ଥିଲା ତୁମ ନାଆଁ ମନ୍ତ୍ର ଭଳି
ଯୋଉ ଢେଉ ଡେଇଁ ପଡୁଥିଲା
ଛୁଇଁଦେଇ ମୋ ପାଦ ଛୁଇଁବାକୁ ତମ ଓଠ
ସେ ଏବେ କୁଆଡ଼େ ମୋ ଆଖିତଳେ; କୋହର ଘର କରିଛି!

ମୁଁ ତୁମକୁ ଭଲପାଏ ପ୍ରିୟ;
ଭଲପାଏ ବୋଲିତ ଆମେ ମିଶି ଯୋଉ ବାଲିଘର କରିଥିଲେ
ସେ ବାଲିର ରେଣୁରେ ରେଣୁରେ ଛାଡ଼ି ଆସିଚି
ମୋ' ନାଆଁର ଅସୁମାରୀ ପ୍ରତିଧ୍ୱନି

ତମେ ଦିନେ ଯଦି ପୁଣି ସମୁଦ୍ରକୂଳରେ
ଆଞ୍ଜୁଳିରେ ଟେକି ଧର ମୁଠାଏ ବାଲି ତର୍ପଣ ମୁଦ୍ରାରେ;

କେଜାଣି ନକ୍ଷତ୍ରଟିଏ ହୋଇ ତମ ପାପୁଲିରେ ମୁଁ
ପହଞ୍ଚିବି ନା ନାହିଁ!
କେଜାଣି ତମେ ସେଦିନ କୋଉ ସାମୁଦ୍ରିକ ସଂଗୀତ ଗାଉଥିବ;
ମୁଁ ସମୁଦ୍ରେଇ ଯାଉଥିବି ନା ନାହିଁ!
କେଜାଣି ଆମ ଝୁରା-ଗୀତ
ଭଲ ପାଇବାର ଆୟୁଷ ବଢ଼ଉଥିବ ନା ନାହିଁ! ■


ରାସୋଳ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮


# ହୁଏତ

## ସୂର୍ଯ୍ୟସ୍ନାତ ତ୍ରିପାଠୀ



ହୁଏତ,
ଦିନେ ବୁଡ଼ିଯାଉଥିବି ଯେଉଁଠି,
ଠିକ୍ ସେଇଠି ହିଁ ଭାସୁଥିବ
ସଂସାରର ଶେଷ କୁଟାଖିଅ...

ହୁଏତ,
ଦିନେ ଭୋକିଲା ମଣିଷମାନଙ୍କୁ
ଯାଚିଦେଲା ବେଳକୁ ହାଡ଼ ମାଂସ ମୋର,
ଆହୁରି ଆହୁରି ଭୋକ ମାଡ଼ିବସୁଥିବ
ଏ ପୃଥିବୀକୁ !

ହୁଏତ,
ମୋ ରକ୍ତରେ ମୁହଁ ଧୋଇ
ଫେରିଯିବାର ବହୁ ବର୍ଷ ପରେ,
ଶୋଷରେ ଆତୁର ହେଇ
ଜୋକସବୁ ପୁଣି ଲେଉଟିଆସିବେ
ଅଗଣାକୁ ମୋର...

ହୁଏତ,
ଘୃଣାର ହାତ ଧରି ଦୀର୍ଘ ବାଟ
ଚାଲିଆସିବା ପରେ, ହଠାତ୍ ଦିନେ
ଭେଟହେବ ତୁମ ସହ ରକ୍ତନଦୀ ତୀରେ,
ଓ ସଂସାରର ସବୁଠୁ ନିରୀହ ଆଖି ଦୁଇଟି
ମତେ ଲଜ୍ଜିତ କରିବେ କ୍ଷମା
ଯାଚିଦେଇ...

ହୁଏତ,
ନିଃସହାୟ ମଣିଷଙ୍କ ଲୁହପଖଳା
ଶବ୍ଦ ସବୁ ଦିନେ ଅଚାନକ ମନ୍ତ୍ର ପାଲଟିଯିବେ,
ମଣିଷର ଲୁହ ପୋଛିବାକୁ ମଣିଷର ହାତ
ନିଃସଙ୍କୋଚ ଲମ୍ବିଆସିବ, କାହାରି
କଟା ଘା' ଉପରେ ଲୁଣ ଭଳି ଖସି ପଡ଼ିବନି
କଟାକ୍ଷ କାହାରି ଓ ଅଗଣିତ ପ୍ରେମପକ୍ଷୀ
ଉଡ଼ି ଯିବେ ହସି ହସି ସାତରଙ୍ଗୀ
ଦିଗନ୍ତ ଆଡ଼କୁ...

ହୁଏତ,
ହୁଏତ,
ହୁଏତ !!! ■


ସିଦ୍ଧେଶ୍ୱରପୁର, କଟକ


ମୁଁ କାହିଁକି ଲେଖେ

# "ମାନବବାଦର ଅଭ୍ୟୁଦୟ ପାଇଁ ମୁଁ ଲେଖେ"

## ପିନାକୀ ମିଶ୍ର

ଜୀବନ ହେଉଛି ଗୋଟେ ଭାବନାର କାଠବାକ୍ସ, କେତେ ସ୍ମୃତିସବୁ ସାଇତି ରଖା ହୋଇଥାଏ । କେତେ ନୂଆ ସ୍ମୃତି ଆସି ମିଶୁଥାଏ, ତାକୁ କେତେ ପୋଛା କେଡ଼େ ଯତ୍ନ, ମନର ପୂରିଲା ମହୁଘର ଏ ସ୍ମୃତି ସିନ୍ଦୁକ । ବୟସ ନଇ ଯେତେ ଆଗକୁ ବଢ଼ିଚାଲେ କିଛି ସ୍ମୃତି କର୍ପୂର ପରି ଉଡ଼ିଯାଏ ବାକ୍ସରୁ । ଛାତି ଭିତରେ ରଗରଗ ରୁନ୍ଧିହୁଏ ସୂକ୍ଷ୍ମ ଅନୁଭୂତି, ମନରେ ଢେଉ ଖେଳେ କଳ୍ପନା । ଉଠେ ଅମାପ ଆବେଗ, ତାକୁ ବେଶୀ ସମୟ ଛାତିରେ ଚାପି ରଖିହୁଏନା । ଭାବନାକୁ ପାପୁଲିରେ ଧରି ମୁଁ ଶବ୍ଦବ୍ରହ୍ମଙ୍କୁ କୋଟି ଅନୁନୟ ହୁଏ । ଉପରୁ ଓହ୍ଲେଇ ଆସେ ଭାଗବତ କରୁଣା । ଧୀରେଧୀରେ ମୁଁ ପଶେ ସମ୍ବେଦ ସାହିତ୍ୟ ଭିତରକୁ । କେତେ କ୍ଷତ, କେତେ ଯନ୍ତ୍ରଣା ଭୋଗ, ସବୁଥାଇ କେତେ ଶୂନ୍ୟତା, ଚାଲୁଚାଲୁ ଅଲକ୍ଷ୍ୟରେ ଦୀର୍ଘବାଟ ଅତିକ୍ରମ କରି ମୁଁ ପହଞ୍ଚି ଯାଇଥାଏ କବିତା ତୀର୍ଥରେ । କବିତା ଛନ୍ଦରେ ମୋତେ କିଏ ଛନ୍ଦି ଦେଉଛି, ସିଏ କି ମୋତେ ଏ ମଳିନ ଆଖିରେ କେବେ ଦିଶିବ (?), ସେ କାଳେ ଆଖି ମୁଦିଲେ ଦିଶେ, ହେଲେ ମୁଁ ତ ସେମିତି ତା'ର ନିକଟତର ହୋଇପାରିନି । ମୁଁ କବିତାମାୟାରେ ପଶେ, ପଢୁଛି ଲେଖୁଛି ଅନେକଦିନରୁ ।

ଏଇଥିପାଇଁ ଯେ, ଏ ସମୟ ମୋ ପାଇଁ ଅମୃତକାଳ, ପ୍ରେମପାର୍ବଣର, ଅକପଟ ଶ୍ରଦ୍ଧାର ଅସଲବେଳ, ନିଜକୁ ଆନହିତରେ ସମର୍ପଣ ନକଲେ ସିଏକି ଜୀବନ ? ଅଥଚ ହାତଗଢ଼ା ଅନର୍ଥରେ ଆଜିର ସମୟକୁ ବିଷାକ୍ତ କରୁଛି ଅବାଧ ମଣିଷ । କୋଉଠି ଖାଦ୍ୟ ଭରପୂର ଅଛି ଅଥଚ ଖାଇବାକୁ ପେଟ ନାହିଁ ତ କୋଉଠି ରାତି ଖାଙ୍କର ପେଟର କୁହାଟ ଶୁଭୁଛି । ଭୋକ ଅସହ୍ୟ, ଚୁଲୀ ଜଳୁନି ରାତିରେ, କି ଦାରିଦ୍ର୍ୟର କରୁଣଚିତ୍ର ମୋ' ଦେଶର ବଣମୂଳକରେ !! ମୋ ଘର, ଗାଁ ସହର, ମୋ'ଦେଶ ଆଗଉଛି ପରା, ତା' ହେଲେ ଅନାବିଳ ପ୍ରେମ, ମୂଲ୍ୟବୋଧ, ମାଟିପ୍ରୀତି, ପରୋପକାର କାହିଁ ଦେଖିବାକୁ ତ ପାଉନି ?

ସୂର୍ଯ୍ୟ ଦେବତା ଆଲୋକ ଦେଲେ, ମାଟି ଆହାର ବାସ ଦେଲା ଅଥଚ ହଳେଆଖି ମାତିଲା ବାସନାରେ, ଜଙ୍ଗଲ ପଦାହେଲା ଲୋଭରେ, ଜମି ହଡ଼ପ ହେଲା ବାହୁବଳରେ । ମଣିଷ ଦେବଅଂଶୀ ଅଥଚ ଜଣେ ଅଧେ ଜାନ୍ତବକ୍ଷୁଧାରେ ବର୍ବର, ନିଇତି କଳଙ୍କ ଘଟଣା ଘଟି ଚାଲିଛି ସମାଜରେ । ପ୍ରେମ ଆଜି ବଜାର ସଉଦା, ଏତେ କ୍ରୋଧ ଏତେ ହତ୍ୟା ଦିନକୁ ଦିନ ବଢୁଛି କାହିଁକି ? ଆବଶ୍ୟକତା ଅଳ୍ପ ହେଲେ ଚଳନ୍ତାନି । ନାରୀ ଡରିଡରି ଜିଉଁଛି ଘରେ ବାହାରେ, ନୀରିହ ପୁରୁଷଟି ସରଳ ହୋଇ ବି ପାଉଛି ନିର୍ଯ୍ୟାତନା । ଇତିହାସ ମ୍ରିୟମାଣ, ବର୍ତ୍ତମାନ ମ୍ଳାନମଉନ, ଭବିଷ୍ୟତ କେହି କାହା ପାଖରେ ବସୁ ନଥିବା ଏକ ଧୂଳିଧୂସର ମାଟିପିଣ୍ଡା ।

ମୁଁ ଲେଖୁଛି - ମାଟି ସହ ମଣିଷର ସଂପର୍କ ଏଥର ଫେରିଆସୁ, ପରମାତ୍ମାଙ୍କ ସହ ଆତ୍ମାର ସମ୍ପର୍କ ଦୃଢ଼ ହେଉ, ହୃଦୟ ରସସିକ୍ତ ହେଉ, ନିଃସର୍ତ୍ତ ବନ୍ଧୁତାର ଭାବ ରହୁ, ସେବା ଜୀବନର ବ୍ରତହେଉ, ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ରହୁ । ଆଶା ତ ସଂଜିବନୀ - ଥାଉ ଛାତିରେ, ଦୁଃଖ ଆସୁ, ସମୟର ପ୍ରହାର ପଡୁ ପିଠିରେ, ମୋତେ ସରଳ ହେବାକୁ ପଡ଼ିବ । ଜଡ଼ବସ୍ତୁ ଭିତରର ପ୍ରାଣସତ୍ତାକୁ ଯେମିତି ହେଲେ ଖୋଜି କାଢ଼ିବାକୁ ପଡ଼ିବ । ମୁଁ ଆଗ୍ରହୀ, ଅନୁରାଗ ପ୍ରଣୟଛନ୍ଦ କବିତା ରୋମାଞ୍ଚିତ କରୁ ଶ୍ରମକ୍ଳାନ୍ତ ହୃଦୟକୁ । ଜନ୍ମମାଟି ମୋର ଆଦ୍ୟ ବନ୍ଦିତା, ତା' ଯଶବିଭବ ଗୀତ ମୁଁ ଗାଇବିନି ତ ଆଉ କିଏ ଗାଇବ ? ମୋ ଛାତିରେ ଗଭୀର ଭକ୍ତିରସର ଉଚ୍ଛ୍ୱାସ, ଦେବୀର ପାଦବେଢ଼ା ସଜଲାଗି ମୁଁ ପ୍ରସ୍ତୁତ । କବିତା ମୋର ଦିଅଁଙ୍କୁ କାଢ଼ିଆଣୁ ଗମ୍ଭିରାର ବନ୍ଦୀଘରୁ । ସେ ବନସ୍ତଦେବତା, ବଣଫଳ ପ୍ରିୟ, ସେ ବଡ଼ଦାଣ୍ଡ ଦିଅଁ, ଗହଳଚହଳରେ ଠିଆନାଚ ତାଙ୍କର ପ୍ରିୟ, ସେ ନିଜେ ହାତବଢ଼େଇ ନଡ଼ିଆ ନେବେ, ବାଇଗଣ ବାଡ଼ିରେ ପଶି ଗୀତଗୋବିନ୍ଦ ଶୁଣିବେ । ମୁଁ ବିଶ୍ୱାବସୁର ଦାୟାଦ, ମୋ ଆଦିମ ଭାଷା ହିଁ ତା' ଲାଗି ମନ୍ତ୍ର, ଲୁହଛଳ କବିତାରେ ଆବାହନ କରିବି ଭାବରଠାକୁରଙ୍କୁ, ଦେଉଳରେ ଘୁମୁରୁ ଥିବ ମନପାରା, ଏମିତି ସୁଖଭାଗ୍ୟକୁ କାହିଁକି ହାତଛଡ଼ା କରିବି ?

କିଏ ଦେଲା ଏ ଭାବ? ନଈ ନା ପବନ ନା ଶୂନ୍ୟ କିଏ ଛନ୍ଦାୟିତ କରୁଛି ମୋ ଅନ୍ତରକୁ? ସାହିତ୍ୟ ଅଛି ବୋଲି ମୁଁ ନିଦାଘରେ ବି ଅନୁଭବ କରୁଛି ବଉଳ ଛାଇର ପରଶ । ମୁଁ ପ୍ରଣୟସିକ୍ତ, ଗୋପଗାଁ ଅବୋଧ ବାଳୁତ । କେମିତି ଆସିଲେ ଏଇ ମୋ କ୍ଷୁଦ୍ର କୁଟୀରକୁ ଶବ୍ଦବ୍ରହ୍ମ, କବିତାଜନନୀ ? କିଏ ଦେଲା ଏ ଲଳିତ ଇଙ୍ଗିତ କବିତା ସର୍ଜନା ଲାଗି ? କେମିତି ପାଇଲି ସେ ଲଳିତ ଲବଙ୍ଗ ସନ୍ଧାନ, ସବୁ ନୀଳକାନ୍ତ ନୀଳଶୂନ୍ୟ ପରମ ପ୍ରିୟତମଙ୍କର କଳାର ବିଭୂତି । ଏ ଦୁର୍ଲଭ ଯୋଗ ଏ ଜନ୍ମରେ ପାଇଛି, ହାତଛଡ଼ା ହେବାକୁ ଦେବିନି । ଶ୍ରଦ୍ଧା ଓ ପ୍ରଜ୍ଞା ମୋ ହୃଦୟର ଭାବନାକୁ ମହକ ଦେଉଛି । ସେତେବେଳେ ମୁଁ ଲେଖେ ମାନବବାଦର ଅଭ୍ୟୁଦୟ ଲାଗି ନବ ନବ ଚେତନାର ଲଳିତ ସର୍ଜନା । ଗୋଟେ ହାତଆଉଁସା ପାଉଛି, ମଧୁମୟଙ୍କ ନିର୍ଦ୍ଦେଶ ମୋ ପାଇଁ ।

କବିତାକୁ ପ୍ରାଣ ପୂରିଲା ଆବାହନ କରୁଛି ମୁଁ, ଦୁଃଖଶୋକର ପୃଥିବୀରେ କବିତା ହିଁ ସାନ୍ତ୍ୱନା, ମୋତେ ସେ ପାଖକୁ ଡାକି ଠା ଦେଇଛି, ବଡ଼କଥା । ସାହିତ୍ୟ ସବୁ ନିନ୍ଦା ବିବାଦର ଊର୍ଦ୍ଧ୍ୱରେ । ଲୁହ ଆଉ କବିତା କେଡ଼େ ଆତ୍ମୀୟ ସତେ, ଭାଗବତ, ଲକ୍ଷ୍ମୀପୁରାଣ, ମନବୋଧ ଚଉତିଶା, ଟୀକା ଗୋବିନ୍ଦଚନ୍ଦ୍ର, ପ୍ରାଣୀଙ୍କ ଆରତ, ମିଶୁ ମୋର ଦେହ ଏସବୁ ମୋ ଭାବଘରକୁ ଦେଉଳ କରିଛି, ଏସବୁ ତ ଚାଲିଛି ବାଲ୍ମୀକିଙ୍କର ଆଦ୍ୟପର୍ବରୁ । ■


'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର
ମୋ ୯୪୩୮୧୧୮୩୯୭


# ପତ୍ରିକା ପରିଚୟ

## ରେବତୀ

### ସଂପାଦିକା : ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ରେବତୀ' ଆମ ମାଟିର ସ୍ୱରର ଜାନୁଆରୀ -୨୦୨୬ ସଂଖ୍ୟା ବେଶ୍ ଆକର୍ଷଣୀୟ ଓ ମନଲୋଭା ହୋଇଛି । ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ 'ରେବତୀ'ର ଏହି ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ବିନ୍ଦୁରୁ ବିବିଧତା: ବଂଶୀଧର ଚୌଧୁରୀ', ନାରାୟଣ ରାଉତରାୟଙ୍କ 'ଗୁମ୍ଫାର ଗାଥା', ବିକାଶ ଚନ୍ଦ୍ର ସ୍ୱାଇଁଙ୍କ 'ମୁକ୍ତେଶ୍ୱରର ମହକ' ଆଦି ଆଲେଖ୍ୟଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେହିପରି ପ୍ରତିଭା ଖିଲାରଙ୍କ '୫ ସ୍ୱପ୍ନଖୋର୍ କବିଙ୍କ ଗୁଞ୍ଜନ' ଓ ମାଧବାନନ୍ଦ ପାତ୍ରଙ୍କ 'ନୂଆ ତାରା, କବିତାର ନବ୍ୟଧାରା'ରେ ଓଡ଼ିଆ ସାହିତ୍ୟର କେତେ ଜଣ ନବ ପ୍ରତିଭାଙ୍କ କାବ୍ୟସ୍ୱର ସଂପର୍କରେ ଆଲୋକପାତ କରାଯାଇଛି । ସେଭଳି ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ପଥର', ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ 'ଦ୍ୱିପାକ୍ଷିକ', ଅଭୟ ଦାସଙ୍କ 'ଆହତ ଅକ୍ଷର', ସାବିତ୍ରୀ କବିଙ୍କ 'କିଏ ସିଏ ଆସିବ', ଈପ୍‌ସିତା ଷଡ଼ଙ୍ଗୀଙ୍କ 'ସବୁ କାହିଁକିର...?', ଡକ୍ଟର ମମତା ବାରିକଙ୍କ 'ତଅପୋଇର ଘର ସଂସାର', ଆଶିଷ କୁମାର ମିଶ୍ରଙ୍କ 'ମାଂସ ଭକ୍ଷଣ' ଆଦି କବିତାଗୁଡ଼ିକର ଅନ୍ତଃସ୍ୱର ମାର୍ମିକ ହୋଇଛି । ସେହିପରି ପ୍ରଦୋଷ ମିଶ୍ରଙ୍କ 'କାହାଣୀ ନୁହେଁ', ବିରଜା ରାଉତରାୟଙ୍କ 'ସରି ଆସୁଥିବା ଗପ', ଜ୍ଞାନରଞ୍ଜନ ନାୟକଙ୍କ 'ବାପା' ଆଦି ଗପଗୁଡ଼ିକର ହୃଦୟସ୍ପର୍ଶୀ ହୋଇଛି । 'ରେବତୀ'ର ଅନ୍ୟାନ୍ୟ ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି । ■

## ମୋନାଲିସା

### ସଂପାଦିକା : ସଂଘମିତ୍ରା ସ୍ୱାଇଁ



ମୋନାଲିସା ସାହିତ୍ୟ ସଂସଦ
ମଧୁବନ, ପରାଦ୍ୱୀପ,
ଜଗତସିଂହପୁର
ମୂଲ୍ୟ: ୧୫୦ ଟଙ୍କା

ସଂଘମିତ୍ରା ସ୍ୱାଇଁଙ୍କ ସଂପାଦନାରେ ସୃଜନଶୀଳତାର ନୂତନ ପରିଭାଷା 'ମୋନାଲିସା'ର ତ୍ରୟୋଦଶ ସଂଖ୍ୟା ନବବର୍ଷ ୨୦୨୬ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଓଡ଼ିଶାର ବହୁ ବରିଷ୍ଠ ଓ ଯୁବ ଲେଖକଲେଖିକାଙ୍କ କବିତା, ଗଳ୍ପ, ପ୍ରବନ୍ଧ, ଅନୁବାଦ ଆଦି ଲେଖାରେ ସମୃଦ୍ଧ ହୋଇଛି । ଗପ ବିଭାଗରେ ବରିଷ୍ଠ କଥାକାର ତରୁଣକାନ୍ତି ମିଶ୍ରଙ୍କ 'ଛାୟାଘନ ପ୍ରାନ୍ତରର ସୀମା', ଗୌରହରି ଦାସଙ୍କ 'ଘର', ସଦାନନ୍ଦ ତ୍ରିପାଠୀଙ୍କ 'ସନ୍ତାନ', ବିଷ୍ଣୁ ସାହୁଙ୍କ 'ସୁନୟନା', ରବି ସ୍ୱାଇଁଙ୍କ 'ଜଗନାଥିଆ', ଅରବିନ୍ଦ ରାୟଙ୍କ 'ଉତ୍ତର ପୁରୁଷ', ରବି ପଣ୍ଡାଙ୍କ 'ଆଖି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ପ୍ରବନ୍ଧ ବିଭାଗରେ ଦାଶରଥି ଜେନାଙ୍କ 'ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ', ନିରାକାର ଦାସଙ୍କ 'ଏକମାତ୍ର ସାମ୍ୟବାଦ ହିଁ ବିଶ୍ୱକୁ ସୁରକ୍ଷିତ ରଖିପାରିବ', ରାଜୀବ ପାଣିଙ୍କ 'ଜୀବନ ଓ ସଙ୍ଗୀତ', ମଙ୍ଗୁଳି ଚରଣ ମଲ୍ଲିକଙ୍କ 'ସମକାଳୀନ ଓଡ଼ିଆ ଦଳିତ କବିତାରେ ସାମାଜିକ ଚେତନା' ପ୍ରଭୃତି ପ୍ରବନ୍ଧ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସେଭଳି କବିତା ବିଭାଗରେ ବଂଶୀଧର ଷଡ଼ଙ୍ଗୀଙ୍କ 'ସିଏ ଆସିଗଲେ', ରଞ୍ଜିତା ନାୟକଙ୍କ 'ସନ୍ଦିଗ୍ଧ ମୃଗୟା', ପୀତାମ୍ବର ତରାଇଙ୍କ 'ଅସ୍ପୃଶ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ମୋନାଲିସା'ର ପ୍ରତିଟି ଲେଖା ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଆଷାଢ଼

### ସଂପାଦକ : ପୀତାମ୍ବର ମହାପାତ୍ର

ଆନନ୍ଦ ବଜାର, ହନୁମନ୍ତ ବ୍ରହ୍ମପୁର
ଜଗତସିଂହପୁର-୭୫୪୧୧୧
ମୂଲ୍ୟ: ୧୦୦ ଟଙ୍କା

ଆଷାଢ଼ ସାହିତ୍ୟ ସଂସଦ ପକ୍ଷରୁ ପୀତାମ୍ବର ମହାପାତ୍ରଙ୍କ ସଂପାଦିତ 'ଆଷାଢ଼' ପତ୍ରିକା ପ୍ରକାଶ ପାଇଛି । 'ଆଷାଢ଼'ର ଏହି ସଂଖ୍ୟାରେ ପ୍ରବନ୍ଧ, ଗପ, ଗୀତି କବିତା, ଛନ୍ଦ କବିତା, ପୁସ୍ତକ ସମୀକ୍ଷା ଆଦି ପ୍ରକାଶିତ ହୋଇଛି । ଡ. ପ୍ରଭାକର ପଣ୍ଡାଙ୍କ 'ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା', ଡ. ଶ୍ରୀଚରଣ ଦାସଙ୍କ 'କାପୁରୁଷ', କିଶୋର ଚନ୍ଦ୍ର ମହାନ୍ତିଙ୍କ 'ଦିବ୍ୟ ଜ୍ଞାନ', ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ 'ଶ୍ରୀଜଗନ୍ନାଥଙ୍କ ଚକାଡୋଳା ଓ କୃତ୍ରିମ ଉପଗ୍ରହ 'ନାଇସାର', ଜୟରାମ ସାହୁଙ୍କ 'ରହସ୍ୟମୟ ଶ୍ରୀଜଗନ୍ନାଥ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନମୂଳକ ହୋଇଛି । ସେହିପରି ନନ୍ଦକିଶୋର ସିଂହଙ୍କ 'ଇୟେ କି ଉଚ୍ଛ୍ୱାସ', ବାବାଜୀ ଚରଣ ଜେନାଙ୍କ 'ଜହ୍ନ ବି ଲାଜେଇ ଗଲା', ଡକ୍ଟର ତୋଫାନ ଜେନାଙ୍କ 'ମତେ ଭଲ ମୋ ଗାଁ', ସୁରଞ୍ଜନ ପାତ୍ରଙ୍କ 'ନିଆଁରେ ଜଳୁଛି ମାଟି', ଡକ୍ଟର ସଙ୍ଗୀତା ପଣ୍ଡାଙ୍କ 'ପାଉଁଶ ଗଦାର ନିଆଁ' ଆଦି ଗୀତି କବିତାଗୁଡ଼ିକ ଭାବ, ଭାଷା ଦୃଷ୍ଟିରୁ ବୋଧଗମ୍ୟ ଓ ମାର୍ମିକ ହୋଇଛି । ସେଭଳି ଚନ୍ଦ୍ରଧର ରାଉତଙ୍କ 'ପରଦା ପଛର ଆଲୁଆଳେ', ଚିନ୍ମୟୀ ନନ୍ଦଙ୍କ 'ସ୍ୱପ୍ନ', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଜଡ଼ାଟା' ଆଦି ଗପଗୁଡ଼ିକରେ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି କୃଷ୍ଣ କୁମାର ମହାନ୍ତି, ସ୍ନିଗ୍ଧା ନାୟକ, ସଞ୍ଜିତ କୁମାର ବଳ, ଡକ୍ଟର ବନପ୍ରଭା ପରିଡ଼ା, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ଆଷାଢ଼' ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ଅସ୍ତରଙ୍ଗ ସମୁଦ୍ର କୂଳରେ କୁମ୍ଭୀର ଆତଙ୍କ

## ଅଣକଣାରେ ପ୍ରଶାସନ ତରଫରୁ ସଚେତନତା ଜାରି

ଅସ୍ତରଙ୍ଗ,୩୧।୧ (ସମିସ): ଅସ୍ତରଙ୍ଗ ସମୁଦ୍ର କୂଳରେ କୁମ୍ଭୀର ଆତଙ୍କ। କିଛି ଦିନ ତଳେ ସ୍ଥାନୀୟ ଲୋକ ପୀରଜାହାନିଆଠାରେ ଗୋଟିଏ କୁମ୍ଭୀର ଦେଖିବାକୁ ପାଇଥିଲେ। ଆଜି ସକାଳୁ ଅଣକଣା ତଣ୍ଡାରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ପୁଣି ଏକ ବିରାଟ କୁମ୍ଭୀର ଦେଖିବାକୁ ପାଇଛନ୍ତି। ସେମାନେ କୁମ୍ଭୀରଟିର ଭିଡିଓ ଉତ୍ତୋଳନ କରିବା ସହ ଏ ବାବଦରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପକ୍ଷରୁ ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସତର୍କ କରାଯାଇଛି। ଏହାସହ କେହି ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା, ମତ୍ସ୍ୟଜୀବୀ ଯେପରି ସମୁଦ୍ର ଭିତରକୁ ନ ଯାଆନ୍ତି, ସେଥିପ୍ରତି ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ସେହିପରି ଦେବୀନଦୀ ମୁହାଣଠାରୁ କେଳୁଣି ମୁହାଣ ପର୍ଯ୍ୟନ୍ତ ବନ ବିଭାଗ ପାଟ୍ରୋଲିଂ

କରି କୁମ୍ଭୀରକୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

ପୀରଜାହାନିଆ ବେଳାଭୂମିର ଓଡ଼ିଶା ମାନଚିତ୍ରରେ ସ୍ୱତନ୍ତ୍ର ମାନ୍ୟତା ରହିଛି। ବର୍ଷତମାମ ଏଠାକୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସନ୍ତି। ଏଠାରେ ବଣଭୋଜି କରିବା ସହ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଆରାଧ୍ୟ ପୀର ବାବାଙ୍କ ନିକଟରେ ପୂଜାର୍ଚ୍ଚନା କରି ସମୁଦ୍ରରେ ଗାଧୋଇ ସେଲ୍ଫି ଉଠାଇଥା'ନ୍ତି। ତେଣୁ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ରକୂଳକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରୁଥିବା ବେଳେ ପ୍ରଶାସନ ତରଫରୁ ସେମାନଙ୍କୁ ସଚେତନତା କରାଯିବା ସହ ବାରଣ କରାଯାଇଛି। ବନବିଭାଗ କର୍ମଚାରୀଙ୍କ ତରଫରୁ ସମୁଦ୍ର କୂଳରେ କୁମ୍ଭୀର ଉପରେ କଡ଼ା ନଜର ରଖାଯାଇଛି। ଅନ୍ୟପଟେ, ଏହି ସମୟରେ ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ କୂଳକୁ ଆସୁଛନ୍ତି। ସେମାନଙ୍କ ସୁରକ୍ଷା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଭାଗ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନଙ୍କୁ ସଚେତନ କରାଯାଉଛି ବୋଲି ଅସ୍ତରଙ୍ଗ ବନଖଣ୍ଡ ଅଧିକାରିଣୀ ମୋନାଲିସା ମହାପାତ୍ର ସୂଚନା ଦେଇଛନ୍ତି।

# ସରକାରୀ ପଦରେ ଚୁକ୍ତିଭିତ୍ତିକ ଓ କେବଳ ସାକ୍ଷାତକାରଭିତ୍ତିକ ନିଯୁକ୍ତି ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ, ୩୧।୧(ସମିସ): ରାଜ୍ୟରେ ହଜାରହଜାର ସରକାରୀ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ୁଥିବାରୁ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହି ପଦଗୁଡ଼ିକରେ ସମୟାନୁସାରେ ନିଯୁକ୍ତି ଦିଆନଯିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ବୟସ ଗଡ଼ିଯିବା ଯୋଗୁଁ ସୁଯୋଗ ହରାଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ହାଇକୋର୍ଟ। ତେଣୁ ସରକାର ଓ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ତୁରନ୍ତ ଖାଲି ପଦଗୁଡ଼ିକୁ ନିୟମିତ ପ୍ରକ୍ରିୟାରେ ପୂରଣ କରନ୍ତୁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଶିବାଙ୍ଗୀ ମାହାତୋଙ୍କ ଆବେଦନକୁ ଖାରଜ କରିବା ସହ ଏପରି ରାୟ ପ୍ରଦାନ କରିଛନ୍ତି।

ସରକାରୀ ଚାକିରି କ୍ଷେତ୍ରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଏବଂ କେବଳ ସାକ୍ଷାତକାର (ୱାକ୍-ଇନ୍-ଇଣ୍ଟରଭ୍ୟୁ) ମାଧ୍ୟମରେ ଚୟନ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଧାରଣ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଓ ନିୟମିତ ପ୍ରକ୍ରିୟା ଅପରିହାର୍ଯ୍ୟ। ଯେଉଁଠାରେ ନିୟମିତ ନିଯୁକ୍ତି ପାଇଁ ବିଧିବଦ୍ଧ ନିୟମ ରହିଛି, ସେଠାରେ ଚୁକ୍ତିଭିତ୍ତିକ ପ୍ରକ୍ରିୟା ଆପଣାଇବା ଅନୁଚିତ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଓପିଏସ୍‌ସି ସଚିବଙ୍କୁ ଏହି ରାୟର ନକଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ସହକାରୀ ପ୍ରଫେସର୍ (ନିଶ୍ଚେତକ) ପଦବୀ ପାଇଁ ଆବେଦନକାରୀ, ୨୦୨୪ ମେ' ୮ରେ ପ୍ରକାଶିତ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ବିଜ୍ଞାପନ ଆଧାରରେ ଚୟନ ତାଲିକାର ଚତୁର୍ଥ ସ୍ଥାନରେ ଥିଲେ। ଚୟନ ହୋଇଥିବା ୨ଜଣ ପ୍ରାର୍ଥୀ ଯୋଗ ନ ଦେବାରୁ ବଳକା ପଦବୀରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ସେ ଦାବି କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଏହାର ବିଚାର ନକରି ୨୦୨୪ ନଭେମ୍ବର ୫ରେ ସରକାର ସାନି ନୂତନ ନିଯୁକ୍ତି ବିଜ୍ଞପ୍ତି ଜାରି କରିବାରୁ ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଣିକିଆ ବିଚାରପତି ତାଙ୍କ ଆବେଦନକୁ ଖାରଜ କରିବାରୁ ସେ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ରୁଜୁ କରିଥିଲେ। ଏମ୍‌କେସିଜି ମେଡିକାଲରେ ସହକାରୀ ପ୍ରଫେସର୍ ପଦ ପାଇଁ ଆବେଦନକାରୀ କେବଳ ସାକ୍ଷତକାର ବା ୱାକ୍ ଇନ୍ ଇଣ୍ଟରଭିୟୁରେ ଅଂଶଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। କେବଳ ୱାକ୍-ଇନ୍-ଇଣ୍ଟରଭ୍ୟୁ ମାଧ୍ୟମରେ ଯୋଗ୍ୟତା ମାପିବା ଠିକ୍ ନୁହେଁ। ଏହା ଦ୍ୱାରା ସ୍ୱଚ୍ଛତା ବାଧାପ୍ରାପ୍ତ ହୁଏ ଏବଂ ଜନସାଧାରଣଙ୍କ ମନରେ ନିଯୁକ୍ତି ପ୍ରକ୍ରିୟା ପ୍ରତି ସନ୍ଦେହ ସୃଷ୍ଟି ହୁଏ ବୋଲି ହାଇକୋର୍ଟ କଡ଼ା ଟିପ୍ପଣୀ ଦେବା ସହ ମାମଲାକୁ ଖାରଜ କରିଦେଇଛନ୍ତି।

# ଜନଶୁଣାଣି ପୂର୍ବରୁ ଡ୍ରମ୍ ବଜାଇ ଘୋଷଣା କରିବା ଜରୁରୀ ନୁହେଁ :ହାଇକୋର୍ଟ

କଟକ,୩୧।୧(ସମିସ): ପରିବେଶ ମଞ୍ଜୁରୀ ସଂପର୍କିତ ଜନଶୁଣାଣି ତାରିଖ ସଂପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପାଇଁ ପାରମ୍ପରିକ ଭାବେ ଡ୍ରମ୍ ବଜାଇ ଘୋଷଣା କରାଯିବା ଜରୁରୀ ନୁହେଁ। ଏପରିକି, ଜନଶୁଣାଣି ସୂଚନାକୁ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଇବା ମଧ୍ୟ ଆବଶ୍ୟକ ନୁହେଁ। କିନ୍ତୁ, ନିୟମ ଅନୁସାରେ ଜନଶୁଣାଣି ସଂପର୍କିତ ସୂଚନା ଜାତୀୟ ଓ ଆଞ୍ଚଳିକ ଭାଷାର ସମ୍ବାଦପତ୍ରରେ ପ୍ରକାଶ କରାଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରସନ୍ନଜିତ ନାୟକ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଜନଶୁଣାଣି ପାଇଁ ଡ୍ରମ ବଜାଇ ଘୋଷଣା କରା ନଯିବା ଓ ପଞ୍ଚାୟତ କାର୍ଯ୍ୟାଳୟରେ ସୂଚନା ଲଗା ନଯିବା କାରଣରୁ ଜନ ଶୁଣାଣିକୁ ରଦ୍ଦ ପାଇଁ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ଦାନଗଦିଠାରେ ଏକ ପ୍ରକଳ୍ପ ପାଇଁ ୨୦୨୫ ମେ' ୨୮ରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ପାଇଁ ନୋଟିସ ଦିଆଯାଇନଥିଲା। ଏଥିସହ ଜନ ପଞ୍ଚାୟତ କାର୍ଯ୍ୟାଳୟର ପ୍ରମୁଖ ସ୍ଥାନରେ ଜନ ଶୁଣାଣି ନୋଟିସ ଲଗାଯାଇ ନଥିଲା କି ଡ୍ରମ ବଜାଇ ଜନସାଧାରଣଙ୍କ ପାଇଁ ଘୋଷଣା ହୋଇ ନଥିଲା। ତେଣୁ ଏପରି ଜନଶୁଣାଣି ଆଇନ ଅନୁସାରେ ହୋଇନଥିବା ଦର୍ଶାଇ ଏହାକୁ ରଦ୍ଦ କରିବା ସହ ସାନି ଜନ ଶୁଣାଣି ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଇ ଏହି ମାମଲା ଦାୟର ହୋଇଥିଲା।

ଅନ୍ୟପକ୍ଷରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ ଜନ ଶୁଣାଣି ସଂପର୍କିତ ସୂଚନା ବିଜ୍ଞାପନ ମାଧ୍ୟମରେ ଜାତୀୟ ଓ ଆଞ୍ଚଳିକ ସ୍ଥାନୀୟ ଭାଷାର ଖବର କାଗଜରେ ପ୍ରକାଶ ପାଇବ ଓ ଜନସାଧାରଣଙ୍କ ଜବାବ ରଖିବାକୁ ସର୍ବନିମ୍ନ ୩୦ ଦିନ ସମୟ ପ୍ରଦାନ କରାଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଡ୍ରମ୍ ବଜାଇ ସୂଚନା ଦେବା ବା ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ ଲଗାଇବା ଭଳି ବ୍ୟବସ୍ଥା ବାଧ୍ୟତାମୂଳକ ନଥିବା ଶୁଣାଣି ବେଳେ ଜଣା ପଡ଼ିଥିଲା। ସମ୍ବାଦପତ୍ରରେ ନୋଟିସ ପ୍ରକାଶ କରାଯାଇ ଜନ ଶୁଣାଣି ହୋଇଥିବାରୁ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିବା ସହିତ ଆବେଦନକୁ ଖାରଜ କରିଛନ୍ତି।

## ବିଦ୍ୟୁତ୍ ସ୍ପର୍ଶରେ ମହିଳାଙ୍କ ମୃତ୍ୟୁ ଘଟଣା

# ୩୫ ଘଣ୍ଟା ଅନ୍ଧାରରେ ରହିଲା ଟିକିରି

ଟିକିରି, ୩୧।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ନୂଆସାହି ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ପରେ ପ୍ରାୟ ୩୫ଘଣ୍ଟା ଧରି ରାୟଗଡ଼ା ଜିଲ୍ଲାର ଟିକିରି ଅଞ୍ଚଳ ଅନ୍ଧାରରେ ରହିଥିଲା। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଏବଂ ନୂଆପଡ଼ା ଫିଡରରେ ପ୍ରାୟ ୩୫ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ଅଞ୍ଚଳବାସୀ ନାହିଁ ନଥିବା ହୋଇରାଣ ହୋଇଥିଲେ। ମୁଖ୍ୟତଃ ପିଇବା ପାଣି ଘୋର ଅସୁବିଧା ଦେଖାଦେଇଥିଲା। ବିଦ୍ୟୁତ୍ ନଥିବାରୁ ବ୍ୟାଙ୍କ କିମ୍ବା କୌଣସି ଅନଲାଇନ କାମ ହେଉନଥିଲା। ଶୁକ୍ରବାର ଦିନ ସାଢ଼େ ୧୦ଟାରେ ବିଦ୍ୟୁତ୍ କାଟ ହୋଇଥିବା ବେଳେ ଶନିବାର ରାତି ୮ଟାରେ ସରବରାହ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ବଡ଼ ଶଙ୍ଖା ଗ୍ରାମର ସରସ୍ୱତୀ ଟ୍ରେପେକା(୩୫) ବୁଧବାର ଦିନ ନିଜ ମଇଁଷି ଖୋଜିବାକୁ ବାହାରି ଥିଲେ। ଲକ୍ଷ୍ମୀପୁର ନୂଆଁସାହି ନିକଟରେ ଥିବା ଏକ ବଣଠାରେ ବିଦ୍ୟୁତ୍ ତାର ଓହଳିଥିବାରୁ ସେ ଜାଣି ନପାରି ବିଦ୍ୟୁତ୍ ସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ୪ଦିନ ଧରି ଘରଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ପରେ ତାଙ୍କ ମୃତ ଶରୀରକୁ ଦେଖି ସ୍ୱାମୀ ତଇଲ ପ୍ରେପେକା ଲକ୍ଷ୍ମୀପୁର ଥାନାରେ ଏତଲା ଦେଇଥିଲେ। ପରିବାର ଲୋକ କ୍ଷତିପୂରଣ ଦାବିରେ ୩୩ କେଭି ଲାଇନକୁ ବନ୍ଦ କରିବାକୁ ଅଡ଼ି ବସିଥିଲେ। ଶନିବାର ବିଭାଗୀୟ ଅଧିକାରୀ ପହଞ୍ଚି ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପରେ ଓହଳି ପଡିଥିବା ବିଦ୍ୟୁତ ତାର ମରାମତି ପରେ ବିଦ୍ୟୁତ ସ୍ୱାଭାବିକ ହୋଇଥିଲା।

## ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲା ନାବାଳକ

ନୀଳଗିରି, ୩୧।୧ (ସମିସ): ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲେ ନାବାଳକ। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ପୋଢ଼ାଶୁଳ ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି। ପୋଢ଼ାଶୁଳ ନିକଟ ପାତ୍ରସାହିର ଧୀରେନ୍ଦ୍ର ପାତ୍ରଙ୍କ ପୁଅ ପ୍ରଭାତ (୧୩) ନିକଟସ୍ଥ ରାଧାମାଧବ ହାଇସ୍କୁଲରେ ନବମ ଶ୍ରେଣୀରେ ପଢ଼ନ୍ତି। ଆଜି ସକାଳୁ ସେ ଗାଁ ନିକଟ

ସିଟି ସ୍କୁଲ ପଡ଼ିଆ ଦେଇ ଯାଉଥିବା ସମୟରେ ଅଚାନକ ୨ଟି ଭାଲୁ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ। ଗୋଟିଏ ଭାଲୁ ପ୍ରଭାତଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ଜଙ୍ଘ, ପେଟକୁ ବିଦାରି ପକାଇଥିଲା। କିନ୍ତୁ ପ୍ରଭାତ ସାହସର ସହ ଭାଲୁର ମୁକାବିଲା କରିଥିଲା। ଭାଲୁ ମୁହଁକୁ ବାରମ୍ବାର ମୁଥ ମାରିଥିଲା। ଭାଲୁଟି ଭୟରେ ତାକୁ ଛାଡ଼ି ପଳାଇଥିଲା। ଏହା ଦେଖି ଅନ୍ୟ ଭାଲୁଟି ମଧ୍ୟ ତା' ପଛେପଛେ ଦୌଡ଼ି ଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହିରୋଇନଙ୍କ ବେକରେ...

୫୪ ବର୍ଷ ତଳେ ୧୯୭୨ରେ ଆମେରିକା ଅଭିନେତ୍ରୀ ଏଲିଜାବେଥ ଟେଲରଙ୍କୁ ତାଙ୍କ ୪୦ ତମ ଜନ୍ମଦିନରେ ପଞ୍ଚମ ସ୍ୱାମୀ ରିଚାର୍ଡ ବର୍ଟନ ଏହି ହାର ଉପହାର ଦେଇଥିଲେ। ଏହାକୁ ତାଜମହଲ ଡାଏମଣ୍ଡ ମଧ୍ୟ କୁହାଯାଏ। ମୋଗଲ ସମ୍ରାଟ ଶାହା ଜହାଙ୍ଗୀର ପତ୍ନୀ ନୁରଜହାଁଙ୍କୁ ଏହି ହାର ଉପହାର ଦେଇଥିଲେ। ହୃତପିଣ୍ଡ ଆକାର ଏହି ହୀରା ୧୭ଶ ଶତାବ୍ଦୀର। ଏଥିରେ ପାର୍ସୀ ଭାଷାରେ 'ଭଲ ପାଇବା ସର୍ବଦା ରହିଥାଏ' ବୋଲି ଲେଖା ଯାଇଛି। ନରୁଜହାଁଙ୍କ ନାମ ମଧ୍ୟ ରହିଛି। ପରେ ଏହି ହାର ତାଙ୍କ ପୁଅ ଶାହାଜାହାଁଙ୍କ ପାଖରେ ପହଞ୍ଚି ଥିଲା। ସେ ନିଜ ପତ୍ନୀ ମୁମତାଜଙ୍କୁ ଏହା ଦେଇଥିଲେ। ମମତାଜଙ୍କ ମୃତ୍ୟୁପରେ ଶାହାଜାହାଁ ତାଜମହଲ ଗଢ଼ିଥିଲେ। ତେଣୁ ଏହି ହୀରାକୁ ତାଜମହଲ ଡାଏମଣ୍ଡ କୁହାଗଲା। ଅନେକ ଶତାବ୍ଦୀ ପରେ ଏହି ହୀରା ଭିନ୍ନ ଭିନ୍ନ ଲୋକଙ୍କ ପାଖକୁ ଯାଇଥିଲା। ଶେଷରେ ୧୯୭୧ରେ ଫ୍ରେଞ୍ଚ ଲକ୍‌ଜୁରି ବ୍ରାଣ୍ଡ କାର୍ଟିଅର ଏହାକୁ କ୍ରୟ କରିଥିଲେ। ସେ ଏହାକୁ ନୂଆ କରି ପ୍ରସ୍ତୁତ କରିଥିଲେ। ୧୯୭୨ରେ ରିଚର୍ଡ ବର୍ଟନ ନୂଆ ହାରକୁ କିଣି ନେଇଥିଲେ।

## ଶପଥ ନେଲେ...

ଉପସ୍ଥିତ ରହିଥିଲେ। ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନେତ୍ରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୁନେତ୍ରାଙ୍କୁ ଉତ୍ପାଦନ ଶୁଳ୍କ, କ୍ରୀଡ଼ା ଏବଂ ଯୁବ କଲ୍ୟାଣ ସହିତ ସଂଖ୍ୟାଲଘୁ ବିକାଶ ମନ୍ତ୍ରାଳୟ ଦିଆଯାଇଛି। ମାତ୍ର ସ୍ୱାମୀଙ୍କ ପାଖରେ ଥିବା ଅର୍ଥ ବିଭାଗକୁ ତାଙ୍କୁ ଦିଆଯାଇ ନାହିଁ। ମୁଖ୍ୟମନ୍ତ୍ରୀ ଏହି ବିଭାଗକୁ ନିଜ ପାଖରେ ରଖିଛନ୍ତି। ଏହା ପୂର୍ବରୁ ଏନ୍‌ସିପି ବିଧାୟକ ଦଳ ଏବଂ ବିଧାନ ପରିଷଦ ସଦସ୍ୟଙ୍କ ବୈଠକ ବିଧାନ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନେତ୍ରାଙ୍କୁ ସର୍ବସମ୍ମତି କ୍ରମେ ଦଳୀୟ ନେତ୍ରୀ ଚୟନ କରାଯାଇଥିଲା। ଦଳୀୟ ନେତା ଛଗନ ଭୁଜବଳ ତାଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଦିଲୀପ ପାଟିଲ ଏହାକୁ ସମର୍ଥନ କରିଥିଲେ। ଶପଥ ନେବା ପୂର୍ବରୁ ସୁନେତ୍ରା ସାଂସଦ ପଦରୁ ଇସ୍ତଫା ଦେଇଥିଲେ।

ଅନ୍ୟପଟେ ଦ୍ୱିପହରେ ଶରଦ ପାୱାରଙ୍କ ନେତୃତ୍ୱରେ ଦ୍ୱିପହରେ ଏନ୍‌ସିପି (ଏସ୍‌ପି) ବୈଠକ ବସିଥିଲା। ଏଥିରେ ସେ କହିଥିଲେ ଯେ ଏନ୍‌ସିପିର ଦୁଇ ଗୋଷ୍ଠୀ ଏକାଠି ହୁଅନ୍ତୁ ବୋଲି ଅଜିତ ଚାହୁଁଥିଲେ। ଏଥିପାଇଁ ଆଲୋଚନା ମଧ୍ୟ ହୋଇଥିଲା। ୧୨ ତାରିଖରେ ଏହି ଘୋଷଣା ହେବାର ଥିଲା। ମାତ୍ର ଦୁର୍ଭାଗ୍ୟ ଯେ ଏହା ପୂର୍ବରୁ ଅଜିତ ଆମକୁ ଛାଡ଼ି ଚାଲି ଯାଇଛନ୍ତି। ଏହା ମଧ୍ୟରେ ସୁନେତ୍ରାଙ୍କ ସମ୍ପର୍କୀୟ ତଥା ବିଧାୟକ ରୋହିତ ପାୱାର କହିଛନ୍ତି ଯେ ଅଜିତ ଦାଦାଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ମାତ୍ର ଅତିକମରେ ଆମେ ଅଜିତ ଦାଦାଙ୍କ ସ୍ଥାନରେ ସୁନେତ୍ରାବାଇଙ୍କୁ ଦେଖିପାରିବୁ। ସୂଚନାଯୋଗ୍ୟ ଯେ ୧୯୬୩ ଅକ୍ଟୋବର ୧୮ ରେ ଜନ୍ମିତ ସୁନେତ୍ରା ୨୦୨୪ରେ ସମ୍ମାନଜନକ ବାରାମତୀରୁ ଲୋକସଭା ନିର୍ବାଚନ ଲଢ଼ି ନଣନ୍ଦ ସୁପ୍ରିୟା ସୁଲେଙ୍କଠାରୁ ପରାଜିତ ହୋଇଥିଲେ। ଏହା ପରେ ସୁନେତ୍ରା ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ଗତ ୨୮ ତାରିଖରେ ବିମାନ ଦୁର୍ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ଅଜିତଙ୍କ ମୃତ୍ୟୁ ହେବା ପରେ ତାଙ୍କ ସ୍ଥାନରେ ପତ୍ନୀ ସୁନେତ୍ରାଙ୍କୁ ନିଯୁକ୍ତି କରିବାକୁ ଦାବି ହୋଇଥିଲା। ମେଣ୍ଟ ସହଯୋଗୀ ବିଜେପି ଏବଂ ଶିବସେନା (ଏକନାଥ) ମଧ୍ୟ ଏହାକୁ ମାନି ନେଇଥିଲେ।

## ବିରୋଧ ପରେ...

କୋଟି ଟଙ୍କାର ମେଗା ଶିଳ୍ପ ପ୍ରକଳ୍ପ ସମେତ ୧୦ଟି ବିଭାଗର ମୋଟ ୧୭ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ପ୍ରଦାନ କରିଛନ୍ତି। କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ। ପ୍ରାୟ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ କଲ୍ୟାଣୀ ଷ୍ଟିଲ୍ସ, ସାରଲୋହା ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ ଓ ଭାରତ ଫୋର୍ଜ ପକ୍ଷରୁ ମୋଟ ୧୭୨୫୦ କୋଟି ଟଙ୍କାର ନିବେଶ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ପ୍ରାରମ୍ଭିକ ଭାବେ ୪୮୦୦ ପ୍ରତ୍ୟକ୍ଷ ଓ ୫୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଥିବାବେଳେ ଭବିଷ୍ୟତରେ ଏହା ୨୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

ସେହିପରି କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ଅନୁରୂପ ପ୍ରସ୍ତୁତ ଓଡ଼ିଶା ସମବାୟ ନୀତି-୨୦୨୬କୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହି ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ମାଧ୍ୟମରେ ପ୍ୟାକ୍ସ, ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରାଯିବା ସହ ଗ୍ରାମାଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଓ କୃଷି ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବ। ଏହି ନୀତି 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷାକରି ପ୍ରସ୍ତୁତ କରାଯାଇଛି ବୋଲି ସରକାର କହିଛନ୍ତି।

ସେହିପରି ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରିବା ପାଇଁ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିରେ ୨୫୪.୮୫ କୋଟି ଟଙ୍କା ବିନିଯୋଗ ହେବ। ଏହି ଯୋଜନା ଅଧୀନରେ ୧୪ଟି ଉପ ଯୋଜନା ରହିଛି, ଯାହା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ପ୍ରୋତ୍ସାହିତ କରାଯିବା ସହ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରାଯିବ। ଏହାବ୍ୟତୀତ ଇନୋଭେସନ ହବ୍ ପ୍ରତିଷ୍ଠା କରି ରାଜ୍ୟରେ ଏକ ଦୃଢ଼ ଇନୋଭେସନ ଇକୋସିଷ୍ଟମ ବିକଶିତ କରିବା ଏହାର ଲକ୍ଷ୍ୟ ବୋଲି ଜଣାପଡ଼ିଛି।

ରାଜ୍ୟ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ କ୍ୟାବିନେଟ୍ ଏକାଧିକ ପ୍ରସ୍ତାବ ଉପରେ ମୋହର ମାରିଛନ୍ତି। ରାଜ୍ୟର ଇଏସଆଇ ହସ୍ପିଟାଲ ଓ ଡିସପେନସାରିରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ପାଇଁ 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ-୨୦୨୫' ପ୍ରଣୟନ କରାଯାଇଛି। ଏହା ସେମାନଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପ୍ରକ୍ରିୟାକୁ ସଠିକ୍ ଭାବେ ନିୟନ୍ତ୍ରିତ କରିବ। ସେହିପରି ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ରେ ସଂଶୋଧନ କରାଯାଇ ୧୦ଟି ନୂଆ ପଦବୀକୁ ସାମିଲ କରାଯାଇଛି। ଏହାଦ୍ୱାରା ଏଣିକି କ୍ୟାବିନେଟ୍ ବଦଳରେ ସରକାରଙ୍କ ଅନୁମୋଦନକ୍ରମେ ସେବା, ପଦବୀ ଓ ସିଲାବସର ଅନ୍ତର୍ଭୁକ୍ତ କରାଯାଇପାରିବ କିମ୍ବା ବାଦ୍ ଦିଆଯାଇପାରିବ। ସେହିପରି ପୁଲିସ, ଅବକାରୀ ଓ ଜଙ୍ଗଲ, ବାଣିଜ୍ୟ ଓ ପରିବହନ ବିଭାଗ ଭଳି ୟୁନିଫର୍ମ ସେବାରେ ଚୟନ ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ସକାଶେ ନୂତନ ନିୟମ-୨୦୨୬କୁ ମଞ୍ଜୁରୀ ମିଳିଛି। ଏହା ଏଣିକି ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ, ୨୦୨୬ ଭାବରେ ଅବିହିତ ହେବ। ଏତଦ୍ ବ୍ୟତୀତ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ନ୍ୟାୟିକ ସେବାରେ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି।

ଏତଦ୍ ବ୍ୟତୀତ ରାଜ୍ୟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ 'ଡାଇଭର୍ସନ୍ ୱେୟାର ସୁଧାର ଯୋଜନା' କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଯେଉଁଥିରେ ୨୦୨୫-୨୬ରୁ ୨୦୨୭-୨୮ ଅର୍ଥାତ୍ ୩ ବର୍ଷ ମଧ୍ୟରେ ୩୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାମାଧ୍ୟମରେ ରାଜ୍ୟର ପୁରାତନ ନଦୀବନ୍ଧ ଓ ବ୍ୟାରେଜ ଗୁଡ଼ିକର ମରାମତି କରାଯିବା ସହ କେନାଲରେ କଂକ୍ରିଟ୍ ଲାଇନିଂ ନିର୍ମାଣ କରାଯାଇ ଚାଷୀଙ୍କୁ ସୁବିଧାରେ ଜଳ ଯୋଗାଇ ଦିଆଯିବ।

## ଆଜି ଆଗତ ହେବ...

ଶୁଳ୍କ ହ୍ରାସ କରି ୬ରୁ ୪ ପ୍ରତିଶତ କରିପାରନ୍ତି। ଯଦି ଏପରି ହୁଏ ତେବେ ସୁନା ୧୦ ଗ୍ରାମ ପିଛା ୩ ହଜାର ଏବଂ ରୁପା ୬ ହଜାର ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଯିବ। ସୂଚନା ଅନୁଯାୟୀ, ୨୦୨୫ରେ ସୁନା ୭୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୧୬୭ ପ୍ରତିଶତ ବୃଦ୍ଧି ପାଇଥିଲା।

ବଜେଟରେ ସରକାର ସୁଧାର ଏକ୍ସପ୍ରେସ ଜାରି ରଖିପାରନ୍ତି। ଚଳିତ ଥର ସ୍ୱାସ୍ଥ୍ୟ ସେବାରେ ବ୍ୟୟ ବୃଦ୍ଧି, ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀକୁ ଗୁରୁତ୍ୱ ଏବଂ ଭିତ୍ତିଭୂମି ପ୍ରକଳ୍ପକୁ ନୂଆ ଗତି ଦିଆଯାଇପାରେ। ରିୟଲ ଇଷ୍ଟେଟ କ୍ଷେତ୍ରକୁ ଶସ୍ତାରେ ଋଣ, ଟିକସ ରିଆତି ଏବଂ ସୁଲଭ ମୂଲ୍ୟରେ ଗୃହ ପାଇଁ ଘୋଷଣା ହୋଇପାରେ।

## ଟ୍ରକ୍ ଚାପାରେ...

ଦେବାଶିଷ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଛି।

ଅନ୍ୟପକ୍ଷରେ, ଏହି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ପ୍ରାଣହାନି ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏଥିସହ ଆହତ ବ୍ୟକ୍ତିମାନଙ୍କ ଆଶୁଆରୋଗ୍ୟ କାମନା କରୁଛି।

ସୂଚନାଯୋଗ୍ୟ, ମଧ୍ୟାହ୍ନରେ ୩ଟି ବାଇକ୍ ୧୬ ନମ୍ବର ଜାତୀୟ ରାଜପଥରୁ ହଳଦିଆପଦର ଓଭରବ୍ରିଜ୍ ଦେଇ ବ୍ରହ୍ମପୁର ସହରକୁ ଆସିଥିଲେ। ଏହି ସମୟରେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରକ୍ (ଓଡି ୦୭ଜେଡ୍-୭୨୫୯) ରାସ୍ତାର ଅନ୍ୟ ପାର୍ଶ୍ୱକୁ ଯାଇ ଗୋଟିଏ ପରେ ଗୋଟିଏ ବାଇକ୍‌କୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏଥିରେ ୩ଟି ବାଇକ୍‌ର ଚାଳକଙ୍କ ସମେତ ମୋଟ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଟ୍ରକ୍ ଚାଳକ ପ୍ରଦୀପ ଜାନି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ କାବୁ କରିନେଇଥିଲା।

ପ୍ରକାଶଯୋଗ୍ୟ, ହଳଦିଆପଦର ଓଭରବ୍ରିଜ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସହ ଅନେକଙ୍କ ଜୀବନହାନି ଘଟୁଥିବାରୁ ଏହି ସ୍ଥାନକୁ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଛି। କିନ୍ତୁ ଏଠାରେ ଯାତ୍ରୀଙ୍କୁ ସତର୍କ ଓ ସଚେତନ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଏହି ଓଭରବ୍ରିଜ୍‌ରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସମ୍ପ୍ରତି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବା ବେଳେ ଆଜି ମାସର ଶେଷ ଦିନରେ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ଓଭରବ୍ରିଜ ନିର୍ମାଣ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଅକାଳରେ ବହୁ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ୬ ଜଣଙ୍କୁ ବାନ୍ଧିଲା...

ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପରୀକ୍ଷାକୁ ଏକ ଆଉଟ୍‌ସୋର୍ସିଂ ଏଜେନ୍ସି ଦ୍ୱାରା ପରିଚାଳନା କରାଯାଇଥିବା ବେଳେ ଅନେକ ଅନିୟମିତତା ଧରାପଡ଼ିଥିବା ନେଇ ମାମଲା ରୁଜୁ କରାଯାଇଥିଲା। କେତେକ ପରୀକ୍ଷାର୍ଥୀଙ୍କ ଉତ୍ତରପତ୍ର ଯାଞ୍ଚ ବେଳେ ପୁଲିସ ଦେଖିବାକୁ ପାଇଥିଲା ଯେ କିଛି ପ୍ରାର୍ଥୀ ମଡେଲ୍ ଉତ୍ତର ବା ଲିକ୍ ହୋଇଥିବା ଉତ୍ତରକୁ ସିଧାସଳଖ ଟିପିଛନ୍ତି ଏବଂ ପରୀକ୍ଷା କଠିନ ହୋଇଥିବା ବେଳେ ପରୀକ୍ଷାର୍ଥୀମାନେ ଅସାଧାରଣ ଭାବେ ଅଧିକରୁ ଅଧିକ ମାର୍କ ପାଇଛନ୍ତି। ପ୍ରାଯୁକ୍ତିକ ତଦନ୍ତ, ଫୋନ୍ କଲ୍ ରେକର୍ଡ ବିଶ୍ଳେଷଣ ସହ ଏଜେନ୍ସିର କର୍ମଚାରୀ, ମଧ୍ୟସ୍ଥ ଓ ପ୍ରାର୍ଥୀମାନଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ସଂଯୋଗ ଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ଏହାପରେ ପୁଲିସ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଚୋର ସନ୍ଦେହରେ...

ବିଭାଗକୁ ଜିମା ଦେଇଥିଲେ। ସେଠାରେ ବନ କର୍ମଚାରୀ ତାଙ୍କୁ ଚିକିତ୍ସା କରାଇବା ପରିବର୍ତ୍ତେ ଡରାଇ ଧମକାଇ ମାଡ଼ ମାରି ଆଗରୁ ଚୋରି ହୋଇଥିବା ସମସ୍ତ ସମାଗ୍ରୀ ଫେରାଇବା ପାଇଁ ଲିଖିତ ଚୁକ୍ତିନାମା କରାଇବା ସହ ପରିବାରଲୋକଙ୍କୁ ଜିମା ଦେଇଥିଲେ। ବିପିନଙ୍କ ଗୁରୁତର ଅବସ୍ଥା ଦେଖି ତାଙ୍କୁ ଡାକ୍ତରଖାନା ନେବାକୁ ପରିବାରଲୋକେ ବନ ବିଭାଗକୁ ନିବେଦନ କରିଥିଲେ। କିନ୍ତୁ, ବନ ବିଭାଗ ଅଧିକାରୀମାନେ କିଛି ଶୁଣିନଥିଲେ। ପରିବାରଲୋକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିପିନଙ୍କ ମୃତ୍ୟୁ ଘଟିଥିଲା। ପରେ, ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ପରିବାରଲୋକେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ପାଲଲହଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଏନେଇ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ଶନିବାର ସକାଳେ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ପରିବାରଲୋକ ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ହତ୍ୟାକାରୀମାନଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଶବ ଉଠାଇବୁ ନାହିଁ ବୋଲି କହିଥିଲେ। ଫଳରେ ପାଖାପାଖି ୧୬ ଘଣ୍ଟା ଧରି ଶବ ପଡ଼ି ରହିଥିଲା। ଥାନା ଅଧିକାରୀ ମହାନ୍ତଙ୍କ ନେତୃତ୍ୱରେ ପୁଲିସ ଉଙ୍ଗାଧର ଗାଁରେ ଚଢ଼ଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରିବାରଲୋକ ଧାରଣରୁ ଉଠିଥିଲେ। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷେ, ବନାଞ୍ଚଳ ଅଧିକାରୀ କହିଛନ୍ତି ଯେ ତଦନ୍ତରେ ଆମେ ସହଯୋଗ କରୁଛୁ। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

**AFFIDAVIT**
By virtue of an affidavit sworn before executive magistrate, puri, dated 24/06/2025 I DEBENDRA KUMAR SAHOO, Adress Madhusudan Nagar, Talabania, PS - Talabania, dist-Puri Declare that I have changed the name of my daughter from SUBHASHNEE SAHU to ANKITA PRIYADARSANI SAHOO. Henceforth, She shall be known as **ANKITA PRIYADARSANI SAHOO** For all purposes.
ANKITA PRIYADARSANI SAHOO

**AFFIDAVIT**
By virtue of an affidavit sworn before Notary Public, Puri, dated 14.11.2025,I SURYAKANTA MAHARANA, Nua Sahi, Champagada, PS-Ranapur, DIST- Nayagarh declare that I have changed my name from BADAL KUMAR MAHARANA To SURYAKANTA MAHARANA. Henceforth, I shall be known as **SURYAKANTA MAHARANA** for all purposes.
SURYAKANTA MAHARANA

**AFFIDAVIT**
BY VIRTUE OF AN AFFIDAVIT BEFORE THE EXECUTIVE MAGISTRATE CUTTACK, I GOLAKHA CHANDRA PARIDA, S/O – LATE BINOD PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST- CUTTACK-754001, ODISHA, DECLARE BY THIS AFFIDAVIT NO - 500, DATED- 28/01/2026, THAT NOW ONWORDS I SHALL BE KNOWN AS **GOLEKH CHANDRA PARIDA** FOR ALL FUTURE PURPOSES.

**AFFIDAVIT**
BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, CUTTACK , I SIDDHARTHA PARIDA, S/O – GOLEKH CHANDRA PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST- CUTTACK-754001, ODISHA, DECLARE BY THIS AFFIDAVIT NO - 501, DATED- 28/01/2026, THAT NOW ONWORDS I SHALL BE KNOWN AS **SIDDHARTH PARIDA** FOR ALL FUTURE PURPOSES.

**AFFIDAVIT**
BY VIRTUE OF AN AFFIDAVIT BEFORE THE EXECUTIVE MAGISTRATE CUTTACK, I SOBHABATI PARIDA, W/O – GOLEKH CHANDRA PARIDA PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST- CUTTACK-754001, ODISHA, DECLARE BY THIS AFFIDAVIT NO - 502, DATED- 28/01/2026, THAT NOW ONWORDS I SHALL BE KNOWN AS **SOVABATI PARIDA** FOR ALL FUTURE PURPOSES.

**AFFIDAVIT**
By virtue of an affidavit sworn before NOTARY PUBLIC, PURI, dated 10/11/2025 I YASH NANDA, Adress - Nua Sahi, Chakratirtha Road, PS- Sea Beach, DIST-Puri, PIN- 752001, ODISHA declare that I have changed my name from SOMANATH NAYAK To YASH NANDA. Henceforth, I shall be kown as **YASH NANDA** for all purposes.
YASH NANDA

**AFFIDAVIT**
By virtue of an affidavit sworn before the Notary Public, Jeypore, dtd- 13.01.2026, I, Ashraf Khan, S/o- Haji Ibrahim Khan, At-Hydrabadi Lane, Jeypore, Dist.- Koraput- 764001 do hereby declare that my correct name is Ashraf Khan, S/o Haji Ibrahim Khan as per my Aadhaar Card. But in my Passport wrongly mentioned as Ashraf Alli Khan, S/o Ebrahim Alli Khan. That both Ashraf Khan, S/o Haji Ibrahim Khan & Ashraf Alli Khan, S/o Ebrahim Alli Khan is one and same person.

**AFFIDAVIT**
By virtue of an affidavit sworn before The Executive Magistrate, G.udayagiri, Dist: Kandhamal, Odisha, dated: 19/01/2026, I, **Dhirarani Digal,** resident of Village: College Colony, Back Side, Madikunda, Phulabani, P.O.: Phulabani, P.S.: Phulabani, Dist: Kandhamal, State: Odisha, PIN- 762001, Odisha declare that I have changed my son name from Blesson Kumar Digal to Precious **Blesson Digal**. Henceforth, he shall be known as Precious **Blesson Digal** for all purposes.

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 31/01/2026. I, **Kumadini Bhoi** (new name), W/o Udit Parabhue, permanent & current resident of AT: Bineikela, PO: Kashrupada, PS: Kesinga, Dist: Kalahandi, State: Odisha, PIN: 766012 declare that I have changed my name from **Urmila Parabhue to Kumadini Bhoi.** Henceforth, I shall be known as **Kumadini Bhoi** (new name) for all future purposes.
Kumadini Bhoi

**Notice for Minor**
By virtue of an affidavit sworn before the Executive Magistrate, Place- Balasore, Dated 30/01/2026, I Sambit Kumar Giri, Address- At. Sanapatpur, Po. Hatasahi, Ps. Nilagiri, Dist. Balasore, Pin-756040, Odisha, Declare that I have changed the name of my Daughter from S SANAYA to SIDDHI SANAYA GIRI . Henceforth, she shall be known as SIDDHI SANAYA GIRI for all purposes.
SAMBIT KUMAR GIRI

**AFFIDAVIT**
By virtue of an affidavit sworn before The Executive Magistrate, Purushottampur, Ganjam AF.NO- 87/26, dated 30-01-2026 I, **G.KABERI REDDY**, W/o G.Kalia Reddy Permanent resident of At- Jhadabai, Po- Jhadabai, PS- Kabisuryanagar, Dist- Ganjam, State- Odisha, PIN- 761104, declare that I have changed my Son's name from **G.SUBHAM REDDY (Old name)** to **G.AYUSH REDDY (New name)**, Henceforth, he shall be known as **G.AYUSH REDDY** for all purposes.
( Sd- G.KABERI REDDY)

## ଜାତୀୟ ପତାକା ଅବମାନନା ଘାଟଣାରେ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ରାଜନଗର, ୩୧।୧(ସମିସ):** ଯୁଣ୍ଡୁପାଙ୍ଗରାସ୍ଥ ନିଗମାନନ୍ଦ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍କୁଲରେ ପତାକା ଉତ୍ତୋଳନ ହୋଇଥିଲା। ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକାକୁ ଖୋଲାଯିବା ନିୟମ ରହିଛି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କା ପତାକା ଉତ୍ତୋଳନ କରି ଘରକୁ ଚାଲିଯାଇଥିଲେ। ୨୬ ତାରିଖ ସନ୍ଧ୍ୟା ପୂର୍ବରୁ ଜାତୀୟ ପତାକାକୁ ଅବତରଣ କରାଯାଇ ନ ଥିଲା। ୨୭ ତାରିଖ ଦିନ ୧୦ଟା ବେଳେ ଜାତୀୟ ପତାକାକୁ ଅବତରଣ କରାଯାଇଥିଲା। ଜାତୀୟ ପତାକାକୁ ଅବମାନନା ଘଟଣାରେ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଅଭିଯୋଗ ପାଇ ସିଆରସିସି ସମରେନ୍ଦ୍ର ସାହୁ ଓ ଏବିଇଓ ଭକ୍ତିଲତା ବାରିକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ବିଦ୍ୟାଳୟକୁ ପଠାଇଥିଲେ। ସେଠାରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ଏହାକୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ବିଇଓ ମନୋରଞ୍ଜନ ସେଠୀ ଏ ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବିଇଓ ଶ୍ରୀମତୀ ବାରିକ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ ୨୧୭, ୩୧।୧।୨୬ରେ ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କାଙ୍କୁ ନିଲମ୍ବିତ କରିଛନ୍ତି।

## ମେଗା ପାନୀୟଜଳ ପ୍ରକଳ୍ପ ନେଇ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

# ଶୀଘ୍ର କାମ ସାରିବାକୁ ବିଧାୟକଙ୍କ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

**ପଟ୍ଟାମୁଣ୍ଡାଇ, ୩୧।୧(ସମିସ)**

ଆଗାମୀ ଗ୍ରୀଷ୍ମଋତୁରେ ପାନୀୟଜଳର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ମେଗା ପାନୀୟଜଳ ପ୍ରକଳ୍ପ କାମର ସ୍ଥିତି ଅଗ୍ରଗତି ସମ୍ପର୍କରେ ଆଜି ପଟ୍ଟାମୁଣ୍ଡାଇ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା। ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସମିତି ଅଧୀନରେ ଥିବା ୩୧ଟି ପଞ୍ଚାୟତରେ ପ୍ରାୟ ୧୬୫ କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲୁ ରହିଥିବା ମେଗା ପ୍ରକଳ୍ପ କାମର ସବିଶେଷ ସ୍ଥିତି ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ହର ଘର ଜଳ ଯୋଜନାରେ ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବୈଠକରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ବିଧାୟକ ଓ ପଞ୍ଚାୟତ ପ୍ରତିନିଧି ପ୍ରକଳ୍ପ କାର୍ଯ୍ୟରେ ପାଇପ ବିଛାଇବା ପାଇଁ ପଞ୍ଚାୟତର ବିଭିନ୍ନ ରାସ୍ତା ଖୋଳାଯାଉଥିବା ଓ ପାଇପ ବିଛାଯିବା ପରେ ରାସ୍ତା ମରାମତି ନ କରି ଠିକାଦାର ସେଠାରୁ ଛୁ ମାରିବା ଯୋଗୁଁ ସାଧାରଣ ଲୋକ ଯାତାୟାତ କ୍ଷେତ୍ରରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଥିବା ଓ ଭୂପୃଷ୍ଠରୁ ୩ ଫୁଟ ଗଭୀରରେ ପାଇପ ବିଛାଯିବା ପାଇଁ ବ୍ୟୟ ଅଟକଳ ଥିବାବେଳେ ଠିକାଦାର ମାତ୍ର ୧ ଫୁଟ, ୧. ୫ ଫୁଟ ଗଭୀରରେ ପାଇପ ବିଛାଇବା ନେଇ ଅଭିଯୋଗ କରାଯିବା ସହିତ ପଞ୍ଚାୟତ ପ୍ରତିନିଧି ନିର୍ମାଣ ଦାୟିତ୍ୱରେ କମ୍ପାନୀ ଅଧିକାରୀଙ୍କୁ ଗର୍ଜିଥିଲେ। ଫଳରେ ବୈଠକ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ସରକାରୀ ନିୟମ ଅନୁଯାୟୀ ପାଇପ ବିଛାଇବା ପରେ ତୁରନ୍ତ ରାସ୍ତା ମରାମତି କରିବା ଓ ଆକଳନ ଅନୁଯାୟୀ ୩ ଫୁଟ ଗଭୀରରେ ପାଇପ ବିଛାଇବା ପାଇଁ ଉଭୟ କେନ୍ଦ୍ରାପଡ଼ା ଓ ରାଜନଗର ବିଧାୟକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ପଟ୍ଟାମୁଣ୍ଡାଇ ମେଗା ପ୍ରକଳ୍ପ ଅଧୀନରେ ଥିବା ୨୦ଟି ପଞ୍ଚାୟତର ଜନସାଧାରଣ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ପାଇପ ଯୋଗେ ପାନୀୟଜଳ ପାଇପାରିବେ ବୋଲି ଲକ୍ଷ୍ମୀ କନଷ୍ଟ୍ରସନର ପ୍ରୋଜେକ୍ଟ ମ୍ୟାନେଜର ପ୍ରକାଶ କରିବା ସହ ରାଜନଗର ମେଗା ପ୍ରକଳ୍ପ ଅଧୀନରେ ଥିବା ୯ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ ଆଉ କିଛି ଦିନ ଅଧିକ ସମୟ ଲାଗିବ ବୋଲି ସୂଚନା ଦେଇଥିଲେ। ଏଲ ଆଣ୍ଡ ଟି ଅଧୀନରେ ଥିବା ୩ଟି ପଞ୍ଚାୟତକୁ ୧ ମାସ ମଧ୍ୟରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରକଳ୍ପ ମ୍ୟାନେଜର ଆଦିଲ ଖାଁ ପ୍ରକାଶ କରିଥିଲେ। ବୈଠକରେ ପଟ୍ଟାମୁଣ୍ଡାଇ ବିଡିଓ ଶୀତଳ ଅଗ୍ରୱାଲ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବସନ୍ତ ନାୟକ, ସହନିର୍ବାହୀ ଯନ୍ତ୍ରୀ ସହକାରୀ ଯନ୍ତ୍ରୀ ଅଶୋକ ସାହୁ ଓ ବ୍ଲକ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ସରପଞ୍ଚ ପ୍ରିୟବ୍ରତ ଓଝା ନରେଶ ମଲିକ, ସନ୍ତୋଷ ସେଠୀ, ଦେବବ୍ରତ ନାୟକ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ପ୍ରମୁଖଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## କଞ୍ଚନେଶ୍ୱର ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରାଜନଗର, ୩୧।୧(ସମିସ):** କୁରୁଣ୍ଡିସ୍ଥ କଞ୍ଚନେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ନାଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବୈଲୋଚନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ରାଜନଗର ବ୍ଲକର ବିଆରସିସି ଭକ୍ତିଲତା ବାରିକ, ମୁଖ୍ୟବକ୍ତା ରାଜନଗର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଦୟାନିଧି ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ରାଜ୍ୟସ୍ତରୀୟ ଶିକ୍ଷକ ନେତା ସୁଶାନ୍ତ ପ୍ରଧାନ, ଦାମୋଦର ସ୍ୱାଇଁ, ସୁଖଶ୍ୟାମ ରାଉତ, ହେମନ୍ତ ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଜେନା, କଳ୍ପତରୁ ପରିଡ଼ା, ସନ୍ତୋଷ ମହାନ୍ତି, ପ୍ରଭାତ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀପ ରାଉତ ଅତିଥି ପରିଚୟ ଓ ବିଶ୍ୱଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶେଷରେ ବନ୍ଦେ ମାତରମ୍ ଗାନ ପରେ ପ୍ରଧାନଶିକ୍ଷକଙ୍କୁ ଗ୍ରାମରେ ଶୋଭାଯାତ୍ରାରେ ବୁଲାଯାଇ ବିଦାୟ ଦିଆଯାଇଥିଲା।

## ଶକ୍ତି କ୍ଲବ୍ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପରିଭ୍ରମଣ

**ରାଜନଗର, ୩୧।୧(ସମିସ):** ରାଜନଗର ବ୍ଲକ ଅନ୍ତର୍ଗତ ହାତିନାସ୍ଥ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ଶକ୍ତି କ୍ଲବ ଛାତ୍ରଛାତ୍ରୀ ପ୍ରଧାନଶିକ୍ଷକ ପ୍ରମୋଦ ପଣ୍ଡା, ଶକ୍ତି କ୍ଲବ ଶିକ୍ଷକ ଶେଖ ନିୟାମତଉଲ୍ଲା, ବିଜ୍ଞାନ ଶିକ୍ଷୟିତ୍ରୀ କ୍ଷମାମୟୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜନଗର ଥିବା ୧୩୨/୩୩ କେଭି ବିଦ୍ୟୁତ ସବଷ୍ଟେସନ ଓ ଓପିଟିସିଏଲ କାର୍ଯ୍ୟାଳୟକୁ ଏକ ଶିକ୍ଷଣ ପରିଭ୍ରମଣରେ ଯାଇଥିଲେ। ବିଦ୍ୟୁତ ବିଭାଗ ଏସଡିଓ ଅଞ୍ଜନ ହେମ୍ବ୍ରମ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ ଶକ୍ତି ଉତ୍ପାଦନ, ସଞ୍ଚାର ଓ ବିତରଣ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ପରେ ଏସଡିଓ ଶ୍ରୀ ହେମ୍ବ୍ରମ ଛାତ୍ରଛାତ୍ରୀଙ୍କୁ ଚକଲେଟ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟୁତ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ଶ୍ରୀରାମଚରିତ ମାନସ ଓ ପାରାୟଣ

**ଡେରାବିଶ, ୩୧।୧(ସମିସ):** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଆଜି ଶେଷ ହୋଇଛି। ଦଧିବାମନଜୀଉ ଶ୍ରୀରାମ ଚରିତ ମାନସ ପାରାୟଣ ସମିତି ପକ୍ଷରୁ ପୂଜକ ପଣ୍ଡିତ ସୁଶାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ଗୋପାଳ ସେନାପତି ଓ ଧାରକ ଭାବେ ବିଷ୍ଣୁଚରଣ ଶତପଥୀ ଓ ମନୋଜ ସ୍ୱାଇଁ କାର୍ଯ୍ୟ ନିର୍ବାହ କରିଥିଲେ। ନବଦିନ ବ୍ୟାପୀ ଅନୁଷ୍ଠିତ ଏହି ପାରାୟଣ କାର୍ଯ୍ୟକ୍ରମରେ ପ୍ରତ୍ୟେହ ପ୍ରାତଃ ୮ ଘଟିକାରୁ ମଧ୍ୟାହ୍ନ ୧୨.୩୦ ମିନିଟ୍ ଓ ସନ୍ଧ୍ୟା ୭ ଘଟିକାଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ବିଶିଷ୍ଟ ପ୍ରବକ୍ତା ରାଘବ ଦାସମହାରାଜ, ରୀନାରାଣୀ ନାୟକ, ପଣ୍ଡିତ ଅକ୍ଷୟ ମହାରାଜ, ସନ୍ତୋଷୀ ମିଶ୍ର ଓ ପଣ୍ଡିତ ବିଜୟ କୁମାର ପାଢ଼ୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣର ବ୍ୟାଖ୍ୟା ଉପସ୍ଥିତ ରାମପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ଆଜିଠୁ ଡେରାବିଶ ଯୁବ ମହୋତ୍ସବ

**ଡେରାବିଶ, ୩୧।୧(ସମିସ):** କୁରୁଜଙ୍ଗା ମିନି ଷ୍ଟାଡ଼ିୟମରେ ଆସନ୍ତାକାଲିଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା। ଏହି ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଅଧିକ ଘରୋଇ ଓ ସରକାରୀ ଷ୍ଟଲରେ ବିଭିନ୍ନ ହାତ ତିଆରି ସାମଗ୍ରୀ ଉପଲବ୍ଧ ହେବ। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ପାଇକ ଆଖଡ଼ା, ସମ୍ବଲପୁରୀ ନୃତ୍ୟ, ଦୁଲୁଦୁଲି ଇତ୍ୟାଦି ପାରମ୍ପରିକ ନୃତ୍ୟଗୀତ ସହିତ ବିଭିନ୍ନ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ଇରା ମହାନ୍ତି, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ଦୀପ୍ତିରେଖା ପାଢ଼ୀ ସେମାନଙ୍କ କଳାନୈପୁଣ୍ୟତା ପ୍ରଦର୍ଶନ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି। ମେଳା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ଭିତରକନିକାରୁ ପଳାଇଆସିଥିବା ହରିଣ ଓ ଶାବକର ମିଳୁନି ପତ୍ତା

# ହରିଣକୁ ଧରି ନ ପାରି ଫେରିଯାଇଥିଲେ ବନ କର୍ମଚାରୀ

**ପଟ୍ଟାମୁଣ୍ଡାଇ, ୩୧।୧(ସମିସ):** ଦୀର୍ଘ ୬୦ କିମି ଅତିକ୍ରମ କରି ଭିତରକନିକା ଅଭୟାରଣ୍ୟ ପରିସୀମା ମଧ୍ୟରୁ ପଳାଇ ଆସିଥିବା ହରିଣ ଓ ହରିଣ ଶାବକର ପତ୍ତା ମିଳୁନି। ମାଆ ହରିଣ ଓ ଶାବକ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ଅଠରବାଟିଆ ଗ୍ରାମରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା। ଏହି ହରିଣ ଓ ତା'ର ଶାବକ ଚାଷୀଙ୍କ ଫସଲ ଖାଇଯାଉଥିବା ଜଣେ ବ୍ୟକ୍ତି ଦେଖିବାକୁ ପାଇ ଗ୍ରାମରେ ସୂଚନା ଦେଇଥିଲେ। ଲୋକମାନେ ହରିଣକୁ ଦେଖିବା ପାଇଁ ଆସିବାରୁ ହରିଣ ଓ ଶାବକ ପଳାଇଯାଇ ଗ୍ରାମରେ ଥିବା ଗଛଲତା ମଧ୍ୟରେ ଛପିଯାଇଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ରାଜନଗର ବନଖଣ୍ଡ କାର୍ଯ୍ୟାଳୟକୁ ଖବର ଦିଆଯାଇ ହରିଣ ଓ ତାର ଶାବକକୁ ଉଦ୍ଧାର କରିନେଇଯିବାକୁ ଅନୁରୋଧ କରାଯାଇଥିଲା। ବନ ବିଭାଗ କର୍ମଚାରୀ ହରିଣ ଉଦ୍ଧାର କରିବାକୁ ଆସିଥିଲେ ହେଁ ବିଫଳ ହୋଇ ଫେରିଯିବା ପରେ ହରିଣ ଉଦ୍ଧାର କରିବା ନେଇ ବନବିଭାଗ ଆଉ ମୁଣ୍ଡ ଖେଳାଇନାହିଁ। ପରବର୍ତ୍ତୀ ସମୟରେ ଏହି ହରିଣ ନରସିଂହପୁର, ଡିହାପଡ଼ା ଅଞ୍ଚଳରେ ବୁଲୁଥିବା ଲୋକେ କହୁଛନ୍ତି। ଗତ ବନ୍ୟା ସମୟରେ ହରିଣ ଓ ତା'ର ଶାବକ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଡା, ବାଲିପଡ଼ା, ବଳଦେବନଗର ଅଞ୍ଚଳରେ ବୁଲୁଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ବନ୍ୟା ପରଠାରୁ ଏହି ହରିଣ ଓ ତା'ର ଶାବକର ପତ୍ତା ମିଳିନାହିଁ। ଏ ସମ୍ପର୍କରେ ବନବିଭାଗ ମଧ୍ୟ ଚୁପ୍ ରହିଛି। କୁହାଯାଉଛି ଏହି ବିରଳ ପ୍ରଜାତିର ହରିଣ ଓ ତା'ର ଶାବକ ଶିକାରୀ ହାବୁଡ଼ରେ ପଡ଼ିଥାଇପାରନ୍ତି। ହରିଣକୁ ଉଦ୍ଧାର କରିବା ପାଇଁ ବନ ବିଭାଗ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଉଛି। ଏହି ହରିଣ ଓ ତା'ର ଶାବକ ସମ୍ପର୍କରେ ବନ ବିଭାଗ ସଠିକ୍ ତଥ୍ୟ ପ୍ରଦାନ କରିବା ସହିତ ଏହାକୁ ସାର୍ବଜନୀନ କରିବା ପାଇଁ ବରିଷ୍ଠ କାଉନସିଲର ମଳୟ ଓଝା, ଡିହାପଡ଼ା ସରପଞ୍ଚ ଶତ୍ରୁଘ୍ନ ମଲିକ, ନରସିଂହପୁର ୱାର୍ଡ ସଭ୍ୟ ଅନୀଲ ମଲିକ ପ୍ରମୁଖ ଦାବି କରିଛନ୍ତି।

**ଶିକାରୀଙ୍କ ହାବୁଡ଼ରେ ପଡ଼ିଥିବା ଚର୍ଚ୍ଚା**

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କେନ୍ଦ୍ରାପଡ଼ା, ୩୧।୧(ସମିସ):** କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପକ୍ଷରୁ ଅବସର ଗ୍ରହଣ କରିଥିବା ସହକାରୀ ମ୍ୟାନେଜର ବ୍ରଜକିଶୋର ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ସିଇଓ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡା, ସୁରେଶ ପରିଡ଼ା, ରିକଭରି ମ୍ୟାନେଜର ହିମାଂଶୁ ଲେଙ୍କା, ଅଡିଟ୍ ମ୍ୟାନେଜର ଲଲାଟେନ୍ଦୁ କେଶରୀ ଦାସ, ସହକାରୀ ମ୍ୟାନେଜର ଭଞ୍ଜକିଶୋର ଜେନା, ସୁକାନ୍ତ କର, ସଙ୍ଗୀତା ନାୟକ, ସସ୍ମିତା ବିଶ୍ୱାଳ, ଆଇଟି ମ୍ୟାନେଜର ଆଦିତ୍ୟ ଶତପଥୀ, ବ୍ୟାଙ୍କିଂ ଆସିଷ୍ଟାଣ୍ଟ ସନ୍ତୋଷ ରାଉତ, ରେକର୍ଡକିପର ଉତ୍ତମ ନାୟକ, ପ୍ରମିଳା ସେଠୀ ଓ ବ୍ୟାଙ୍କ ଡ୍ରାଇଭର ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶ୍ରୀ ମହାନ୍ତିଙ୍କୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଲି ବ୍ୟାଗ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ଶ୍ରୀ ମହାନ୍ତିଙ୍କ ସୁସ୍ଥ, ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।

## ବିଶ୍ୱାସର ବନ୍ଧନରେ ଦେବୀମାନବ ବିବାହ

**ରାଜକନିକା, ୩୧।୧(ସମିସ):** ବିଶ୍ୱାସ, ପରମ୍ପରା ଓ ଈଶ୍ୱରୀୟ ଅନୁଭବର ଏକ ଅଦ୍ଭୁତ ସମନ୍ୱୟ ହେଉଛି କନିକା ଇଲାକାର ପ୍ରସିଦ୍ଧ ବଳୀ-ବାସୁଳୀଙ୍କ ବିବାହ। ଦେବୀଙ୍କ ସହ ମାନବର ବିବାହ ଭଳି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିବା ଏହି ପାରମ୍ପରିକ ମହୋତ୍ସବ ଦୀର୍ଘଦିନ ଧରି ଏହି ଅଞ୍ଚଳର ଗଣପର୍ବର ମାନ୍ୟତା ପାଇଛି।

ରାଜକନିକା ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ବଜରପୁରର ଅଧିଷ୍ଠାତ୍ରୀ ମା' ବାସୁଳୀଙ୍କ ବିବାହକୁ ନେଇ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ଅଞ୍ଚଳ ସାରା ଆନନ୍ଦ ଓ ଆସ୍ଥା ମା'ଙ୍କ ମମତାରେ ଭରିଯାଏ। ବୈଦିକ ରୀତିନୀତିର ସମସ୍ତ ପରମ୍ପରା ଅନୁଯାୟୀ ରିଘାଗଡ଼ର କୁମ୍ଭାର ରାଜବଂଶର ପ୍ରତୀକ ରାଜପୁତ୍ରଙ୍କ ସହ ମା'ଙ୍କ ବିବାହ ସମ୍ପନ୍ନ କରାଯାଏ। ଏହି ବିବାହ ଶେଷ ହେଉ ନ ଥିବା ପର୍ଯ୍ୟନ୍ତ ସମ୍ପୃକ୍ତ ୨୨ ଖଣ୍ଡ ମୌଜାରେ କୌଣସି ମାଙ୍ଗଳିକ କାର୍ଯ୍ୟ ହୁଏନାହିଁ। ଯାହା ମା'ଙ୍କ ପ୍ରତି ଅତୁଟ ଆସ୍ଥାର ପ୍ରତୀକ। କିମ୍ବଦନ୍ତୀ ଅନୁସାରେ ବଳୀ ରାଜାଙ୍କ ସହ ମା'ଙ୍କ ବିବାହ ପରେ ଘଟିଥିବା ଅଦ୍ଭୁତ ଘଟଣା ଏହି ପରମ୍ପରାର ମୂଳ ଆଧାର। ପଶ୍ଚିମ ଓଡ଼ିଶାର ଶୀତଳଷଷ୍ଠୀ ପର୍ବ ପରି କନିକାର ବଳୀ-ବାସୁଳୀ ବିବାହ ମଧ୍ୟ ଏହି ଅଞ୍ଚଳର ସାଂସ୍କୃତିକ ପରିଚୟକୁ ଜୀବନ୍ତ ରଖିଛି। ବରଯାତ୍ରା, ବାଣ ରୋଷଣୀ, ଯଜ୍ଞାନୁଷ୍ଠାନ ଓ ଯାତ୍ରା ଅପେରାର ମାହୋଲ ମଧ୍ୟରେ ମା'ଙ୍କ ପୀଠ ଏହି ଦିନରେ ଭକ୍ତି ଓ ଉତ୍ସବର ମିଳନକ୍ଷେତ୍ର ହୋଇଉଠେ। ଆସ୍ଥା ଓ ପରମ୍ପରାରେ ବନ୍ଧା ଏହି ଦେବୀ-ମାନବ ବିବାହ କନିକା ଅଞ୍ଚଳର ଧାର୍ମିକ ଚେତନାର ଏକ ଅଦ୍ୱିତୀୟ ଦୃଷ୍ଟାନ୍ତ ଭାବେ ଆଜି ମଧ୍ୟ ଜନମାନସରେ ଅତୁଟ ରହିଛି।

## ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଓଲାଭର, ୩୧।୧(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଲାଭର ବଜାରର ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ"ହୋଇଛି। ଗୁରୁବାର ଦିନ ଆରମ୍ଭ ହୋଇଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ପ୍ରଥମେ କଳସ ଶୋଭାଯାତ୍ରା ହୋଇ ଘଟ ସ୍ଥାପନ ହେବା ସହିତ ସୂର୍ଯ୍ୟପୂଜା, ଗୋପୂଜା, ଅଙ୍କୁରାରୋପଣ, ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ସମସ୍ତ ନୀତିକାନ୍ତି ଅନୁସାରେ ହୋଇଥିଲା। ମନ୍ଦିରର ପୂଜକ ପଣ୍ଡିତ ଦିଲ୍ଲୀପ ଶତପଥୀଙ୍କ ସଂଯୋଜନାରେ ପଣ୍ଡିତ ଗୋପାଳ ଶତପଥୀ, ଅମୂଲ୍ୟ ପାଣି ସହଯୋଗ କରୁଥିଲେ। କର୍ତ୍ତାକର୍ତ୍ତୀ ଭାବେ ଅମର ପାଲ୍, ପଦ୍ମାବତୀ ପାଲ ଓ ସୁନାକର ସାହୁ, ବିନୋଦିନୀ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଉତ୍ସବକୁ ଓଲାଭର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ବଜାର ସହିତ ବଳରାମପୁର, ଓଲାଭର, ଦେଉଳସାହି, ଛଦେଶ, ଦେଓଗାଁ, ଡଙ୍କାରୀ, ସାତଘରିଆ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଛତା ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଙ୍କ କୃତିତ୍ୱ

**ଡେରାବିଶ, ୩୧।୧(ସମିସ):** ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ ଜଣ ଛାତ୍ରୀ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି। ବିଦ୍ୟାମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ସୃଷ୍ଟିସ୍ୱରୂପା ଜେନା, ତୃତୀୟ ଶ୍ରେଣୀ ଛାତ୍ରୀ ବସୁଧା ପଣ୍ଡା ଓ ଦିବ୍ୟାଂଶି ଦାଶ ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମେଧାତାଲିକା ପ୍ରକାଶ ପାଇବା ପରେ ବିଦ୍ୟାମନ୍ଦିରରେ ଖୁସିର ବାତାବରଣ ଖେଳିଯାଇଛି। ଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ, ଗୁରୁମା, ପରିଚାଳନା ସମିତି ଓ ଅଭିଭାବକ ଛାତ୍ରୀଙ୍କୁ ପୁଷ୍ପଗଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଛନ୍ତି।

## ବରାଡ଼ିଆ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ରାଜକନିକା, ୩୧।୧(ସମିସ):** ରାଜକନିକା ବ୍ଲକ ବରାଡିଆ ପଞ୍ଚାୟତ ପିଏମଶ୍ରୀ ବରାଡ଼ିଆ ନୋଡାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତିନିଦିନି ଧରି ଚାଲିବାକୁ ଥିବାବେଳେ ଶନିବାର ଦ୍ୱିତୀୟ ଦିବସର। ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଡଃ. ଶାନ୍ତନୁ କୁମାର ରଥ ଯୋଗଦେଇ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀର ସଫଳତା କାମନା କରି ସୁବର୍ଣ୍ଣ ଜୟନ୍ତୀ ସ୍ମୃତି ଉତ୍ସବର ସଫଳତା କାମନା କରିଥିଲେ। ପୁରାତନ ଛାତ୍ର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଧାପକ ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ପୁରାତନ ଛାତ୍ର ପ୍ରଧାପକ ଡଃ. ଅଜୟ କୁଣ୍ଡ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ଅମୀୟ ଦାସ ସ୍ୱାଗତ ଭାଷଣ ରଖିଥିଲେ। ପୁରାତନ ଛାତ୍ର ମଙ୍ଗୁଳି ବେହେରା ଅତିଥି ପରିଚୟ ପ୍ରଦାନ ଓ ମାନପତ୍ର ପଠନ କରିଥିଲେ। ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱନାଥ ନାୟକ ଓ କାର୍ତ୍ତିକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସଭାପତି ତ୍ରିଲୋଚନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଗାରିମାମୟ ସ୍ୱର୍ଣ୍ଣିମ ଇତିହାସ ଅଧ୍ୟାୟକୁ ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ସଂସଦ ଆୟୋଜନରେ ଅନୁଷ୍ଠିତ ସମାରୋହର ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନାବାଳିକାର ଆତ୍ମହତ୍ୟା

**ରାଜନଗର, ୩୧।୧(ସମିସ):** ରାଜନଗର ବ୍ଲକ କୋଇଲିପୁର ଗ୍ରାମର ରାଜେଶ ମଲିକଙ୍କ ଝିଅ ଆଶାଲତା ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆଶାଲତା ବେକରେ ଲୁଗା ଲଗାଇ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପିତା ରାଜେଶ ରାଜନଗର ଥାନାରେ ଏତଲା ଦେବା ପରେ ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

## ଗହୀରମଥାରୁ ଟ୍ରଲର ଜବତ; ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୩୧।୧(ସମିସ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ମା' ନ୍ୟୁ ସୋନାତାରିଣୀ-୧ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ଟ୍ରଲରକୁ ଜବତ କରିଥିଲେ। ଟ୍ରଲରରୁ ୧ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୧୮ କ୍ୱିଣ୍ଟାଲ ୭ କିଲୋଗ୍ରାମ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

**ବନ୍ଦ ହେଉନି କଟ୍‌ନୀ ଛଟ୍‌ନୀ**

# ମଣ୍ଡିରେ ଚାଷୀ ଲୁଟ୍‌ର ଶିକାର

**କେନ୍ଦ୍ରାପଡ଼ା, ୩୧।୧(ସମିସ)**

ଜିଲ୍ଲାର ଧାନମଣ୍ଡିରେ କଟ୍‌ନୀଛଟନୀ, ଅବ୍ୟବସ୍ଥା ଓ ସିଧାସଳଖ ଲୁଟ ଘଟଣା ଦିନକୁ ଦିନ ଗୁରୁତର ଆକାର ନେଉଛି। ମିଲର, ସୋସାଇଟ ସମ୍ପାଦକ ଓ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ମିଲିଭଗତରେ ଚାଷୀ ଅଖା ପଇସାରୁ ବଞ୍ଚିତ ହେଉଥିବା ଗୁରୁତର ଅଭିଯୋଗ ଆସିଛି। ସରକାରଙ୍କ ପକ୍ଷରୁ ଯେଉଁ ଆବଶ୍ୟକୀୟ ଝୋଟ ଅଖା ଯୋଗାଇବା କଥା, ତାହା ମିଳୁନି। ବାଧ୍ୟ ହୋଇ ଚାଷୀ ବଜାରରୁ ପ୍ରତି ଅଖା ୧୪ ଟଙ୍କା ଦାମରେ କିଣି ଧାନ ଭର୍ତ୍ତି କରି ମଣ୍ଡିକୁ ନେଉଛନ୍ତି। କିନ୍ତୁ ଜରି ଅଖା ଟଙ୍କା ସୁଦ୍ଧା ଚାଷୀଙ୍କୁ ଦିଆଯାଉନାହିଁ। ଏଥିସହିତ ଘରୁ ମଣ୍ଡି ପର୍ଯ୍ୟନ୍ତ ଗାଡ଼ି ଭଡ଼ା ଚାଷୀଙ୍କ ପାଇଁ ଅସହ୍ୟ ହେଉଛି। କେବଳ ୨୦୦ ମିଟର ଦୂରତା ପାଇଁ ୩ ଶହ ଟଙ୍କା ଗାଡ଼ି ଭଡ଼ା ଦେବାକୁ ପଡୁଛି। ଲୋଡ୍ ଓ ଅନଲୋଡ୍ ପାଇଁ ବସ୍ତା ପିଛା ୨୦ ଟଙ୍କା ଆଉ ମିଲର ଟ୍ରକକୁ ଲୋଡ୍ ଦେବା ସମୟରେ ପୁଣି ବସ୍ତା ପିଛା ୧୦ ଟଙ୍କା ଚାଷୀଙ୍କୁ ଦେବାକୁ ବାଧ୍ୟ କରାଯାଉଛି। ଚାଷୀ ଧାନକୁ ଭଲଭାବେ ଶୁଖାଇ ମଣ୍ଡିରେ ଦେଲେ ମଧ୍ୟ ପ୍ରତି କ୍ୱିଣ୍ଟାଲରୁ ୪ରୁ ୯ କେଜି ପର୍ଯ୍ୟନ୍ତ କଟନୀ କରାଯାଉଛି। ମଣ୍ଡିରେ ଦିନକୁ ଦିନ ଧାନ ପଡ଼ି ରହୁଥିଲେ ବି ମିଲର ଆସୁ ନ ଥିବାରୁ ଓଜନ ଓ ଉଠାଣ ହେଉନାହିଁ।

ଜିଲ୍ଲାରେ ୫୦, ୧୨୫ ଜଣ ଚାଷୀ ପଞ୍ଜିକୃତ ଥିବାବେଳେ ୧୧୫ଟି ପ୍ୟାକ୍ସ ମାଧ୍ୟମରେ ଧାନ କ୍ରୟ ଚାଲିଛି। ଏ ପର୍ଯ୍ୟନ୍ତ କେବଳ ୫, ୩୧୩ ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ସରକାର ୨, ୦୯, ୯୩୫.୨୪ କ୍ୱିଣ୍ଟାଲ ଧାନ କିଣିଥିଲେ ବି ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ମଣ୍ଡିରେ ଏପର୍ଯ୍ୟନ୍ତ ମାତ୍ର ୧୦ ପ୍ରତିଶତ ଧାନ କ୍ରୟ ସମ୍ଭବ ହୋଇଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ସମସ୍ତ ଅନିୟମ ଓ ଲୁଟ୍ ବିରୋଧରେ ମୁହଁ ଖୋଲିଲେ ଚାଷୀଙ୍କୁ ଧମକ ଦିଆଯାଉଛି। କେତେବେଳେ ରାସନ କାର୍ଡ କଟିଯିବ, ଆଉ କେତେବେଳେ ସରକାରୀ ସୁବିଧାରୁ ବଞ୍ଚିତ କରାଯିବ ବୋଲି ଭୟ ଦେଖାଯାଉଛି। ଚାଷୀ ଏହି ସମ୍ପୂର୍ଣ୍ଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଦୋଷୀ ମିଲର, ସୋସାଇଟ ସମ୍ପାଦକ ଓ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରୁଛନ୍ତି।

## ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଆରମ୍ଭ

# ଜଗତ-ଭଗତ କଲ୍ୟାଣ ପାଇଁ ଘୃତାହୁତିରେ ସୁବାସିତ ମହିମାଧାମ

**ଗଁଦିଆ,୩୧।୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଶନିବାର ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହୋଇଛି। ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁଙ୍କ ଗୁରୁ ଅଲେଖ ମହିମା ଧ୍ୱନିରେ ମହିମାଧାମ ପ୍ରକମ୍ପିତ ହୋଇଉଠିଛି। ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ସନ୍ନ୍ୟାସୀମାନେ ଗୁରୁପୂର୍ଣ୍ଣିମା ଉପଲକ୍ଷେ ଗାଦୀ ମନ୍ଦିର ବେଢ଼ାରେ ଶନିବାର ଭୋର୍ ସାଢ଼େ ୩ଟାରେ ବେଢ଼ା ପରିକ୍ରମା କରି ଚତୁର୍ଦ୍ଦଶୀ ନୀତି ଆରମ୍ଭ ହୋଇଥିଲା। ପ୍ରଥମେ ରୁପା ଝାଡୁରେ ଗାଦୀ ମନ୍ଦିର ପରିସରରେ ଛେରାପହଁରା କରାଯାଇଥିଲା। ରୁପା ଗରାରେ ଜଳ ଆଣି ସିଞ୍ଚନ କରାଯିବା ପରେ ସୁନା ଗିନାରେ ଚନ୍ଦନ ପାଣି ସିଞ୍ଚନ କରାଯାଇଥିଲା। ରୁପା ଚାମରରେ ଚାମର କରାଯାଇଥିଲା। ୧୧ଟା ୧୫ରୁ ମଧ୍ୟାହ୍ନ ନୀତି ଆରମ୍ଭ କରାଯାଇ ଅନୁରୂପ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୪ଟାରେ ତ୍ରିସନ୍ଧ୍ୟା ପୂଜା କରାଯାଇଥିଲା। ଅପରାହ୍ନ ୫ଟା ୧୮ରେ ଅନ୍ଧକାର ଦୂରୀଭୂତ କରିବା ପାଇଁ ଝାଡ଼ ପ୍ରଜ୍ୱଳିତ କରାଯିବା ସହ ଜଗତ ଓ ଭଗତଙ୍କ କଲ୍ୟାଣ କାମନା କରି ଘୃତାହୁତି ଦିଆଯାଇଛି। ସେହିପରି ଶୂନ୍ୟମନ୍ଦିରରେ ଗୋଟିଏ ବୃହତ ଝାଡ଼ଦୀପ, ଅଖଣ୍ଡ ବତି ମନ୍ଦିରରେ ଗୋଟିଏ ଝାଡ଼ଦୀପ, ଅଖଣ୍ଡ ଜ୍ୟୋତି ମନ୍ଦିରରେ ମଧ ଗୋଟିଏ ଝାଡ଼ଦୀପ ପ୍ରଜ୍ୱଳିତ କରାଯାଇଛି। ଧୂନି ମନ୍ଦିରରେ ପ୍ରଜ୍ୱଳିତ ହେଉଥିବା ଧୂନିରେ ଘୃତାହୁତି ଦିଆଯାଇଛି।

ମେଳା ଉପଲକ୍ଷେ ଭଣ୍ଡାର ଘରୁ ସୁନାରୁପାର ଛତ୍ରୀ, ଆଢ଼େଣୀ, ତରାସ, ସୁନାରୁପୀ ଝାଡୁ ପ୍ରଭୃତି ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ରଖାଯାଇଛି। ବିଭିନ୍ନ ମଠ ମନ୍ଦିରରେ ଜଣାଣ, ଭଜନ, ଖଞ୍ଜଣୀ ମାଡ଼ରେ ଚଉତିଶା ଆବୃତ୍ତି କରାଯାଉଛି। ଚଳିତ ବର୍ଷ ୧୯ ଜଣ ନୂତନ ସନ୍ନ୍ୟାସୀଙ୍କୁ ଡୋର, କୌପୀନ, ଭେକ ଓ ବାନୀ ଦାନ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ବହୁସଂଖ୍ୟକ ମହିମା ଧର୍ମାବଲମ୍ବୀଙ୍କ ସମାଗମ ହୋଇଛି। ଯୋରନ୍ଦାମେଳା ଉପଲକ୍ଷେ ଯାତ୍ରୀମାନଙ୍କୁ ନେବାଆଣିବା କରିବା ପାଇଁ ସ୍ୱତନ୍ତ୍ର ଯାନବାହନମାନ ଚଳାଚଳ ହେଉଛି। ମେଳା ଉପଲକ୍ଷେ ବିଭିନ୍ନ ଉଠାଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିନିଟି ଅସ୍ଥାୟୀ ଫାଣ୍ଡି କରାଯିବା ସହ ୧୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଶନିବାର ଶୁକ୍ଳ ଚତୁର୍ଦ୍ଦଶୀ ରବିବାର ଦେଶପୂର୍ଣ୍ଣମା ନିମନ୍ତେ ଗାଦି ଓ ଅନ୍ୟାନ୍ୟ ମନ୍ଦିରଗୁଡ଼ିକରେ ଝାଡ଼ ପ୍ରଜ୍ୱଳିତ ହୋଇ ଘୃତାହୁତି ଦେବା କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର ଖୋଲାଯାଇଛି।

## ମହିମା ମାଘମେଳାର ଶୁଭାରମ୍ଭ କଲେ ଶ୍ରୀମଦ ରଘୁନାଥ ବାବା

**ଢେଙ୍କାନାଳ,୩୧।୧(ସମିସ):** କୌପିନଧାରୀ ମହିମା ସମାଜ ସଭାପତି ଅଶୀତିପର ବୟବୃଦ୍ଧ ଶ୍ରୀମଦ୍ ରଘୁନାଥ ବାବା, ସମାଜର ଅଖଣ୍ଡ ଜ୍ୟୋତି ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଥିବା ଭଜନ ମଣ୍ଡପର ଉତ୍ତର ପୂର୍ବ କୋଣରେ ନୂତନ ତାଳବରଡ଼ା ଘେରା ଗୋମୟରେ ଲିପା ହୋଇଥିବା ସ୍ଥାନରେ ସାତଟି ଅଖଣ୍ଡ ଘୃତ ଦୀପ ସଂସ୍ଥାପନ କରିଥିଲେ। ଏହି ଘୃତଦୀପଗୁଡ଼ିକୁ ପ୍ରଜ୍ୱଳିତ କରାଯାଇ ନିରାକାର ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ପୂର୍ବକ ଊର୍ଦ୍ଧ୍ୱବାହୁ ହୋଇ ଉପରକୁ ଟେକାଯାଇ ତାଳବରଡ଼ାଘେରା ଉକ୍ତ ଟୁଙ୍ଗୀ ମଧ୍ୟସ୍ଥ ଏକ ପ୍ରାଚୀରରେ ରଖାଯାଇଥିଲା। ଜଗତଭଗତଙ୍କ କଲ୍ୟାଣ ପାଇଁ ଉତ୍ସର୍ଗ ହୋଇଥିବା ଏହି ସପ୍ତଦୀପରେ ଘୃତାହୁତି ଦିଆଯାଇଥିଲା। ସଭାପତି ଶ୍ରୀମଦ ରଘୁନାଥ ବାବାଙ୍କ ପରେ ଢେଙ୍କାନାଳ ଯୁବରାଜ ଅମରଜ୍ୟୋତି ସିଂହଦେଓ, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଉପସଭାପତି ବାବା ଅବିନାଶୀ ଦାସ, ସମ୍ପାଦକ ବାବା ସୁଶାନ୍ତ ଦାସ, ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ସମ୍ପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର ଓ ଶ୍ରଦ୍ଧାଳୁ ପ୍ରେମଶଙ୍କର ମିଶ୍ର ପ୍ରମୁଖ କ୍ରମାନ୍ୱୟରେ ଏହି ୭ ଅଖଣ୍ଡ ଘୃତଦୀପକୁ ଊର୍ଦ୍ଧ୍ୱବାହୁ ହୋଇ ସଂସ୍ଥାପନ କରିଥିଲେ।

## ଆଜି ଯୋରନ୍ଦା ଆସୁଛନ୍ତି ମୁଖ୍ୟମନ୍ତ୍ରୀ

# ଗସ୍ତ କାର୍ଯ୍ୟକ୍ରମର ସମୀକ୍ଷା କଲେ ସାଂସଦ

**ଢେଙ୍କାନାଳ,୩୧।୧(ସମିସ):** ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଦର୍ଶନ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋରନ୍ଦା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେ ମହିମା ସ୍ୱାମୀଙ୍କ ଆଶୀର୍ବାଦ ନେବା ସହ ପୀଠର ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ କରିବେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଯୋରନ୍ଦାରେ ପହଞ୍ଚିବେ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି କରାଯାଉଛି। ଶନିବାର ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋରନ୍ଦାରେ ପହଞ୍ଚି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଯୋରନ୍ଦା ମେଳା ଚାଲିଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଜନସାଧାରଣଙ୍କ ଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କିଭଳି ସୁରଖୁରୁରେ ହୋଇପାରିବ ସେ ଦିଗରେ ସାଂସଦ ଗୁରୁତ୍ୱ ଦେଇଛନ୍ତି। ଗାଦିମନ୍ଦିର, ଶୂନ୍ୟମନ୍ଦିର ସମେତ ସଭାସ୍ଥଳର ପ୍ରସ୍ତୁତି ବୁଲି ଦେଖିଥିଲେ ସାଂସଦ ପାଣି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ରହି ପ୍ରସ୍ତୁତି ତ୍ୱରାନ୍ୱିତ କରିବା ଉପରେ ଜୋର ଦେଇଥିଲେ। ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବାର୍ଷିକ ମହିମାଜ୍ୟୋତି ପତ୍ରିକା ଉନ୍ମୋଚିତ

# 'ସନ୍ଥ ଭୀମଭୋଇଙ୍କୁ ଦୃଷ୍ଟିହୀନ କହିବା ଭୁଲ୍'

**ଢେଙ୍କାନାଳ,୩୧।୧(ସମିସ):** କୌପିନଧାରୀ ମହିମା ସମାଜ ଆନୁକୂଲ୍ୟରେ ପବିତ୍ର ମାଘମେଳା ଅବସରରେ ପ୍ରକାଶିତ ମହିମାଜ୍ୟୋତି ବାର୍ଷିକ ପତ୍ରିକାକୁ ଭଜନ ମଣ୍ଡପରେ ମଧ୍ୟାହ୍ନରେ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କୌପିନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ ରଘୁନାଥ ବାବା ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ଯୁବରାଜ ଅମରଜ୍ୟୋତି ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିବା ସହ ମହାରାଜା ଭଗୀରଥ ମହୀନ୍ଦ୍ର ବାହାଦୁରଙ୍କ ମହିମାଗାଦି ପ୍ରତିଷ୍ଠାରେ ଥିବା ଅବଦାନ ସମ୍ପର୍କରେ ସ୍ମରଣ କରାଇଥିଲେ। ମହାରାଜା ଭଗୀରଥ ୭୫ ଏକର ନିଷ୍କର ଜମି ପ୍ରଦାନ କରି ଯୋରନ୍ଦା ମୌଜାକୁ ମହିମାଧର୍ମର ମୁଖ୍ୟାଳୟ କରିଥିଲେ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିମାଗାଦୀ ପୀଠର ଉନ୍ନତି ପାଇଁ ମଞ୍ଜୁର କରିଥିବା ୧୭୧ କୋଟି ଟଙ୍କା ମଧ୍ୟରେ ଏହି ଭଜନ ମଣ୍ଡପ ସମସ୍ତ ସୁବିଧା ସହ ଏକ ଭବ୍ୟ ଭବନରେ ରୂପାନ୍ତରିତ ହେବାକୁ ଯାଉଥିବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାବା ଅବିନାଶୀ ଦାସ ସୂଚନା ଦେଇଥିଲେ।

ମୁଖ୍ୟବକ୍ତା ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଲେଖକ ଭାଗୀରଥି ନେପାକଙ୍କ ରଚିତ ସନ୍ଥ ଭୀମଭୋଇଙ୍କ ସ୍ତୁତି ଚିନ୍ତାମଣୀରୁ ବହୁ ଉଦ୍ଧୃତି ଦେଇ ସେ ଦୃଷ୍ଟିହୀନ ନ ଥିବା ଦର୍ଶାଇଥିବା ବିଷୟ ପ୍ରକାଶ କରିଥିଲେ। ଅନ୍ୟ ବହୁ ଐତିହାସିକ ଓ ଗବେଷକ ମଧ୍ୟ ଭୀମଭୋଇଙ୍କ ଦୃଷ୍ଟିହୀନତାକୁ ଗ୍ରହଣ କରି ନ ଥିବାରୁ ତାଙ୍କୁ ଅନ୍ଧ ଭାବେ ଚିତ୍ରଣ କରାଯିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ରଥ ପ୍ରକାଶ କରିଥିଲେ। ନିରାକାର ଶୂନ୍ୟବ୍ରହ୍ମଙ୍କ ସରଳ ନିରାଡ଼ମ୍ବର ଉପାସନା ହିଁ ମହିମାଧର୍ମର ବୈଶିଷ୍ଟ୍ୟ ବୋଲି ସେ କହିଥିଲେ। ପୂର୍ବତନ ପ୍ରଶାସକ ସନାତନ ମଲ୍ଲିକ ଓ ମହିମାଧର୍ମ ଗବେଷକ ଡ. ଉଦ୍ଧବ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଖ୍ରୀଷ୍ଟ ଧର୍ମର ପ୍ରଚାର ଓ ପ୍ରସାରକୁ ଆଦିବାସୀ ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ଆନ୍ଧ୍ରର ଶ୍ରୀକାକୁଳମ୍ ଆଦି ଜିଲ୍ଲାରେ କେବଳ ମହିମାଧର୍ମ ହିଁ ରୋକିବାରେ ସଫଳ ହୋଇଥିଲା। କପିଳାସର ପବିତ୍ର ତପୋବନ ପୀଠରେ ୨୪ବର୍ଷ କାଳ ଆତ୍ମଯୋଗ ସାଧନା ପୂର୍ବକ ମହିମାସ୍ୱାମୀ ମହିମାଧର୍ମର ପ୍ରତିଷ୍ଠା କରିଥିଲେ ବୋଲି ସଭାପତି ଶ୍ରୀମଦ୍ ରଘୁନାଥ ବାବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ଶେଷଦେବ ଦାସ, ଡମ୍ବରୁଧର ସେଠୀ, ମହିମାଜ୍ୟୋତି ପତ୍ରିକାର ସମ୍ପାଦକ ବିରଞ୍ଚି ନାରାୟଣ ହୋତା, ଯୁଧିଷ୍ଠିର ମହାନ୍ତି ଓ କୈଳାସ ରାଉତ ପ୍ରମୁଖ ପତ୍ରିକା ଉନ୍ମୋଚନ ଉତ୍ସବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ତପୋବନ ପତ୍ରିକାର ସମ୍ପାଦକ ଭକ୍ତ ପ୍ରଶାନ୍ତ କୁମାର ମହାପାତ୍ର ସଭା ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭକ୍ତ ଶତ୍ରୁଘ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ବୈଠକ

**ଖଜୁରିଆକଟା,୩୧।୧(ସମିସ):** ଓଡ଼ାପଡ଼ା ବ୍ଲକ ଏକଘରିଆସ୍ଥିତ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ରଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଅଞ୍ଚଳବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏକଘରିଆ ଗ୍ରାମ କମିଟି ସଭାପତି ଭାବଗ୍ରାହୀ ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଖପାଖ ଅଞ୍ଚଳର ପ୍ରାୟ ୫୦ ଗ୍ରାମର ମୁଖିଆ, ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ ଯୋଗଦେଇଥିଲେ। ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସମ୍ପାଦକ ସୁନୀଲ କୁମାର ପରିଡ଼ା ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍ସବରେ ଆଖପାଖ ଅଞ୍ଚଳର ଲକ୍ଷାଧିକ ଭକ୍ତଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉପସ୍ଥିତ ବ୍ୟକ୍ତିମାନେ ସ୍ୱେଚ୍ଛାକୃତ ଭାବେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ଫେବୃଆରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସଭାପତି ଜୟନ୍ତ କୁମାର ପରିଡ଼ା, ମନ୍ଦିରର ମୁଖ୍ୟ ଆୟୋଜକ ଚିଣ୍ଟୁ ବାବା, ରାମଚଣ୍ଡୀ ମନ୍ଦିର କମିଟି ସଭାପତି ପ୍ରଦୀପ କୁମାର ସାମଲଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜଗନ୍ନାଥପ୍ରେମୀମାନେ ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ମହାକାଶ ଗବେଷଣାର ସାମାଜିକ ପ୍ରଭାବ ଶୀର୍ଷକ ସମ୍ମାନ

**ହିନ୍ଦୋଳ/ଖଜୁରିଆକଟା,୩୧।୧(ସମିସ):** ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଓ ଓଡ଼ିଶା ଫିଜିକାଲ ସୋସାଇଟି ସହଯୋଗ ଓ ପିଏମ ଉଷା ଆର୍ଥିକ ସହାୟତାରେ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟୋରିୟମରେ ମହାକାଶ ଗବେଷଣାର ସାମାଜିକ ପ୍ରଭାବ ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମାନକୁ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି ସଂଯୋଜନା କରିଥିଲେ। ପିଏମ ଉଷାର କାର୍ଯ୍ୟନିର୍ବାହୀ ସଂଯୋଜକ ତଥା ଇଂରାଜୀ ବିଭାଗ ଅଧ୍ୟାପକ ଦିଲୀପ କୁମାର ଗଡ଼ନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ଏସକେ ପାଣ୍ଡେ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ମହାକାଶ ଗବେଷଣାର ପ୍ରଭାବ ଓ ଉପଯୋଗ ଉପରେ ଗବେଷଣା ଲବ୍ଧ ତଥ୍ୟ ଆଧାରିତ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର୍ ଅତନୁ କୁମାର ପତି ଯୋଗଦେଇ ମହାକାଶ ଗବେଷଣା ମାନବ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଏ ଦିଗରେ ଉଚ୍ଚଶିକ୍ଷା ଓ ଗବେଷଣା କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଫେସର ତଥା ଭଟ୍ଟନଗର ପୁରସ୍କାର ବିଜେତା ବୈଜ୍ଞାନିକ ବେଦାଙ୍ଗଦାସ ମହାନ୍ତି, ଓଡ଼ିଶା ପଦାର୍ଥ ବିଜ୍ଞାନର ସଭାପତି ଡ. ସ୍ନିଗ୍ଧା ମିଶ୍ର, ସମ୍ପାଦକ ଡ. ରାଜକିଶୋର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଲମ୍ବୋଦର ପ୍ରସାଦ ସିଂ, ଡ. ଇକବଲ ହୁସେନ୍, ଡିଆର୍‌ଡିଓ ବୈଜ୍ଞାନିକ କେକେ ଚାନ୍ଦ, ଡ. ପ୍ରସନ୍ନ କୁମାର ମିଶ୍ର, ଏସକେ ପଟେଲ, ଡ. ଏସ୍‌କେ ତ୍ରିପାଠୀ, ଡ. ରାଜେଶ୍ କୁମ୍ବଲ୍ ନାୟକ, ଡ. ନନ୍ଦକୁମାର ଚକ୍ରଧାରୀ, ଡ. ଏସକେ ସାହୁ, ଡ. କେକେ ବଳ ଓ ଡ. କେସି ଦାସ ପ୍ରମୁଖ ଯୋଗଦେଇ ନିଜ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଭତ୍ତା ପାଇଁ ଠକେଇ କରିଥିବା ଅଭିଯୋଗ

**କାମାକ୍ଷାନଗର,୩୧।୧(ସମିସ):** ଭତ୍ତା ପାଇବା ପାଇଁ କାଗଜପତ୍ରରେ ଜାଲିଆତି କରିଥିବା ନେଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ନିକଟରେ ଅଭିଯୋଗ ହୋଇଛି। ଗତ ୩୦ ତାରିଖ କାମାକ୍ଷାନଗର ବ୍ଲକର ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଛି। ବାଇସିଙ୍ଗା ପଞ୍ଚାୟତ ମାଳପୁରା ଗାଁର ଉପେନ୍ଦ୍ର କୁମାର ରାଉତଙ୍କ ବୟସ ୩୫ ବର୍ଷ ହୋଇଥିବା ବେଳେ ସାର୍ଟିଫିକେଟ ଦେଇ ଦିବ୍ୟାଙ୍ଗ ପାଇଁ ଭତ୍ତା ଆବେଦନ କରିଥିଲେ। ଆବେଦନ ପରେ ତାଙ୍କ ଭତ୍ତା ମଧ ମଞ୍ଜୁର ହୋଇଛି। ଜାନୁଆରୀ ମାସରୁ ସେ ଭତ୍ତା ପାଇବାକୁ ଥିବାବେଳେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଲୋକେ ଏ ନେଇ ବିଧାୟକ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଏହାର ତଦନ୍ତ କରିବାକୁ କହିଛନ୍ତି। ଏନେଇ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକଙ୍କୁ ପଚାରିବାରୁ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ସ୍ତ୍ରୀକୁ ହତ୍ୟାକଲା ମଦ୍ୟପ ସ୍ୱାମୀ

**ହିନ୍ଦୋଳ,୩୧।୧(ସମିସ):** ରାସୋଳ ଥାନା ନବକିଶୋରପୁର ପଞ୍ଚାୟତ ଆଳୁସିଂହ କାଳିପୋଇ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସ୍ତ୍ରୀକୁ ହତ୍ୟା କରିଛି ମଦ୍ୟପ ସ୍ୱାମୀ। ଗ୍ରାମର ପ୍ରକାଶ ପ୍ରଧାନ ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଏ ନେଇ ମାମଲା ରୁଜୁ କରି ପୁଲିସ ପ୍ରକାଶଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

## ନାଳରେ ପଡ଼ି ଶିଶୁପୁତ୍ର ମୃତ

**କାମାକ୍ଷାନଗର,୩୧।୧(ସମିସ):** କାମାକ୍ଷାନଗର ଥାନା ସିଆରିମାଳିଆ ଗାଁ ଓଭରବ୍ରିଜ୍ ତଳ ନାଳରୁ ଜଣେ ୨ ବର୍ଷୀୟ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁ ଜଣକ ବାଉଁଶପାଳ ପଞ୍ଚାୟତ ଚୁଳିଆମୁଣ୍ଡା ସାହିର ଟୁନା ମୁଣ୍ଡାଙ୍କ ପୁଅ ଅଭିଜିତ ମୁଣ୍ଡା। ଶୁକ୍ରବାର ଅଭିଜିତ ଏକ କୁକୁର ସହ ଖେଳୁଖେଳୁ ଘରଠାରୁ ପ୍ରାୟ ୧ କିଲୋମିଟର ଦୂର ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା। ସେଠାରେ ସେ ନାଳରେ ପଡ଼ିଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତା'ର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ସିଆରିମାଳିଆ ଗାଁ ବ୍ରିଜ ତଳ ନାଳରେ ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। କାମାକ୍ଷାନଗର ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

**ପରଜଙ୍ଗ,୩୧।୧(ସମିସ):** ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ତଳବେରଣା ଗ୍ରାମସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ଭଗବତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଇଓ ପ୍ରିୟଦର୍ଶିନୀ ନାୟକ, ମୁଖ୍ୟବକ୍ତା ଭାବେ ଇଂରାଜୀ ଅଧ୍ୟାପକ ଶ୍ରୀକାନ୍ତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଏବିଇଓ ସତ୍ୟବ୍ରତ ସାହୁ, ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଶିଶିର ପଣ୍ଡା, ସାଆନ୍ଦା ସରପଞ୍ଚ ଜୟନ୍ତୀ ଦାସ, ଇଂ ଅଞ୍ଜନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା ମୁଖ୍ୟ ଦୀପକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣିରେ ବୁଡ଼ି ଜଣେ ମୃତ

**ଢେଙ୍କାନାଳ,୩୧।୧(ସମିସ):** ପାଣିରେ ବୁଡ଼ି ସଦର ଥାନା ଅନ୍ତର୍ଗତ ବେଶାଳିଆ ଗ୍ରାମର ରବି ନାଏକ (୫୯)ଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ରବି ମଇଁଷି ଚରାଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ସବୁଦିନ ପରି ରବି ମଇଁଷି ଚରାଇ ଗାଧୋଉଥିବା ବେଳେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ କରୁଛି।

# ଜଳବିଭାଜିକାରେ ମହାଦୁର୍ନୀତି ଅଭିଯୋଗ

**ହିନ୍ଦୋଳ,୩୧।୧(ସମିସ):** ହିନ୍ଦୋଳ ଉପଖଣ୍ଡ ଜଳବିଭାଜିକା ବିଭାଗରେ କୃଷି ସିଞ୍ଚାଇ ଯୋଜନା ଓ ମନରେଗା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଆସୁଛି। ମାତ୍ର ଏହାର କୌଣସି ତଦନ୍ତ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜଳବିଭାଜିକା ବିଭାଗ ଦ୍ୱାରା ୨୦୨୨ରେ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ୧୦ଟି କମିଟି ଗଠନ କରାଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟରେ କିଛି ଠିକା କର୍ମଚାରୀ ନିଯୁକ୍ତ କରି ବିଭିନ୍ନ ଗ୍ରାମରେ ପୋଖରୀ, ଟ୍ରେଞ୍ଚ, କାଜୁ ବଗିଚା, ଆମ୍ବ ବଗିଚା କରିବା ନାମରେ ସମ୍ପୃକ୍ତ କର୍ମଚାରୀମାନେ ଠିକାଦାର ସାଜି ସରକାରୀ ଅନୁଦାନକୁ ହରିଲୁଟ କରିଥିବା ଅଭିଯୋଗ ହୋଇଥିଲା। ଏପରିକି କୃଷକଙ୍କ ବିକାଶ ପାଇଁ ଚୟନ କରାଯାଇ ଜଣପିଛା ୨୦ ହଜାର ଟଙ୍କା ବିଭାଗ ଦ୍ୱାରା ଅନୁଦାନ ଦିଆଯାଇଥିଲେ ମଧ ପରବର୍ତ୍ତୀ ସମୟରେ ସେହି ଟଙ୍କାରୁ ବିଭାଗୀୟ ଅଧିକାରୀ ଓ କିଛି କମିଟି ସଦସ୍ୟଙ୍କୁ ହାତକରି ଅଧାରୁ ଅଧିକ ଟଙ୍କା ହିତାଧିକାରୀଙ୍କଠାରୁ ହାତଗୁଞ୍ଜା ଆକାରରେ ଫେରାଇ ନିଆଯାଇଥିଲା। ଏ ନେଇ ମଧ ବିଗତ ଦିନରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ନିଜେ ଠିକାଦାର ସାଜି ବିଭାଗୀୟ ଅଧିକାରୀମାନେ ମେସିନ ଲଗାଇ ପୋଖରୀ ଓ ଟ୍ରେଞ୍ଚ ଖୋଳି ଖୁବ କମ ପରିମାଣର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ବିଲ୍ କରିଥିବା ମଧ ଅଭିଯୋଗ ହୋଇଆସୁଛି। କୁରୁମିଠା ଗ୍ରାମରେ ହାତଗଣତି ଆମ୍ବଗଛ ଲଗାଇ ଗୋଟିଏ ପ୍ରୋଜେକ୍ଟକୁ ୨ଟି ନାମ ଦେଇ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ତଦନ୍ତ ଆଳରେ ବିଭାଗ ଏହାକୁ ଚପାଇ ଦେଇଛି। ବାବନ୍ଧ ଅଞ୍ଚଳରେ କାଜୁ ବଗିଚା ନାମରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାଟମାରଣା ହୋଇଥିବା ଅଭିଯୋଗ ହେଉଛି। ହାତଗଣତି ଗଛ ଲଗାଇ ଟଙ୍କା ଆତ୍ମସାତ କରାଯାଇଛି। ଏପରିକି ପୋଖରୀ ଖୋଳିବା, ଗଛ ଲଗାଇବା, ପାଣି ସଞ୍ଚୟ ପାଇଁ ଛୋଟ ଛୋଟ ଚୁଆ ଖୋଳିବା ନାମରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ରହିଛି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ କୌଣସି ତଦନ୍ତ କରାଯାଉନାହିଁ। ନୂତନ ସରକାର ଆସିବାର ଦେଢ଼ ବର୍ଷ ବିତିଗଲାଣି ହେଲେ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ପାଇଁ ନାରା ଦେଉଥିବା ନୂତନ ସରକାରଙ୍କ ଦ୍ୱାରା ଏଯାଏ ଏହାର ତଦନ୍ତ ହୋଇପାରିଲା ନାହିଁ। ଗତ ୩ ବର୍ଷ ମଧ୍ୟରେ ହିନ୍ଦୋଳ ଉପଖଣ୍ଡରେ ଜଳବିଭାଜିକା ଦ୍ୱାରା ହୋଇଥିବା ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ସହ ରାଜ୍ୟ ସରକାର ସ୍ୱତନ୍ତ୍ର କମିଟି ଗଠନ କରି ତଦନ୍ତ କରିବାକୁ ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଦାବି ହେଉଛି। ଏ ପର୍ଯ୍ୟନ୍ତ ଏହାର ତଦନ୍ତ ନ ହେବା ବିଷୟରେ ଜିଲ୍ଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଲ୍ପବଟ ବେହେରାଙ୍କୁ ଯୋଗାଯୋଗ କରିବାରେ ଗଣମାଧ୍ୟମକୁ କୌଣସି ସୂଚନା ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

## ପୁନର୍ନବା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# ‘ଦେଶପ୍ରେମ ଓ ମାନବ ପ୍ରେମର ସ୍ୱର ହିଁ ସାହିତ୍ୟ’

ଡେରାବିଶ, ୩୧ା୧(ସମିସ)

ରାଜ୍ୟର ଅନ୍ୟତମ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଚାନ୍ଦୋଳସ୍ଥ ପୁନର୍ନବା ସାହିତ୍ୟ ସଂସଦ, ବସୁଧୈବ ସାହିତ୍ୟ ସଂସ୍କୃତି ପରିଷଦ ଓ ସୁରେନ୍ଦ୍ର ଗବେଷଣା ଏକାଡ଼େମୀର ମିଳିତ ବାର୍ଷିକ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ପାଳିତ ହୋଇଯାଇଛି । କଥାକାର ତରୁଣ ସାହୁ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରଫେସର ବୈଷ୍ଣବ ସାମଲ ଯୋଗଦେଇ ଦେଶପ୍ରେମ ସହିତ ମାନବତା ପ୍ରତି ପ୍ରେମର ସ୍ୱର ହିଁ ପାଲଟିଥାଏ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ପ୍ରଫେସର ଡ. ଗିରିଶ ଚନ୍ଦ୍ର ମିଶ୍ର ଓ ପ୍ରାବନ୍ଧିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ । ଡକ୍ଟର ସ୍ୱାତୀ ସୁଚରିତା ଅତିଥିଙ୍କୁ ମଞ୍ଚ ବରଣ କରିଥିବାବେଳେ ସମ୍ପାଦକ ଡକ୍ଟର ପ୍ରକାଶ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥଲେ । କବି ମନୋରଞ୍ଜନ ସାହୁଙ୍କ ଇଂରାଜୀ କବିତା ସଂକଳନ ‘ଦି ସ୍ନେକସ୍ ଆଣ୍ଡ ଲ୍ୟାଡର ଗେମସ୍’କୁ ଅତିଥିମାନେ ପାଠକାର୍ପଣ କରିଥିଲେ । ସୁରେନ୍ଦ୍ର ଗବେଷଣା ଏକାଡ଼େମୀ ପକ୍ଷରୁ ଡକ୍ଟର ଗିରିଶ ମିଶ୍ରଙ୍କୁ ନିରନ୍ତର ଗବେଷଣା ସମ୍ମାନ, ଡକ୍ଟର ବେଣୁଧର ପାଢ଼ୀଙ୍କୁ ସୁରେନ୍ଦ୍ର ଗବେଷଣା ସମ୍ମାନ, ଅଧ୍ୟାପକ ବିରଜାନନ୍ଦ ମହାନ୍ତି ଓ ଅଧ୍ୟାପକ ରାଜକୁମାର ପାତ୍ରଙ୍କୁ ଏକାଡ଼େମୀ ପ୍ରବନ୍ଧ ସମ୍ମାନ ଅର୍ପଣ କରାଯାଇଥିଲା । ସାହିତ୍ୟ ସଂସଦର ସର୍ବୋଚ୍ଚ ସମ୍ମାନ ‘ପୁର୍ନନବା ହରେକୃଷ୍ଣ ସମଗ୍ର ସାହିତ୍ୟ ସମ୍ମାନ’ ପ୍ରାବନ୍ଧିକ ବାବାଜୀ ପଟ୍ଟନାୟକ, କବି ଅଖିଳ ମିଶ୍ରଙ୍କୁ ଅନାଦୀ ଅନନ୍ତ କବିତା ସମ୍ମାନ, ଡକ୍ଟର ଅଶୋକ ପୁହାଣଙ୍କୁ ଅକ୍ଷୟ ସ୍ମାରକୀ କବିତା ସମ୍ମାନ, ଗଙ୍ଗାଧର ବିଶ୍ୱାଳଙ୍କୁ ଛାୟାଭୁବନ ଗଳ୍ପ ସମ୍ମାନ ଓ ଡକ୍ଟର ସଂଘମିତ୍ରା ଭଞ୍ଜଙ୍କୁ କ୍ୟାପଟେନ୍ ଗୋପିନାଥ ପ୍ରବନ୍ଧ ସମ୍ମାନ ପ୍ରଦାନ କରାଯାଇଥିଲା । ସୁବାସ ରାଉତଙ୍କୁ ଧନେଶ୍ୱର ସାମଲ ଶିଶୁ ସାହିତ୍ୟ ସମ୍ମାନ, ଗଙ୍ଗାଧର ବିଶ୍ୱାଳଙ୍କୁ ଧ୍ରୁବ ପ୍ରହ୍ଲାଦ ଉପନ୍ୟାସ ସମ୍ମାନ ଓ ଡକ୍ଟର ସଞ୍ଜୟ ହାତୀଙ୍କୁ ସୁଖେନ୍ଦୁ ବିକାଶ ନାଟକ ସମ୍ମାନ, ବନ୍ଦିତା ରାୟଙ୍କୁ ଗୁରୁ ରାମହରି ମହାନ୍ତି ସଙ୍ଗୀତ ସମ୍ମାନ ଓ ବିକାଶ କୁମାର ଶତପଥୀଙ୍କୁ ନିରମଣି ଦେବୀ ସାରସ୍ୱତ ସଂଗଠକ ସମ୍ମାନ ଅର୍ପଣ କରାଯାଇଥିଲା । ଅଧ୍ୟାପିକା ବିଦ୍ୟାବାସିନୀ ବେଉରା, କବି ନୀଳିମା ପାତ୍ର, ଡକ୍ଟର ସ୍ୱାତୀ ସୁଚରିତା ମାନପତ୍ର ପାଠ କରିଥିଲେ । ଉପସଭାପତି ପ୍ରମୋଦ ପ୍ରତାପ, ସରୋଜ ଦାଶ, ଡକ୍ଟର ଗିରିଶ ସାହୁ, ସଚ୍ଚିଦାନନ୍ଦ ରାଉତରାୟ, ସ୍ୱାଗତ ସତ୍ୟକାମ, ଡକ୍ଟର ସ୍ନିଗ୍ଧା ସୁଚରିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡକ୍ଟର ସୁଦର୍ଶନ ପଟ୍ଟନାୟକ, ହିମାଂଶୁ ପରିଡ଼ା, ଡକ୍ଟର ଜ୍ଞାନୀଦେବାଶିଷ ମିଶ୍ର, ସରୋଜ ମହାନ୍ତି, ଡକ୍ଟର ସୁଭାଷ ପଟ୍ଟନାୟକ, ଡକ୍ଟର ଦିଲ୍ଲୀପ ନାୟକ, ଆଇନଜୀବୀ ଅମୂଲ୍ୟରତ୍ନ ଦାସ, ଗାଳ୍ପିକ ଡକ୍ଟର ସୁକାନ୍ତ ମହାରଣା, ସଂଗୀତଜ୍ଞ ପ୍ରଫୁଲ୍ଲ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ସହସମ୍ପାଦକ ଦିଲ୍ଲୀପ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜକନିକା ବିଇଓ ଅଫିସରେ ଅବ୍ୟବସ୍ଥା

ରାଜକନିକା,୩୧ା୧(ସମିସ): ନାହିଁ ନାହିଁରେ ଚାଲିଛି ରାଜକନିକା ବିଇଓ ଅଫିସ । କର୍ମଚାରୀ ସଙ୍କଟ ସହ ସ୍ଥାୟୀ ବିଇଓ ନ ରହିବା ସହ ଏବେ ପୁଣି ଜଣେ ବି ପିଅନ ନାହାନ୍ତି । କର୍ମଚାରୀ ଅଭାବ ଭିତରେ ପେଷି ହେଉଛି ଏହି ମଣିଷ ଗଢା କାରଖାନାର କାର୍ଯ୍ୟାଳୟ । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ସ୍ଥାୟୀ ବିଇଓ ନ ରହିବାରୁ ଶିକ୍ଷା ବିଭାଗର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଏଠାରେ କେମିତି ଚାଲୁଥିବ, ତାହା ସହଜରେ ଅନୁମାନ କରାଯାଉଛି । ଏହି କାର୍ଯ୍ୟାଳୟରେ ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଜଣେ ହେଡ୍‌କ୍ଲର୍କ, ଜଣେ ସିନିୟର ହେଡ୍ କ୍ଲର୍କ, ଜଣେ ଜୁନିୟର କ୍ଲର୍କଙ୍କ ଆବଶ୍ୟକ ଥିବାବେଳେ ଜଣେ ମାତ୍ର କ୍ଲର୍କ ରହିଛନ୍ତି । ସେହିପରି ସମଗ୍ର ଶିକ୍ଷାରେ ଜଣେ ଏମଆଇଏସ, ୩ ଜଣ ଆକାଉଣ୍ଟାଣ୍ଟ, ଜଣେ ଡାଟା ଏଣ୍ଟ୍ରି ଅପରେଟର ଦରକାର ଥିବାବେଳେ ଜଣେ ମାତ୍ର ଡାଟା ଏଣ୍ଟ୍ରି ଅପରେଟରରେ କାମ ଚାଲିଛି । ରାଜକନିକା ବ୍ଲକରେ ୧୬୫ ଟି ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ୫୦୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ରହିଛନ୍ତି । ଆହୁରି ୮୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ଯେଉଁଠି ବିଇଓ ନାହାନ୍ତି ସେଠାରେ ଅନ୍ୟ କର୍ମଚାରୀଙ୍କ କଥା କିଏ ବା ବୁଝୁଛି । ଅଫିସର ସମସ୍ତ କାମ ବୁଝିବାକୁ ଜଣେ ପିଅନଙ୍କ ଆବଶ୍ୟକତା ଥିବାବେଳେ ୩ ବର୍ଷ ଧରି କେହି ପିଅନ ନାହାନ୍ତି । କେବେ କାହାକୁ ଡେପୁଟେସନରେ ମାସେ କି ଦୁଇ ମାସ ଆଣି ଏଠାରୁ ବିଦା କରିବା ଭଳି ଘଟଣା ଲାଗୁ ରହିଥିବାରୁ ବିଇଓ ମଧ୍ୟ ସେମିତି କାମଚଳା ଢଙ୍ଗରେ ଦିନ ଗଡାଇବା ସାର ହେଉଛି । କର୍ମଚାରୀ ମରୁଡିରେ ଘାଣ୍ଟି ହେଉଥିବା ରାଜକନିକା ଶିକ୍ଷା ବିଭାଗ । କର୍ମଚାରୀ ଅଭାବ ଅବସ୍ଥା ଦୂର ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ତନୁପୁରରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୩୧ା୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ହିନ୍ଦୁ ସମାଜ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ନଗର ବସତି ପକ୍ଷରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁର ଶିବ ମନ୍ଦିରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ବସତି ସଂଯୋଜକ ମନୋଜ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ବୃନ୍ଦାବନ ଧାମ ସାଧୁ ଶ୍ରୀପାଦ ଭକ୍ତି ବେଦାନ୍ତ ମହାରାଜ ମୁଖ୍ୟଅତିଥି, ଆରଏସଏସ ଜିଲ୍ଲା କୁଟୁମ୍ବ ପ୍ରବୋଧନ ଗୋକୁଳ ଦାଶ, ପଟ୍ଟାମୁଣ୍ଡାଇ ଖଣ୍ଡ କାର୍ଯ୍ୟବାହ ବିଜ୍ଞାନ ଭୂଷଣ ପ୍ରଧାନ, ନଗର ସଂଯୋଜକ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇ ହିନ୍ଦୁ ଜାଗରଣ ଓ ସନାତନ ଧର୍ମର ସୁରକ୍ଷା ପାଇଁ ହିନ୍ଦୁମାନେ ଏକାଠି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମିଳନୀରେ ଜିଲ୍ଲା କାର୍ଯ୍ୟବାହ ବିନୋଦ ଦାସ, ନଗର ସହସଂଯୋଜକ ଅମ୍ବୁଜ ନାୟକ, ନଗର ପ୍ରତିନିଧି ସୁରେଶ ସାହୁ, ବିଜେପି ନେତା ମିଟୁ ମନୋଜ ନାୟକ, ଜିଲ୍ଲା ପ୍ରଚାରକ ପ୍ରସନ୍ନଜିତ ଦାଶ, ନଗର ସଭାପତି ଅଶୋକ ସାହୁ, ରବୀନ୍ଦ୍ର ବିଶ୍ୱାଳ ଚନ୍ଦନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସନାତନ ଧର୍ମର ସୁରକ୍ଷା ପାଇଁ ହିନ୍ଦୁଙ୍କୁ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସହସଂଯୋଜକ ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ପେଣ୍ଠ ଜନଶକ୍ତି ବିଦ୍ୟାଳୟର ବାର୍ଷିକୋତ୍ସବ

ମାର୍ଶାଘାଇ, ୩୧ା୧(ସମିସ): ମାର୍ଶାଘାଇ ବ୍ଲକ୍ ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ନିରଞ୍ଜନ ମହାରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମାର୍ଶାଘାଇ ସହମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକ, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଶ୍ରୀବଳଦେବ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାତ ସେଠୀ, ଏସ୍‌ଏମସି ସଭାପତି ଶିଶିର ଦାସ, ଶିକ୍ଷକ ଦିଲ୍ଲୀପ ଦାସ, ସରପଞ୍ଚ ଛବିଲତା ସେଠୀ, ସମିତି ସଭ୍ୟା ଝୁନିଲତା ବେହେରା, ଶିକ୍ଷାବିତ ସିଦ୍ଧାର୍ଥ ରାୟ ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷାନୀତି ମାର୍ଗଦର୍ଶିକା ଅନୁଯାୟୀ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଓ ଜୀବନ କୌଶଳ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷକ ପ୍ରଶାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଚନ୍ଦ୍ରିକା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନ ସମାରୋହରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଅଶୋକ ପରିଡ଼ା, ବିଭୂତି ଭୂଷଣ ବେହେରା, ଶିକ୍ଷୟିତ୍ରୀ ନଳିନୀପ୍ରଭା ସାହୁ, ହେନାମଞ୍ଜରୀ ସ୍ୱାଇଁ, ସସ୍ମିତା ବାଇ, ବନ୍ଦନା ସାହୁ, ରଶ୍ମିତା ପରିଡ଼ା, ରଶ୍ମିରଞ୍ଜିତା ସାମଲ, ଝରଣା ପଟ୍ଟନାୟକ, ସ୍ମୃତିରୂପା ଧଳ, ଦେବସ୍ମିତା ବାରିକ, ମୃଦୁଲ ସୁଧା ତିର୍କୀ ପ୍ରମୁଖ ଯୋଗ ଦେଇଥିଲେ । ଅପରାହ୍ନ ଅଧିବେଶନରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଫିଟ୍ ଅଫ ଫାୟାର ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୩୧ା୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ମଡର୍ଣ୍ଣ ନୃତ୍ୟାନୁଷ୍ଠାନ "ଫିଟ୍ ଅଫ ଫାୟାର ଡ୍ୟାନ୍ସ ଏକାଡେମୀ’ର ସପ୍ତମ ବାର୍ଷିକ ଉତ୍ସବ "ଗ୍ଲୋ ନାଇଟ୍-୭’ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରଦ୍ୟୁମ୍ନ ଗିରିଙ୍କ ପୌରୋହିତ୍ୟ ଓ କୁଞ୍ଜ ବିହାରୀ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ଗାଳ୍ପିକ ପ୍ରଦୀପ ନାୟକ ମୁଖ୍ୟବକ୍ତା, ୧୬ନଂ ୱାର୍ଡ କାଉନସିଲର ସୁବାସ ମଲିକ ଓ ସମାଜସେବୀ ପ୍ରମୋଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏ ଅବସରରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ନୃତ୍ୟ ଗୁରୁ ପ୍ରଶାନ୍ତ ପାତ୍ର, ଚିତ୍ରଗୁରୁ ରାଜେନ୍ଦ୍ର ଦାଶ ଓ ଆଦିତ୍ୟ ନାରାୟଣ ମିଶ୍ର, ଭାଷ୍ୟକାର ପ୍ରକାଶ ଭଟ୍ଟଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲାରେ ପ୍ରଥମଥର ଏକାଡେମୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଲାଇଭ ଚିତ୍ର ଓ ବିଧାୟକଙ୍କ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରୋତ୍ତଳନ ସହିତ ଆର୍ଟ ଗ୍ୟାଲେରୀ

ଚିତ୍ତାକର୍ଷକ ଥିଲା । ପରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକକ ନୃତ୍ୟ ପରିବେଷଣ ହୋଇଥିଲା । ଉଦଯାପନୀ ଅଧିବେଶନରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଷ୍ଟାର ଟିଭିର ଡ୍ୟାନ୍ସ ରିୟଲିଟି ସୋ, ଡ୍ୟାନ୍ସ ପ୍ଲସ ପ୍ରୋର ପ୍ରଥମ ରନର୍ସଅପ୍ ଉକ୍ତ ଏକାଡେମୀର ଛାତ୍ର ରାଜେଶ ସାହୁ, ଓଡିଆ ସିନେମା ନାୟିକା ଜୟା ବିଶ୍ୱାସ, କୁନି ପ୍ରତିଭା ତେଜ୍ ତନ୍ମୟ ଓ ଟିଭି ଆଙ୍କର ଦୀପକ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ । ଏକାଡେମୀର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉପସଭାପତି ସତ୍ୟଜିତ ସାହୁ, ସହସମ୍ପାଦକ ଚନ୍ଦନ ଦାସ, ପ୍ରଶାନ୍ତ ପାତ୍ର, ସୋମନାଥ ବେହେରା, ପ୍ରକାଶ ବେହେରା ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ଜେନା, ମଧୁଛନ୍ଦା ପାତ୍ର, ନିରୋଦ କର, ଜ୍ୟୋତିଭୂଷଣ ଦାସ, ବ୍ୟୋମକେଶ ସାହୁ, ପ୍ରଶାନ୍ତ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

## ସିଂହ ଶାରଳା ପୀଠର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୩୧ା୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୂଳସାହି ଗ୍ରାମର ସିଂହ ଶାରଳା ପୀଠରେ ତୃତୀୟ ବାର୍ଷିକ ଉତ୍ସବ ଓ ଯଜ୍ଞ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଓ ବେଦଜ୍ଞ ବ୍ରାହ୍ମଣ ଯଜ୍ଞର ନୀତିକ୍ରାନ୍ତି ଓ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ । ଯଜ୍ଞ ଅବ୍ୟବହିତ ପୂର୍ବରୁ କୂଳସାହି ଗ୍ରାମର

ମହିଳା ଓ ପୁରୁଷଙ୍କୁ ନେଇ କଳସ ଯାତ୍ରା କରାଯାଇଥିଲା । ଗ୍ରାମର ସମସ୍ତ ଜନସାଧାରଣ ମା’ଙ୍କ ଆଶୀର୍ବାଦ ନେବା ସହିତ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ । ଅରୁଣ ଦାଶଙ୍କ ସଂଯୋଜନାରେ ଗଜେନ୍ଦ୍ର ଦାସ, ଅଭିମନ୍ୟୁ ଦାସ, ମଧୁସୂଦନ ଦାସ, ଅନୁ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ଭକ୍ତିମୟ କାର୍ଯ୍ୟକ୍ରମ କରାଯଇଥିଲା । ଚିତ୍ତରଞ୍ଜନ ଆରୁଖ, କ୍ଷୀରୋଦ ମଲ୍ଲିକ, ତନୋଜ ଆରୁଖ, ବିରଞ୍ଚି ମଲ୍ଲିକ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କାଦୁଅପଡ଼ାରେ ଉଦୟମିତ ପ୍ରୋତ୍ସାହନ କାର୍ଯ୍ୟକ୍ରମ

ଜଗତସିଂହପୁର,୩୧ା୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କାଦୁଅପଦା ସ୍ଥିତ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ଉଦୟମିତ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଏଏସଏମଇ ଜଗତସିଂହପୁର ଚାପ୍ଟର ପ୍ରେସିଡେଣ୍ଟ ଭଗବାନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଓଏଏସଏମଇ ଓମେନ ଉଇଙ୍ଗର ଜ୍ୟୋତିର୍ମୟୀ ମହାନ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଇଂ.ତରୁଣ କାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ । ସେହିପରି ବ୍ଲକ କୃଷି ଅଧିକାରୀ ସ୍ମୃତିରେଖା ବେହେରା, ଅତିରିକ୍ତ ପ୍ରାଣୀ ଚିକିତ୍ସା ସହାୟକ ସର୍ଜନ ଡା. ଲୋପାମୁଦ୍ରା ମଲିକ, ସହରୀ କୃଷି ଉଦ୍ୟାନ ଅଧିକାରୀ ଶ୍ୱେତପଦ୍ମା ଭୋଇ ଓଏଏସଏମଇ ଲାଇଫ ମେମ୍ବର ମନୋଜ କୁମାର ମହାପାତ୍ର, ପ୍ରିତିଶ ଭାରତ ଦାସ, ପାର୍ଥସାରଥୀ ଷଡ଼ଙ୍ଗୀ ଏବଂ ଅବସରପ୍ରାପ୍ତ ଶିଳ୍ପ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲାକୁ ଅଗ୍ରଣୀ ବାଣିଜ୍ୟ କ୍ଷେତ୍ରରୂପେ ପ୍ରତିପାଦିତ କରିବାକୁ ଉପସ୍ଥିତ ଯୁବ ଉଦ୍ୟୋଗୀମାନଙ୍କୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଯୁବ ଉଦ୍ୟୋଗୀ, ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ । ଶିଳ୍ପ ବିକାଶ ଅଧିକାରୀ ସ୍ୱର୍ଣ୍ଣସାରିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସହକାରୀ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା ସଭା

ନାଉଗାଁ,୩୧ା୧(ସମିସ): ନାଉଗାଁ ବ୍ଲକର ତିରୁଣା ପଞ୍ଚାୟତ ବିଚିତ୍ରାନନ୍ଦ ଉପ୍ରା ବିଦ୍ୟାଳୟ ଦହିପାଳର ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସେଠୀଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଶିକ୍ଷକ ତ୍ରିଲୋଚନ ପାଢ଼ୀ ପରିଚାଳନା କରିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ପେଢ଼ାଗୋଳି ଜିଲ୍ଲା ସଂଯୋଜକ ତପନ ନନ୍ଦ, ମୁଖ୍ୟବକ୍ତା ଭାବେ ନାଉଗାଁର ପ୍ରାକ୍ତନ ଏବିଓ ବାମଦେବ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଡାଏଟର ପ୍ରଜ୍ଞାଦୀପ୍ତି ସାହୁ, ଶିକ୍ଷାବିତ ପଦ୍ମଚରଣ ଶାସମଲ, ଓସ୍ତାର ବ୍ଲକ ସଭାପତି ସୁକାନ୍ତ କୁମାର ଲେଙ୍କା, ଓସ୍ତାର ବ୍ଲକ ସମ୍ପାଦକ ହିମାଂଶୁ ମହାନ୍ତି, ଗୋପାଳଜୀଉ ଉପ୍ରା ବିଦ୍ୟାଳୟ, ଗଜରାଜପୁରର ପ୍ରଧାନ ଶିକ୍ଷକ କୈଳାସ ପ୍ରଧାନ, ଶିକ୍ଷକ ବାବାଜୀ ସ୍ୱାଇଁ, ସିଆର୍‌ସିସ ସରୋଜିନୀ ସାହୁ, ସିଆର୍‌ସିସ ଅକ୍ଷୟ ରାଉତ, ପିତାମ୍ବର ପରିଡା, ଜିତେନ୍ଦ୍ର ସେଠୀ, ସୁକାନ୍ତ ଝଙ୍କାର, ମିଳିତ ଶିକ୍ଷକ ସଙ୍ଘ ସଭାପତି ଶାରଦା ପ୍ରସନ୍ନ ଓଝା, ଶିକ୍ଷକ ରାକେଶ ସେଠୀ, ଶିକ୍ଷକ ଗୋକୁଳାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରୀତିରଞ୍ଜନ ଜେନା କୃତଜ୍ଞତା ପ୍ରଦାନ କରିଥିଲେ ।

## ଶାଳିଜଙ୍ଗା ସାଇନାଥଙ୍କ ବାର୍ଷିକୋତ୍ସବ

ରଘୁନାଥପୁର,୩୧ା୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଁଅରା ପଞ୍ଚାୟତରେ ଶାଳିଜଙ୍ଗା ସାଇସେବା ଟ୍ରଷ୍ଟ ପକ୍ଷରୁ ସାଇନାଥଙ୍କ ନବମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିରରେ ଜନଗହଳି ଲାଗିରହିବା ସହ ରାତିରେ ଜଜ୍ଞ ପୂର୍ଣ୍ଣାହୁତି ହୋଇଥିଲା । ଏହି ଉପଲକ୍ଷେ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ରାମାୟଣି ପଣ୍ଡିତ ଅଭୟ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ସହିତ ଶୈଳେନ୍ଦ୍ର ନାୟକ, ତୁଷାରକାନ୍ତ ରାଉତରାୟ ଓ ଶିବନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ଓ କୋଷାଧ୍ୟକ୍ଷ ପାର୍ଥସଖା ପାଲଟା ସିଂ, ବ୍ଲକ ପୂର୍ବତନ ଅଧକ୍ଷ ରଜତ କୁମାର ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଡେଜାଲିନ ମହାପାତ୍ର, ବିଶ୍ୱଓଡିଆ ସଂଗଠନର ସଭାପତି ସୁରେନ୍ଦ୍ରନାଥ ମହାପାତ୍ର, ସରପଞ୍ଚ ବଟକୃଷ୍ଣ ନାୟକ, ଜ୍ଞାନେନ୍ଦ୍ର ମହାପାତ୍ର, ପବିତ୍ର ମିଶ୍ର, ବିଶ୍ୱନାଥ ପାଳ ଯୋଗଦେଇଥିଲେ । ଶେଷରେ ଭଜନ ସନ୍ଧ୍ୟା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଗୋଦାବରୀଶ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଗୋବିନ୍ଦପୁର,୩୧ା୧(ସମିସ): ଗୋଦାବରୀଶ ନୋଡାଲ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଘଡାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ ବେହୁରା, ମୁଖ୍ୟବକ୍ତା ପ୍ରଧାନଶିକ୍ଷକ ଦେବରାଜ ନାୟକ, ସଂଯୋଜକ ସୁନୀଲ ସାହୁ, ଗୋବିନ୍ଦପୁର ସରପଞ୍ଚ ସୀମାରଣୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଆଳି ତହସିଲଦାର ସୁମନ ଘୋଷ, ମୁଖ୍ୟବକ୍ତା ଡ. ବିମଳ ସ୍ୱାଇଁ, ସମ୍ମାନିତ ଅତିଥି ବିଇଓ ସଞ୍ଜୀବ ବେହୁରା, ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ ରତିକାନ୍ତ ସେନାପତି, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଜଗଦୀଶ ଧଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଜୟ ସେଠୀ, ଶୁଭେନ୍ଦୁ ନାୟକ, ଦେବକୀ ସାହୁ କାର୍ଯ୍ୟକ୍ରମ ଓ ବିଦ୍ୟାଳୟ ଶିକ୍ଷକ ଶୁଭେନ୍ଦୁ ନାୟକ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ସଞ୍ଜୟ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର,୩୧ା୧(ସମିସ): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲୁଥିବା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରେ ଆଗକୁ ଯାଇ ଜିଲ୍ଲା ତଥା ଦେଶ ମାଟିକୁ ଗର୍ବିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇଥିଲେ । ପରେ ଅତିଥି ମାନେ ବିଭିନ୍ନ ପାଭିଲିଅନ ପ୍ରଦର୍ଶନ କରିଥିଲେ । ଆକାଂକ୍ଷୀ ମେଳା ଇନସ୍ପାଇଁ ଓଡ଼ିଶା, ଆକାଂକ୍ଷୀ ଛାତ୍ର ପରିଷଦ ଦି ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା ଆଦି ଶତାଧିକ ପ୍ରଦର୍ଶନୀ ମଧ୍ୟରୁ ୧୭ଟି ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା । କାର୍ଯ୍ୟକ୍ରମରେ ୧୦ଟି ପିଏମ୍‌ଶ୍ରୀ ବିଦ୍ୟାଳୟ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟାନ୍ୟ ବିଦ୍ୟାଳୟର ସହସ୍ରାଧିକ ଛାତ୍ର ଛାତ୍ରୀ

ଓ ଶିକ୍ଷକମାନେ ପାଭିଲିଅନ ମାନ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ପଦରାଜ ଉମାକାନ୍ତ ନାୟକ, ଚନ୍ଦ୍ରଜିତ ପରିଜା ଏବଂ ପ୍ରଧାନ ଶିକ୍ଷକ ପରିଚାଳନା କରିଥିବା ବେଳେ ସମଗ୍ର ଶିକ୍ଷା ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ କର୍ମଚାରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆଦି ସହଯୋଗ କରିଥିଲେ । ସେହିପରି ଦ୍ୱିତୀୟ ଦିବସର ତୃତୀୟପର୍ଯ୍ୟାୟରେ ୮ଟି ପିଏମଶ୍ରୀ ବିଦ୍ୟାଳୟର ୫୬ ଜଣ ପିଲାଙ୍କ ମଧ୍ୟରେ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ର ପାଲଟିଥିଲା । ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଏବଂ ଅଧ୍ୟାପକ ମନୋଜ ମିଶ୍ର ବିଚାରକ ଭାବରେ ଯୋଗ ଦେଇ ୨ ଜଣ ଛାତ୍ରୀଙ୍କୁ ରାଜ୍ୟସ୍ତରର କାର୍ଯ୍ୟକ୍ରମ ପାଇଁ ମନୋନୀତ କରିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀମ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସମଗ୍ର ଶିକ୍ଷାର ପିଓ ଚନ୍ଦ୍ରଜିତ ପରିଜା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସାମ୍ୟବାଦୀ କୃଷକ ନେତାଙ୍କ ପରଲୋକ

କୁଜଙ୍ଗ, ୩୧ା୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ସାଙ୍ଗିତଳି ଗ୍ରାମର ଗଜେନ୍ଦ୍ର ସାମଲ(୮୪)ଙ୍କ ପରଲୋକ ହୋଇଯାଇଛି । ସେ ଗତ କିଛି ଦିନ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ପବିତ୍ର ସାମଲ, ବହୁଚେତନା ସାମଲ, କନ୍ୟା ପ୍ରିୟତମା, ଜ୍ୱାଇଁ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା । ରାମଚଣ୍ଡି କୃଷକ ସଂଘ ଓ କନ୍ଧା ଚାଷ ଆନ୍ଦୋଳନ ସହ ଜଡ଼ିତ ଥିଲେ ସେ । ସାମ୍ୟବାଦୀ ନେତା ବାବୁରାମ ଚୌଧୁରୀ, କବି କ୍ଷେତ୍ରବାସୀ ଜେନା, ପବିତ୍ର ମହାନ୍ତି, କଥାଶ୍ରୀ ବିଚିତ୍ରାନନ୍ଦ ବିଶ୍ୱାଳ, ସଚ୍ଚିଦାନନ୍ଦ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅର୍ଜୁନ ଖଟୁଆ ପ୍ରମୁଖ ବହୁ ମାନ୍ୟଗଣ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ଏକ ମାତ୍ର ପୁତ୍ର ପବିତ୍ର ମୁଖଗ୍ନୀ ଦେଇଥିଲେ ।

## ଟାଟାପାୱାର ମନମାନିର ଅଭିନବ ପ୍ରତିବାଦ

# ନବଦମ୍ପତିଙ୍କୁ ଲଣ୍ଠନ ଉପହାର

ଜଗତସିଂହପୁର,୩୧ା୧(ସମିସ): ଟାଟା ପାୱାରର ମନମାନୀ ଏଏସ୍‌ଡି, ସ୍ମାର୍ଟମିଟର ଓ ବିଜେପି ସରକାରର ୩୦୦ ୟୁନିଟ୍ ମାଗଣା ବିଜୁଳି ମିଛ ପ୍ରତିଶ୍ରୁତିର ଅଭିନବ ଢଙ୍ଗରେ ପ୍ରତିବାଦ କରିଛି ଯୁବ ଓ ଛାତ୍ର କଂଗ୍ରେସ । ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଠାରେ ଅନୁଷ୍ଠିତ ଏକ ବିବାହ ଭୋଜିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ନବଦମ୍ପତିଙ୍କୁ ଏକ ଲଣ୍ଠନ ଉପହାର ଦେଇଛନ୍ତି । ‘୩୦୦ ୟୁନିଟ୍ ମାଗଣା, ଏ ମିଛ ପ୍ରତିଶ୍ରୁତି ଜୁମଲାବାଜ ବିଜେପି ସରକାରର ମନମାନି, ଟାଟା ପାୱାରର ଚଡ଼କ, ବିଦ୍ୟୁତ

ବିଲର ଲୁଟ୍, ସ୍ମାର୍ଟ ମିଟରର ସଭିଙ୍କ ମୁହଁରେ ଶକ୍ତ ଚାପୁଡ଼ା, ଆମ ଦେଶୀ ଲଣ୍ଠନରା” ଲେଖା ଥିବା ଏକ ବ୍ୟାନର ପ୍ରଦର୍ଶନ କରିଥିଲେ । ଜଗତସିଂହପୁର ଜିଲ୍ଲା କଂଗ୍ରେସ କିମିଟି ସଭାପତି ଦେବପ୍ରସାଦ ନାୟକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ୍, ଶୁଭ ନାରାୟଣ ନାୟକ, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ସୁଶୀଲ କୁମାର ଦାଶ, ରାକେଶ ସ୍ୱାଇଁ, ସୌମ୍ୟରଞ୍ଜନ ସାହୁ, ପ୍ୟାରେଶ ପାତ୍ର, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

# ନାଟକରୁ ସିନେମା
# କାନ୍ଦ ମାଷ୍ଟ୍ରେ

ଓଡ଼ିଆ ସଂସ୍କୃତି, ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ସାରା ବିଶ୍ୱରେ ଅଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟ ବେଳେ ବାପା,ମା, ବନ୍ଧୁବାନ୍ଧବଙ୍କୁ ଧରି କାନ୍ଦି ଉଠନ୍ତି । ଏହି ପରମ୍ପରା ଧୀରେ ଧୀରେ ନବେ ଦଶକରୁ ଏକପ୍ରକାର ଲୋପ ପାଇ ବସିଲାଣି । ଏବେ ଏହି ପରମ୍ପରା ସେତେ ବେଶି ଆଉ ଦେଖିବାକୁ ମିଳୁ ନାହିଁ । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ରରେ ଚିତ୍ରଣ କରାଯାଉଛି । ଏହାର ପ୍ରଯୋଜନା ଭାର 'ବିଶ୍ୱଜିତ ଇତିଶ୍ରୀ ସିନେମା' ନେଇ ଥିବାବେଳେ ପ୍ରଯୋଜକ ଅଛନ୍ତି ବିଶ୍ୱଜିତ ପଣ୍ଡା । ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକ 'କାନ୍ଦ ମାଷ୍ଟ୍ରେ'କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଉଛି । କାହାଣୀ ଓ ସଂଳାପ ଜାକିର ଖାନ୍ ରଚନା କରିଥିବାବେଳେ ଚିତ୍ରନାଟ୍ୟରେ ମଧ୍ୟ ଜାକିର ଓ ବିଶ୍ୱଜିତ ଅଛନ୍ତି । ନିର୍ଦ୍ଦେଶନାରେ ବିଶ୍ୱଜିତ ପଣ୍ଡା ଅଛନ୍ତି । ସିନେମାର ମୁଖ୍ୟ ଚରିତ୍ରରେ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ଅଛନ୍ତି । ସିନେମାର ଚିତ୍ରୋତ୍ତଳନ ସ୍ୱର୍ଣ୍ଣ ପ୍ରସାଦ କରିଥିବାବେଳେ, ସଙ୍ଗୀତରେ ବିକାଶ ଦାସ ଓ ଶାନ୍ତନୁ ନାୟକ ଅଛନ୍ତି । ଏଥିରେ ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । ସିନେମାଟି ଫେବୃଆରୀରେ ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କହୁଯାଇଛି ।

# ପ୍ରେକ୍ଷାଳୟରେ ପରୀ

ଜାନୁଆରୀ ୩୦ ତାରିଖରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପରୀ' । ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନା ବଢ଼ିବାରେ ଲାଗିଛି । 'ପରୀ' ଏକ ନିରୀହ, କୋମଳ ଫୁଲ କଢ଼ି । ତାକୁ ନେଇ ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର । ମାତ୍ର ଅକାଳରେ ସେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ । ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକାତର କାହାଣୀ ଉପରେ ଏହି ସିନେମାର କାହାଣୀ ଗତିଶୀଳ । ଏହାର କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହା ସଂଳାପ ଡଃ ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦ ପରିଡ଼ାଙ୍କ ଗୀତରେ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ତ୍ରିପତି କୁମାର ସାହୁ | କୋରିଓଗ୍ରାଫର୍ ଏସ୍. କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ସିନେମାରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଲ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି ।

# ଆସୁଛି 'ରୁଦ୍ରାଭିଷେକ'

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ରୁଦ୍ରାଭିଷେକ' । ଜୁମ୍ ମହାପାତ୍ର ସିନେ ପ୍ରଡକ୍ସନ୍ ଏବଂ ଏସ୍ ପିକଚର୍ସ ସହ ମିଶି ଏହି ସିନେମାଟି ନିର୍ମାଣ କରୁଛି । ସିନେମାର ମୁଖ୍ୟ ଚରିତ୍ରରେ ସାନୁ ଓ ପୁନମ୍ ଅଛନ୍ତି । ଏଥିରେ ନବାଗତ କଳାକାର ଭାବେ ରିକି ଏବଂ ରେଖାଙ୍କୁ ପରିଚିତ କରାଯାଇଛି । ତା'ସହ ବିଷ୍ଣୁ ମୋହନ କବିଙ୍କୁ ମଧ୍ୟ । ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ସୁଧାକର ବସନ୍ତ ଅଛନ୍ତି । ସିନେମାର ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ । ତେବେ ସିନେମାଟିରେ ସଙ୍ଗୀତ ଦେଇଛନ୍ତି ସ୍ୱର୍ଗତ ଅଭିଜିତ୍ ମଜୁମଦାର ।

# ଶୀଘ୍ର ଆସୁଛି ଓଡ଼ିଆ ଗୀତ ଅପେକ୍ଷା

ଓଡ଼ିଆ ସିନେମା ପ୍ରେମୀଙ୍କ ପାଇଁ ଏକ ନୂଆ ଆକର୍ଷଣ ନେଇ ଆସୁଛି ଚଳଚ୍ଚିତ୍ର 'ଅପେକ୍ଷା' । ଆକାଂକ୍ଷା, ବିଶ୍ୱାସଘାତ ଓ ଅପୂରଣୀୟ ସ୍ୱପ୍ନର ଭାବଗଭୀର କାହାଣୀକୁ ନେଇ ଗଢ଼ା ଏହି ଫିଲ୍ମର ସଂଗୀତ ପୂର୍ବରୁ ଦର୍ଶକଙ୍କ ମନକୁ ଛୁଇଁବା ଆରମ୍ଭ କରିଛି । ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶଙ୍କ ସୁମଧୁର ସଂଗୀତରେ ହ୍ୟୁମାନ ସାଗରଙ୍କ କଣ୍ଠଦାନ ଦର୍ଶକଙ୍କୁ ଭାବନାର ସାଗରରେ ଭସାଇ ନେଉଛି । ଅସୀମା ପଣ୍ଡା, ଚିରାଗ, ଇସ୍ମିତା ସାହୁ ଓ ଉମାକାନ୍ତ ବାରିକଙ୍କ କଣ୍ଠ ସ୍ୱର ଫିଲ୍ମର ସଙ୍ଗୀତକୁ ଅଧିକ ରଙ୍ଗୀନ କରିଛି । ଉମାକାନ୍ତ ବାରିକ ଓ ଇସ୍ମିତା ସାହୁଙ୍କ ଆଇଟମ୍ ସଂଗୀତ ଯୁବପିଢ଼ି ମଧ୍ୟରେ ବେଶ୍ ଲୋକପ୍ରିୟ ହେଉଥିବାବେଳେ ଚିରାଗଙ୍କ କଣ୍ଠରେ ଶୀର୍ଷକ ସଂଗୀତ 'ଅପେକ୍ଷା' ହୃଦୟସ୍ପର୍ଶୀ ହୋଇଛି । ଡ. କେ. ତମନ୍ନାଙ୍କ ପ୍ରଯୋଜନା ଓ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସାର୍ଥକ, ଶୁଭାଙ୍ଗୀ, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଚୌଧୁରୀ ବିକାଶ ଦାସ, ସୌମ୍ୟ, ବନ୍ଦନା, ଅଲିଭା, ଐଶ୍ୱର୍ଯ୍ୟା, ଟୁନା ଟ'ନ ଟ'ନ, ପ୍ରଦୀପ ଦେବତା ଓ ଗୁଡ୍ଡୁ ମୁଖ୍ୟ ଭୂମିକାରେ ନଜର ଆସିବେ । ଗ୍ରାମ୍ୟ ପୃଷ୍ଠଭୂମିରେ ଏକ ଯୁବକଙ୍କ ସିନେ ନାୟକ ହେବାର ସ୍ୱପ୍ନ ଓ ଏକ ଯୁବତୀଙ୍କ ତାରକା ହେବାର ଆକାଂକ୍ଷା-ଯେଉଁଥିରେ ଲୁଚିଥାଏ ଫିଲ୍ମ ଜଗତର ଅନ୍ଧାର ସତ୍ୟ । ବିଶ୍ୱାସଘାତ ଓ ଅନ୍ୟାୟର ଶିକାର ହୋଇ ଯୁବତୀର ଆତ୍ମା ନ୍ୟାୟ ପାଇଁ ଫେରି ଆସେ । ଏହି ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଆକର୍ଷିତ କରିବ । 'ଅପେକ୍ଷା' ଆସନ୍ତା ଫେବୃଆରୀ ୬ରେ ରାଜ୍ୟର ବିଭିନ୍ନ ସିନେମା ହଲ୍‌ରେ ମୁକ୍ତିଲାଭ କରିବ ।

## ସାକ୍ଷାତକାର

### ରିଲିଜ୍ ହେବାକୁ ଥିବା 'ଅପେକ୍ଷା' ସମାଜକୁ କ'ଣ ବାର୍ତ୍ତା ଦେବ?

- 'ଅପେକ୍ଷା' ସିନେମାଟି ବିଶେଷ କରି ଯୁବପିଢ଼ିଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ । ଏଥିରେ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସୁଛି । ଯେଉଁଠି ମୋର ବାପା ଓ ମା' ପୁଅକୁ ନେଇ କିଛି ଅଲଗା କଥା ଚିନ୍ତା କରିଛନ୍ତି । ହେଲେ ମୋର ଅନ୍ୟ କିଛି ସ୍ୱପ୍ନ ରହିଛି । ନିଜର ସ୍ୱପ୍ନକୁ ପୂରା କରିବାକୁ ମୋତେ କେତେ କଷ୍ଟ କରିବାକୁ ପଡୁଛି ଆଉ ଶେଷରେ ସଫଳ ହେଉଛି କି ନାହିଁ ତାହା ଏହି ସିନେମାରେ ଦେଖିବାକୁ ମିଳିବ । 'ଅପେକ୍ଷା' ସିନେମାଟି ଚଳିତ ଫେବୃୟାରୀ ୬ ତାରିଖରେ ରିଲିଜ୍ ହେବ । ଏଥିରେ ମୋ ବିପକ୍ଷରେ ଅଛନ୍ତି ଶୁଭାଙ୍ଗୀ ।

### ଫିଟ୍ ରହିବାର ଫର୍ମୁଲା?

- ସୁଟିଂ ନଥିଲେ ସକାଳୁ ବ୍ୟାୟାମ କରେ । ସାଧାସିଧା ଘରୋଇ ଖାଦ୍ୟ ଖାଏ ।

### ଅଭିନେତା ହେବାକୁ କେତେ ସଂଘର୍ଷ କରିଛନ୍ତି?

- ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି । ଏବେ ବି ସଂଘର୍ଷ ଜାରି ରହିଛି । କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ ।

### ଡ୍ରିମ୍ ରୋଲ୍?

- ଗୋଟେ ଭଲ ଚରିତ୍ରକୁ ନିଖୁଣ ଭାବେ ନିଭାଇବା ମୋର ସ୍ୱପ୍ନ । ତେଣୁ ପ୍ରତ୍ୟେକ ଚରିତ୍ର ହିଁ ମୋ ପାଇଁ ଡ୍ରିମ୍ ରୋଲ୍ । ପ୍ରତ୍ୟେକ ଚରିତ୍ର ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିବା ମୋର ପ୍ରଥମ ଲକ୍ଷ୍ୟ ।

### ଆଗାମୀ ଯୋଜନା?

- ଆଗକୁ ଦର୍ଶକ ମୋତେ 'ମୋହନଗିରି'ରେ ଦେଖିବାକୁ ପାଇବେ । ଏଥିରେ ପୁନଃଜନ୍ମ କଥା ଦେଖିବାକୁ ମିଳିବ ।

### କଳାକାର ହେବାକୁ ମନ ବଳାଉଥିବା ପିଲାଙ୍କୁ କ'ଣ କହିବେ?

- ଯଦି କିଛି ସ୍ୱପ୍ନ ଦେଖୁଛନ୍ତି ଆଉ ନିଜ ଉପରେ ସେତିକି ଭରସା ରହିଛି, ତେବେ ସ୍ୱପ୍ନ ନିଶ୍ଚୟ ଦିନେ ପୂରଣ ହେବ । ତା' ସହିତ କର୍ମ ପ୍ରତି ସେତିକି ଦୃଢ଼ତା ରହିଥିବା ଦରକାର । ଏ ଲାଇନ୍‌କୁ ଆସୁଥିଲେ କାମ କରିବା ମନୋଭାବ ନେଇ ଆସନ୍ତୁ । ଧୈର୍ଯ୍ୟ ରଖି କାମ କରନ୍ତୁ ।

### ଅଭିନେତା ହେବାକୁ କାହିଁକି ମନ ବଳାଇଲେ?

- ଏକ ସାଧାରଣ ପରିବାରରେ ମୋର ଜନ୍ମ । ମୋ ବାପା ଜଣେ କୃଷକ । ମା' ଜଣେ ସୁଗୃହିଣୀ । ସ୍କୁଲ, କଲେଜରେ ପଢ଼ିବା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରୁଥିଲି । ହେଲେ ଅଭିନେତା ହେବି ବୋଲି ଚିନ୍ତା କରିନଥିଲି । ଇଞ୍ଜିନିୟରିଂ ପାଠ ପଢୁଥିଲି । ଇଞ୍ଜିନିୟର ହୋଇଥାନ୍ତି । କିନ୍ତୁ ପଢ଼ା ସରିଲା ପରେ ମୋର ନିଷ୍ପତ୍ତି ବଦଳି ଯାଇଥିଲା । ସିନେମାରେ କାମ କରିବାକୁ ଇଚ୍ଛା କରି ବିଭିନ୍ନ ପ୍ରଡକ୍ସନ୍ ହାଉସ୍‌କୁ ଯାଉଥିଲି । ସିନେମା ନିର୍ମାତାଙ୍କୁ ଭେଟୁଥିଲି । ଅଡିସନ୍ ମଧ୍ୟ ବହୁତ ଦେଇଛି । କେ. ତମନ୍ନା ସାର୍ ମୋତେ ପ୍ରଥମେ ଏହି ଲାଇନ୍‌ରେ ଆଗକୁ ଯିବାକୁ ସୁଯୋଗ ଦେଇଥିଲେ । ଯଦିଓ ଏବେ ସୁଦ୍ଧା ମୁଁ ତିନିଟି ସିନେମାରେ କାମ କରିସାରିଛି ହେଲେ ତନ୍ମଧ୍ୟରୁ 'ଅପେକ୍ଷା' ସିନେମାଟି ପ୍ରଥମେ ରିଲିଜ୍ ହେବାକୁ ଯାଉଛି । ଆଶା କରୁଛି ଦର୍ଶକ ଏହି ସିନେମାକୁ ବହୁତ ସାରା ଭଲପାଇବା ଦେବେ ।

### କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?

- ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା । ସଂଳାପର ସାରମର୍ମକୁ ବୁଝିଲି । ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହେଉଥିଲା । ସିନେମା ନିର୍ମାତା ଓ ନିର୍ଦ୍ଦେଶକ ଆନନ୍ଦ କୁମାର ବହୁତ ଭଲ ଭାବେ ମୋତେ ବୁଝାଉଥିଲେ । ସକାଳେ ସୁଟିଂ ହେଉଥିଲେ ବି ସନ୍ଧ୍ୟାରେ ନିର୍ଦ୍ଦେଶକ ମୋତେ ପ୍ରସ୍ତୁତ କରୁଥିଲେ । ଏହାଦ୍ୱାରା ଅଭିନୟ ଜୀବନ୍ତ କରିବାକୁ ମୁଁ ଚାହିଁଥିଲି ।

> "ପ୍ରତ୍ୟେକ ଚରିତ୍ର ମୋ ପାଇଁ ଡ୍ରିମ୍ ରୋଲ୍"
>
> **ସାର୍ଥକ**, ଅଭିନେତା

"କପାଳ ଲିଖନ କେ କରିବ ଆନ" - ଭାଗ୍ୟରେ ଯାହା ଲେଖା ଥାଏ ତାକୁ କେହି ବି ବଦଳାଇ ପାରନ୍ତିନି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଯାଜପୁର ଜିଲ୍ଲା ଅନ୍ତର୍ଗତ ନାରୀଗାଁ'ର ସାର୍ଥକ । ଇଞ୍ଜିନିୟରିଂ ପାଠ ପଢୁ ଥିଲେ । ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇଥାନ୍ତେ । ହେଲେ କେଜାଣି କେମିତି ସେ ଟାଣି ହୋଇ ଆସିଲେ ଅଭିନୟ ଜଗତକୁ । ଅଡିସନ୍ ମାଧ୍ୟମରେ ପ୍ରଥମ କରି ସେ ସିନେମାରୁ କାମ ଆରମ୍ଭ କଲେ । ଏବେ ସୁଦ୍ଧା ପ୍ରାୟ ତିନିଟି ସିନେମାରେ ଅଭିନୟ କରିଛନ୍ତି । ହେଲେ ସିନେମାଗୁଡ଼ିକ ରିଲିଜ୍ ହୋଇ ନାହିଁ । ତେବେ ଖୁବ୍ ଶୀଘ୍ର ସାର୍ଥକଙ୍କ ଅଭିନୀତ 'ଅପେକ୍ଷା' ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସାର୍ଥକ । ଅନେକ ଆଶା ଆଉ ଉଦ୍ଦୀପନା ନେଇ ଅଭିନୟ ଜଗତକୁ ଆସିଥିବା ସାର୍ଥକଙ୍କ ଆଗାମୀ ଯୋଜନା କ'ଣ ରହିଛି ଜାଣିବା ତାଙ୍କ ମୁହଁରୁ ।

# ଟ୍ରେଲରରେ ରେକର୍ଡ



ମେଣ୍ଟିସ୍ ଫିଲ୍ମର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମୁରବି' ଓଡ଼ିଆ ନୂଆବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ଏପ୍ରିଲ୍ ୧୪ ତାରିଖରେ ମୁକ୍ତିଲାଭ କରିବ । ତେବେ ଏହାର ଟ୍ରେଲର ରିଲିଜ୍ ହୋଇସାରିଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ତେବେ ଏହି ଟ୍ରେଲର ଓଡ଼ିଆ ସିନେମାରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ମାତ୍ର ତିନି ଦିନରେ ଏହାର ଟ୍ରେଲରକୁ ଦଶ ଲକ୍ଷ ଲୋକଙ୍କ ଭଲପାଇବା ମିଳିଛି । ଅର୍ଥାତ୍ ଏହାର ଟ୍ରେଲରକୁ ଦଶ ଲକ୍ଷ ଦର୍ଶକେ ଦେଖିଛନ୍ତି । ଦୁଇ ପରିବାରର ବିପରୀତଧର୍ମୀ କାହାଣୀକୁ ନେଇ ସିନେମାଟି ଗତିଶୀଳ । ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ କୁନା ତ୍ରିପାଠୀଙ୍କ ଦମ୍‌ଦାର ଅଭିନୟ ଏଥିରେ ଦେଖିବାକୁ ମିଳିବ । ଅନ୍ୟପଟେ ଅନ୍ୟ ସିନେମା ଭଳି ଏଥିରେ କୌଣସି ନାୟକ ତଥା ନାୟିକା ନାହାନ୍ତି । ହେଲେ ସିନେମାଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ଓଡ଼ିଆ ଘରର ନିଛକ କାହାଣୀ ଏଥିରେ ଦେଖିବାକୁ ମିଳିବ ।

## ପରଦା ପଛର କାହାଣୀ

# ଭୀଷଣ ଗରମରେ ଖାଲିପାଦରେ ଗୀତ ସୁଟିଂ

ନିଜ ଅଭିନୟ ଜୀବନରେ ବଲିଉଡ୍‌ର ଡ୍ରିମ୍‌ଗର୍ଲ ହେମା ମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ 'ଶୋଲେ' ଅନ୍ୟତମ । ଏହି ଆଇକନିକ୍ ଫିଲ୍ମ ସୁପରହିଟ୍ ହେବା ସହ ବକ୍ସ ଅଫିସ୍‌ରେ ବର୍ଷ ବର୍ଷ ଧରି ରାଜ୍ କରିଥିଲା । ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି । ଏହି ପରିପ୍ରେକ୍ଷୀରେ ହେମା ମାଳିନୀ ଫିଲ୍ମର ଏକ ଆଇକନିକ୍ ଗୀତ 'ଜୈବ୍ ତକ୍ ହୈ ଜାନ୍...' ସୁଟିଂର କିଛି ଅଭୁଲା ଅନୁଭୂତି ପ୍ରକାଶ କରିଛନ୍ତି । ଡହ ଡହ ଖରାରେ ଖାଲି ପାଦରେ ପଥର ଉପରେ ନାଚିବା ତାଙ୍କ ଜୀବନର କଷ୍ଟକର ଅନୁଭୂତି ମଧ୍ୟରୁ ଅନ୍ୟତମ ବୋଲି ସେ କହିଛନ୍ତି । ତାଙ୍କର ଏଭଳି ଅବସ୍ଥା ଦେଖି ତାଙ୍କ ମାଆ ମଧ୍ୟ ଚିନ୍ତିତ ହୋଇପଡ଼ିଥିଲେ । ବାଲି, ଗୋଡ଼ି, ପଥର ଆଦି ଏତେ ଗରମ ଥିଲା ଯେ, ତା ଉପରେ ଖାଲିପାଦରେ ଚାଲିବା ଖୁବ୍ ଯନ୍ତ୍ରଣାଦାୟକ ଥିଲା । ପାଦର ଯନ୍ତ୍ରଣା କମ୍ କରିବା ପାଇଁ ପାଦ ତଳେ ଏକ ପତଳା ସୋଲ ରଖିବାକୁ ତାଙ୍କ ମାଆ ହେମାଙ୍କୁ ପରାମର୍ଶ ଦେଇଥିଲେ । ତେବେ ଏହି ଉପାୟ ମଧ୍ୟ ଦୀର୍ଘ ସମୟ କାର୍ଯ୍ୟ କରି ନ ଥିଲା । ନିର୍ଦ୍ଦେଶକ ରମେଶ ସିପି ଏହାକୁ ଦେଖି ବିରକ୍ତ ହୋଇ କହିଥିଲେ- "ନୃତ୍ୟ କରିବା ସମୟରେ ଏହି ସୋଲ୍ ସ୍କ୍ରିନ୍‌ରେ ଦେଖାଯିବ । ଏହା ପରଦାରେ ଦେଖିବାକୁ ଭଲ ଲାଗିବନି ।" ତେଣୁ ତୁରନ୍ତ ପାଦରୁ ସୋଲ୍ କାଢ଼ିବାକୁ ସେ କହିଥିଲେ । ରମେଶଙ୍କୁ ବୁଝାଇବାକୁ ହେମାମାଳିନୀ ପ୍ରୟାସ କରିଥିଲେ । ଏହି ଗୀତକୁ ନଭେମ୍ବର କିମ୍ବା ଡିସେମ୍ବର ମାସରେ ସୁଟ୍ କରିବାକୁ କହିଥିଲେ । ତେବେ ହେମାଙ୍କ କଥା ରମେଶ ଶୁଣି ନଥିଲେ । ସେ ମଇ ମାସରେ ହିଁ ଏହି ନୃତ୍ୟ ଭିଡିଓ ସୁଟ୍ କରିବା ପାଇଁ ଅଡି ବସିଥିଲେ । ସୁଟିଂ ପରେ ହେମା ମାଳିନୀ ପାଦରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ । ତେଣୁ ସୁଟିଂ ପରେ ସେ ଥଣ୍ଡା ପାଣି ଏବଂ ଓଦା ଟାଓ୍ୱେଲରେ ପାଦ ରଖୁଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଗୀତ ପାଇଁ ହେମା କୌଣସି ପ୍ରକାର ଅଭ୍ୟାସ ମଧ୍ୟ କରି ନଥିଲେ । ଏଥିରେ ଅଧିକରୁ ଅଧିକ ଅଭିନୟ ଦୃଶ୍ୟ ଥିଲା । ପାଦରେ ଯନ୍ତ୍ରଣା ସତ୍ତ୍ୱେ ସେ ଏହାକୁ ସୁଟ୍ କରିଥିଲେ । ଏହା 'ଶୋଲେ' ଫିଲ୍ମ ସୁଟିଂ ସମୟର ସବୁଠୁ ସ୍ମରଣୀୟ ସ୍ମୃତି ହୋଇ ରହିଛି ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

**ଇଶାନ ଓ ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଅର୍ଶଦୀପ ଓ ଅକ୍ଷରଙ୍କ ସୁନ୍ଦର ବୋଲିଂ**

# ଭାରତ ୪-୧ରେ ଜିତିଲା ଟି-୨୦ ସିରିଜ୍

**ତିରୁଅନନ୍ତପୁରମ,୩୧।୧(ଏଜେନ୍ସି):** ଇଶାନ କିଶାନ-ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଅର୍ଶଦୀପ ସିଂହ -ଅକ୍ଷର ପଟେଲଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୪୬ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଭାରତ ୪-୧ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଇଶାନ କିଶାନ ୪୩ବଲ୍‌ରୁ ୧୦୩ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ସୂର୍ଯ୍ୟକୁମାରଙ୍କୁ ସିରିଜର ଶ୍ରେଷ୍ଠ ପୁରସ୍କାର ମିଳିଛି। କିଶାନଙ୍କ ଶତକ, ସୂର୍ଯ୍ୟକୁମାର ଯାଦବଙ୍କ ୩୦ ବଲ୍‌ରୁ ୬୩, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୧୭ ବଲ୍‌ରୁ ୪୨ ରନ୍ ମିଳିବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଫିନ୍ ଆଲେନ (୩୮ ବଲ୍‌ରେ ୮୦ ରନ୍, ୮ଚୌକା, ୬ଛକା)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୨୨୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଇସ୍ ସୋଧି୧୫ବଲ୍‌ରୁ ୩୩ ଓ ରାଚିନ ରବୀନ୍ଦ୍ର ୧୭ ବଲ୍‌ରୁ ୩୦ ରନ୍‌ର ସହାୟତା ଦେଇଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ଦଳୀୟ ସ୍କୋର ୧୧୭ ରନ୍‌ରେ ଫିନ୍ ଆଲେନଙ୍କୁ ଅକ୍ଷର ପଟେଲ ଆଉଟ କରିବା ପରେ ନ୍ୟୁଜିଲାଣ୍ଡର ରନ ରେଟ୍ ବିଗିଡି ଯାଇଥିଲା। ସେ ମଧ୍ୟ ଅନ୍ୟ ବିପଜ୍ଜନକ ଗ୍ଲେନ୍ ଫିଲିପ୍ସଙ୍କୁ ଆଉଟ କରିଥିଲେ। ଏହି ସମୟରେ ଦ୍ୱିତୀୟ ସ୍ପେଲ ବୋଲିଂ କରିବାକୁ ଆସି ଅର୍ଶଦୀପ ଗୋଟିଏ ଓଭରରେ ୨ଟି ୱିକେଟ ନେଇ ଭାରତର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ସେ କିନ୍ତୁ ୪ ଓଭରରେ ୫୧ ରନ୍ ଦେଇ ସର୍ବାଧିକ ୫ଟି ଓ ଅକ୍ଷର ପଟେଲ ୩୩ ରନ୍‌ରେ ୩ଟି ୱିକେଟ ନେବା ଫଳରେ ଭାରତର ବିଜୟ ସହଜ ହୋଇଯାଇଥିଲା। ଏହି ସିରିଜ୍ ପରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପରେ ଉଭୟ ଦଳ ଅଂଶଗ୍ରହଣ କରିବେ। ଆସନ୍ତା ୩ରେ ଭାରତୀୟ ଦଳ ମୁମ୍ବଇରେ ଏକତ୍ର ହେବେ ଓ ୪ରେ ଦକ୍ଷିଣ ଆଫ୍ରିକା ସହ ବିଶ୍ୱକପ୍ ୱାର୍ମ ଅପ୍ ମ୍ୟାଚ୍ ଖେଳିବ।

ମ୍ୟାନ ଅଫ୍ ଦି ସିରିଜ୍ ସୂର୍ଯ୍ୟକୁମାର ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଇଶାନ

ଅର୍ଶଦୀପ ସିଂହ: ୪-୦-୫୧-୫

**ଭାରତର ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୫ମ ଓଭର ସୁଦ୍ଧା ୪୮ ରନ୍‌ରେ ଦୁଇ ଓପନର ଅଭିଷେକ (୩୦) ଓ ସଞ୍ଜୁ ସାମସନ (୬)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ଇଶାନ କିସାନ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ୱିକେଟରେ ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ଏକ ବିଶାଳ ସ୍କୋର ଦେଇଥିଲେ। ଇଶାନ ମାତ୍ର ୨୮ ବଲ୍‌ରେ ୫୦ ଓ ୪୨ ବଲ୍‌ରେ ୧୦୦ ରନ୍ ପୂରଣ କରିଥିଲେ। ସେ ୯୧ ରନ୍‌ରେ ଥିଲାବେଳେ କ୍ରମାଗତ ୨ଟି ଛକା ମାରି ଟି-୨୦ କ୍ୟାରିୟରରେ ପ୍ରଥମ ଶତକ ସହ ହଜାରେ (୧୦୧୧) ରନ୍ ପୂରଣ କରିଥିଲେ। ଏହାର ପରବର୍ତ୍ତୀ ବଲରେ ବା ୪୩ ବଲ୍‌ରୁ ୬ ଚୌକା ଓ ୧୦ ଛକା ସହ ୧୦୩ ରନ୍ କରିଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ୨୬ ବଲ୍‌ରେ ୨୪ତମ ଅର୍ଦ୍ଧଶତକ ପୂରଣ କରିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହ ୬୩ ରନ୍‌ରେ ଆଉଟ ହୋଇଥିଲେ। ଏତିକିରେ ଭାରତୀୟ ବ୍ୟାଟରଙ୍କ ରନ୍ ସଂଗ୍ରହ କମି ନ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଏଥିରେ ସାମିଲ ହୋଇ ମାତ୍ର ୧୭ ବଲ୍‌ରୁ ୧ ଚୌକା ଓ ୪ ଛକା ବଳରେ ୪୨ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ନ୍ୟୁଜିଲାଣ୍ଡ ବିପକ୍ଷରେ ରେକର୍ଡ ଟି-୨୦ ରନ୍ ସଂଗୃହୀତ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଲକି ଫର୍ଗୁସନ ସର୍ବାଧିକ ୨ଟି, ଜ୍ୟାକବ ଡଫି, କାଏଲ ଜାମିସନ ଓ ମିଚେଲ ସାଣ୍ଟନର ବ୍ୟୟବହୁଳ ସାବ୍ୟସ୍ତ ହେବା ସହ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ: ୨୭୧/୫, ୨୦ ଓଭର** (ଇଶାନ- ୧୦୩, ସୂର୍ଯ୍ୟକୁମାର- ୬୩, ପାଣ୍ଡ୍ୟା- ୪୨, ଅଭିଷେକ- ୩୦, ସାମସନ- ୬, ଫର୍ଗୁସନ- ୨/୪୧, ଡଫି- ୧/୫୩, ଜେମିନସନ- ୧/୫୯)।

**ନ୍ୟୁଜିଲାଣ୍ଡ- ୨୨୫/୧୦, ୧୯.୪ ଓଭର** (ଆଲେନ- ୮୦, ସୋଧୀ- ୩୩, ରବୀନ୍ଦ୍ର- ୩୦, ମିଚେଲ- ୨୬, ସେଫର୍ଟ- ୫, ଫିଲିପ୍ସ- ୭, ଅର୍ଶଦୀପ୍- ୫/୫୧, ଅକ୍ଷର- ୩/୩୩, ରିଙ୍କୁ- ୧/୭)

**ଅଷ୍ଟ୍ରେଲିଆନ୍ ଓପନ ଟେନିସ ମହିଳା ଫାଇନାଲ**

# ରିବାକିନା ଚାମ୍ପିଅନ



**ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି):** ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କାକୁ ହରାଇ କାଜାଖସ୍ତାନର ଏଲେନା ରିବାକିନା ଅଷ୍ଟ୍ରେଲିଆନ୍ ଓପନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲରେ ରିବାକିନା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇବା ସହ ଅଷ୍ଟ୍ରେଲିଆନ୍ ଓପନରେ ପ୍ରଥମ ଓ କ୍ୟାରିୟରରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ସହ ସେ ଏଠାରେ ଖେଳାଯାଇଥିବା ୨୦୨୩ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ସାବାଲେଙ୍କାଙ୍କଠାରୁ ପରାଜୟର ମଧୁର ପ୍ରତିଶୋଧ ନେବାରେ ସମର୍ଥ ହୋଇଛନ୍ତି। ୩ ବର୍ଷ ପୂର୍ବେ ସେ ଫାଇନାଲରେ ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ। କିନ୍ତୁ ସାବାଲେଙ୍କା ପରବର୍ତ୍ତୀ ୨ଟି ସେଟ୍ ଜିତି ଟାଇଟଲ ଜିତିନେଇଥିଲେ। ଅନ୍ୟପକ୍ଷରେ ବ୍ରିଟେନର କ୍ରିଷ୍ଟିଆନ ହ୍ୟାରିସନ ଓ ଆମେରିକାର ନିଲ ସ୍କୁପସ୍କିଙ୍କ ଯୋଡି ପୁରୁଷ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।

ଆସନ୍ତାକାଲି ପୁରୁଷ ବିଭାଗ ଏକକ ଫାଇନାଲ ମୁକାବିଲାରେ ବିଶ୍ୱର ନଂ-୧ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ରେକର୍ଡ କରିବାକୁ ଆଶାୟୀ ଥିବା ବିଶ୍ୱର ନଂ-୬ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ।

## ୟୁବି କ୍ରିକ୍ ଲିଗ୍‌ରେ ୧୦ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୩୧।୧ (ସମିସ):** ଭୁବନେଶ୍ୱର ଉପକଣ୍ଠ ଭଗବାନପୁରସ୍ଥିତ ୟୁବି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୟୁବି କ୍ରିକ୍ ପ୍ରିମିଅର ଲିଗ୍ ମାର୍ଚ୍ଚ ୨୫ରୁ ଆରମ୍ଭ ହେବ। ୧୦ ଓଭରବିଶିଷ୍ଟ ଏହି ଫ୍ରାଞ୍ଚାଇଜ୍‌ଭିତ୍ତିକ ଟେନିସ ବଲ୍ କ୍ରିକେଟ୍ ଲିଗ୍‌ର ସମସ୍ତ ମ୍ୟାଚ୍ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ ଆସୋସିଏସନ ପଡ଼ିଆରେ ଖେଳାଯିବ। ଏଥିରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୪ ଲକ୍ଷ ଓ ରନର୍ସଅପ୍ ଦଳକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲିଗ୍‌ର ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଆଗ୍ରହୀ ଖେଳାଳି ୫୯୯ ଟଙ୍କା ଦେଇ yubisports.comରେ ନାମ ରେଜିଷ୍ଟର କରିପାରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଏକାଡେମୀ ପକ୍ଷରୁ ମନ୍ଦାକିନୀ କର, ଶେଖ ଅବଦୁଲ, ଦେବ ପ୍ରସାଦ ଓ ଯୁଧିଷ୍ଠିର ମଲ୍ଲିକ ଉପସ୍ଥିତ ରହିଥିଲେ।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

## ଭାରତ-ପାକିସ୍ତାନ ମୁକାବିଲା ଆଜି

**ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି):** ଚଳିତ ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପର ଶେଷ ସୁପର୍-୬ ମ୍ୟାଚରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏଠାରେ ବିଜୟୀ ଦଳ ସେମିଫାଇନାଲ ଟିକଟ୍ ହାସଲ କରିବ। ପୂର୍ବରୁ ସୁପର୍-୬ ପର୍ଯ୍ୟାୟରେ ଉଭୟ ଭାରତ ଓ ପାକିସ୍ତାନ ନିଜ ନିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିଲେ। ସୁପର୍-୬ରେ ଭାରତ ୨୦୪ ରନରେ ଜିମ୍ବାୱେ ଏବଂ ପାକିସ୍ତାନ ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଅପରାଜେୟ ରହିଥିଲା। କିନ୍ତୁ ପାକିସ୍ତାନ ଗୋଟିଏ ମ୍ୟାଚରେ ହାରିଯାଇଥିଲା। ତେଣୁ ପଏଣ୍ଟ ଟେବଲରେ ପାକିସ୍ତାନଠାରୁ ଭାରତ ଉପରେ ସ୍ଥାନିତ ହୋଇଛି। ସେହିଭଳି ଭାରତର ରନରେଟ୍ ମଧ୍ୟ ବେଶ୍ ଭଲ ରହିଛି। ତେଣୁ ଯଦି ଭାରତ ବଡ଼ ବ୍ୟବଧାନରେ ପରାସ୍ତ ନ ହୁଏ ତେବେ ସେମିଫାଇନାଲ ଖେଳିବା ଆଶା ଦୃଢ଼ ରହିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ପାଇଁ ମଧ୍ୟ ଏସିଆ କପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେବା ଲାଗି ସୁଯୋଗ ଅଛି। ଡିସେମ୍ବରରେ ଅନୁଷ୍ଠିତ ଏସିଆ କପ୍ ଫାଇନାଲରେ ପାକିସ୍ତାନ ୧୯୧ ରନରେ ଭାରତକୁ ହରାଇ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ କିମ୍ବଦନ୍ତୀ ଭାରତୀୟ କ୍ରିକେଟର୍ ସଚିନ ତେନ୍ଦୁଲକର ଶନିବାର ଜିମ୍ବାୱେରେ ଭାରତୀୟ ଖେଳାଳିଙ୍କୁ ଭେଟି ଏହି ହାଇଭୋଲଟେଜ ମ୍ୟାଚ୍ ପୂର୍ବରୁ ମନୋବଳ ବଢ଼ାଇଛନ୍ତି।

## ସନ୍ତୋଷ ଟ୍ରଫି ଫୁଟବଲ: ପଞ୍ଜାବଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର,୩୧।୧(ସମିସ):** ଜାତୀୟ ଫୁଟବଲ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ମୁକାବିଲାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨-୫ ଗୋଲରେ ଶକ୍ତିଶାଳୀ ପଞ୍ଜାବଠାରୁ ପରାଜିତ ହୋଇଛି। ଏହା ଫଳରେ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଧାକୁଆଖାନା ଫୁଟବଲ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭଲ ଖେଳି ଓଡ଼ିଶା ୨ଟି ଗୋଲ ଦେଇଥିଲା। ଦଳ ପକ୍ଷରୁ ଅର୍ବିନ ଲାକ୍ରା ଓ କାର୍ତ୍ତିକ ହନ୍ତାଳ ଏହି ଗୋଲ ଦୁଇଟି ସ୍କୋର କରିଥିଲେ।

ରାଜ୍ୟ ପାରା ସିଟିଂ ଭଲିବଲ୍ ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ପ୍ରତିଯୋଗୀ

**ଟି-୨୦ ବିଶ୍ୱକପ୍**

## ଆହତ ଲାଗି କମିନ୍ସ ନିରାଶ; ସ୍ମିଥ୍ ବିଦା

**ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି):** ଆଉ ଗୋଟିଏ ସପ୍ତାହ ପରେ ଆରମ୍ଭ ହେବ ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ। ଏଥିଲାଗି ଚୂଡ଼ାନ୍ତ ଦଳ ଘୋଷଣାର ଶେଷ ତାରିଖ (ଜାନୁଆରୀ ୩୧) ଶନିବାର ଥିଲା। ଏହି ଅବସରରେ ଅଷ୍ଟ୍ରେଲିଆ ଏହାର ପୂର୍ବ ଘୋଷିତ ଦଳରେ ସାମାନ୍ୟ ପରିବର୍ତ୍ତନ କରିଛି। ପିଠି ଯନ୍ତ୍ରଣା ଲାଗି ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସଙ୍କୁ ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ମିଳିନି। ସେହିଭଳି ଚୟନ କମିଟି ଏକ ବଡ଼ ନିଷ୍ପତ୍ତିକ୍ରମେ ଅଭିଜ୍ଞ ବ୍ୟାଟର୍ ଷ୍ଟିଭେନ ସ୍ମିଥ ଓ ସ୍ପିନ ଅଲ୍‌ରାଉଣ୍ଡର ମାଥ୍ୟୁ ସର୍ଟଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍ ଦେଇଛନ୍ତି। ସର୍ଟ ପୂର୍ବରୁ ପ୍ରାରମ୍ଭିକ ବିଶ୍ୱକପ୍ ଦଳରେ ସାମିଲ ଥିଲେ। କିନ୍ତୁ ଏବେ ତାଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍ ଦିଆଯାଇ ମାଥ୍ୟୁ ରେନଶାଙ୍କୁ ନିଆଯାଇଛି। ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଶ୍ୱକପ୍‌ରେ ଗ୍ରୁପ୍-ବି'ରେ ଫେବୃଆରୀ ୧୧ରେ ଆୟର୍ଲାଣ୍ଡ ସହ ପ୍ରଥମ ମ୍ୟାଚ୍ ଖେଳିବ।

## ଜାଗୃତି- ଟାଉନ୍‌କ୍ଲବ ଫାଇନାଲ ମୁକାବିଲା

**ଭୁବନେଶ୍ୱର, ୩୧।୧ (ସମିସ):** ପଟିରାଜପୁର ଷ୍ଟାଡିୟମରେ ଚାଲିଥିବା ଚିରନ୍ତନ ଚନ୍ଦ୍ରଶେଖର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଭୁବନେଶ୍ୱରର ଜାଗୃତି କ୍ରିକେଟ କ୍ଲବ ଓ ଟାଉନ୍ କ୍ଲବ ପରସ୍ପରକୁ ଭେଟିବେ। ସେମିଫାଇନାଲରେ ଟାଉନ୍ କ୍ଲବ ୩ ୱିକେଟରେ ବାଲେଶ୍ୱର ମର୍ଣ୍ଣିଂଷ୍ଟାରକୁ ପରାସ୍ତ କରିଥିଲା। ମର୍ଣ୍ଣିଂ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଜଗଦୀଶ ବାରିକ ୫୫ ରନ ଓ ନୌତମ ଭଞ୍ଜ ୫୩ ରନ କରିଥିଲେ। ଟାଉନ କ୍ଲବର ରାଜେଶ ବାରିକ ଓ ବିଶାଲ କର ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୧୯.୩ ଓଭରରେ ୮ ୱିକେଟ ହରାଇ ବିଜୟୀ ହୋଇଥିଲା। ଦୀପକ ମାଝୀ ୮୫, ସରୋଜ ପଣ୍ଡା ୪୦, ରବି ରାଜ ୩୦, ପ୍ରତ୍ୟୁଷ ଦାସ ୨୦ ରନ କରିଥିଲେ। ଦୀପକ ମାଝୀ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ ପ୍ରଥମ ସେମିରେ ବିଜୟୀ ହୋଇ ଜାଗୃତି ଫାଇନାଲରେ ପ୍ରବେଶ କରିଥିଲା।

**ସିକେ ନାଇଡୁ ଟ୍ରଫିରେ ବାଦଲଙ୍କୁ ୭ ୱିକେଟ**

## ରାଜସ୍ଥାନକୁ ଓଡ଼ିଶାର ଲଢୁଆ ଜବାବ

**ଭୁବନେଶ୍ୱର, ୩୧।୧ (ସମିସ):** ଜୟପୁରରେ ଚାଲିଥିବା ସିକେ ନାଇଡୁ ଟ୍ରଫିରେ ଘରୋଇ ରାଜସ୍ଥାନକୁ ଓଡ଼ିଶା କଡ଼ା ଜବାବ ଦେଇଛି। ପ୍ରଥମ ଇନିଂସରେ ରାଜସ୍ଥାନର ୩୫୫ ରନ୍‌ର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୧୪୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଶ୍ରେୟାଂଶ ଭରଦ୍ୱାଜ ୭୨ ରନ୍‌ରେ ଅପରାଜିତ ରହିଥିଲାବେଳେ ଅଧିନାୟକ ଓମ୍‌ଟି ମୁଣ୍ଡେ ୬୨ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ରାଜସ୍ଥାନର ପ୍ରଥମ ଇନିଂସରେ ରଜତ ବାଘେଲ ସର୍ବାଧିକ ୭୪, ଏଜି ଚୋହାନ ୭୧ ଓ ସୁମିତ ଗୋଦରା ୭୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସ୍ପିନର ବାଦଲ ବିଶ୍ୱାଳ ସର୍ବାଧିକ ୭ଟି ୱିକେଟ ନେଇ ନିଜ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ମହମ୍ମଦ୍ ସୋହେଲ ଖାନ୍ ଓ ସାଇଦୀପ ମହାପାତ୍ରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

**ଶୁଭ୍ରାଂଶୁଙ୍କ ଅର୍ଦ୍ଧଶତକ, ଅନୁକୂଳଙ୍କୁ ୪, ଆଦିତ୍ୟଙ୍କୁ ୩ ୱିକେଟ**

# ଝାଡ଼ଖଣ୍ଡ ସ୍ପିନ୍ ଜାଲରେ ଛନ୍ଦି ହେଲା ଓଡ଼ିଶା

**ଭୁବନେଶ୍ୱର, ୩୧।୧ (ସମିସ):** ଜାମ୍‌ସେଦ୍‌ପୁରର କିନାନ ଷ୍ଟାଡିୟମ୍‌ରେ ଚାଲିଥିବା ଏଲିଟ ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଝାଡ଼ଖଣ୍ଡର ସ୍ପିନ୍ ଜାଲରେ ଛନ୍ଦି ହୋଇଛି ଓଡ଼ିଶା। ଏହା ଫଳରେ ପ୍ରଥମ ଇନିଂସରେ ୧୯ ରନ୍‌ରେ ଅଗ୍ରଣୀ ନେବା ଓ ଦ୍ୱିତୀୟ ଇନିଂସରେ ୩ ୱିକେଟରେ ୧୬୨ ରନ୍ କରିଥିଲେ ମଧ୍ୟ ତୃତୀୟ ଦିନ ଖେଳ ଶେଷବେଳକୁ ୮ ୱିକେଟରେ ୨୦୨ ରନ୍ ସଂଗ୍ରହ କରି ବିପଦରେ ପଡ଼ିଛି। ଖେଳ ଆଉ ଗୋଟିଏ ଦିନ ବାକି ରହିଛି। ଏହି ସମୟରେ ଓଡ଼ିଶା ହାତରେ ଆଉ ୨ଟି ୱିକେଟ ବାକିଥାଇ ମାତ୍ର ୨୨୧ ରନ୍‌ରେ ଆଗୁଆ ରହିଛି। ଓଡ଼ିଶାର ଦ୍ୱିତୀୟ ଇନିଂସ ଯେ କୌଣସି ସମୟରେ ଶେଷ ହୋଇପାରେ। ଏଭଳି ହେଲେ ବାକିଥିବା ଗୋଟିଏ ଦିନ ଖେଳରେ ଝାଡ଼ଖଣ୍ଡ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେବାର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଦ୍ୱିତୀୟ ଇନିଂସରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ପ୍ରଥମଶ୍ରେଣୀ କ୍ରିକେଟରେ ୧୭ତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମୋଟ ୧୪୫ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହ ୭୩ ରନ୍ କରି ଓଡ଼ିଶାକୁ ଏକ ଲଢୁଆ ସ୍ଥିତିକୁ ନେଇଯାଇଥିଲେ। ଏପରିକି ଦଳ ୩ ୱିକେଟରେ ୧୬୨ ରନ୍ କରିଥିଲାବେଳେ ବ୍ୟାଟିଂ କରୁଥିବା ଦୁଇ ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ ୧୩ ଓ ଶୁଭ୍ରାଂଶୁ ଆଉଟ ହେବା ପରେ ୪୦ ରନ୍‌ରେ ଓଡ଼ିଶା ୫ ୱିକେଟ ହରାଇ ମ୍ୟାଚ୍ ଉପରୁ ନିୟନ୍ତ୍ରଣ ହରାଇଥିଲା। କେବଳ ଗୋବିନ୍ଦ ପୋଦ୍ଦାର ୨୨ ରନ୍‌ରେ ଅପରାଜିତ ଥିଲେ ମଧ୍ୟ ଆସନ୍ତାକାଲି ବାକିଥିବା ସୁନୀଲ ରାଉଳ ଓ ଡେବ୍ୟୁଟାଣ୍ଟ ସ୍ପିନର ସୟଦ ତୁଫେଲଙ୍କ ବ୍ୟାଟ୍‌ଚାଳନା ଉପରେ ଓଡ଼ିଶାର ଭାଗ୍ୟ ନିର୍ଣ୍ଣୟ କରିବ। ଅନ୍ୟମାନଙ୍କ ମଧ୍ୟରେ ଅନିଲ ପରିଡା ୨୮, ସନ୍ଦୀପ ପଟ୍ଟନାୟକ ୨୦ ଓ ସ୍ୱସ୍ତିକ ସାମଲ ୧୮ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ। ଝାଡ଼ଖଣ୍ଡ ପକ୍ଷରୁ ଦୁଇ ସ୍ପିନର ଯଥା ବାମହାତୀ ଅନୁକୂଳ ରୟ ୪ଜଣଙ୍କୁ ଓ ଅଫ୍‌ସ୍ପିନର ଆଦିତ୍ୟ ସିଂ ୩ଟି ୱିକେଟ ମିଳିଛି। ଅନ୍ୟ ୱିକେଟଟି ମଧ୍ୟ କାମଚଳା ଅଫ୍ ସ୍ପିନର ଋଷଭ ରାଜଙ୍କୁ ମିଳିଥିଲା। ଓପନର ସ୍ୱସ୍ତିକ ସାମଲଙ୍କୁ ଆଉଟ କରି ସେ ଝାଡଖଣ୍ଡକୁ ବ୍ରେକ୍‌ଥ୍ରୁ ଦେଇଥିଲେ।

ସୟଦ ତୁଫେଲ

ଶୁଭ୍ରାଂଶୁ ସେନାପତି

### ଇନିଂସ ଅଗ୍ରଣୀ ଦେଲେ ତୁଫେଲ, ପୋଦ୍ଦାର

ଝାଡ଼ଖଣ୍ଡ ପ୍ରଥମ ଇନିଂସରେ ୨୬୩ ରନ୍ କରିଥିଲାବେଳେ ଯୁବ ସ୍ପିନର ସୟଦ ତୁଫେଲ ଅହମ୍ମଦ୍ ୪ଜଣଙ୍କୁ ଓ କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାର ୩ଜଣ ଖେଳାଳିଙ୍କୁ ଆଉଟ କରିବା ଫଳରେ ପ୍ରଥମ ଇନିଂସରେ ଓଡ଼ିଶା ୧୯ ରନ୍‌ରେ ଅଗ୍ରଣୀ ନେଇଥିଲା। ଫାଷ୍ଟ ବୋଲର ରାଜେଶ ମହାନ୍ତି ମଧ୍ୟ ୨ଜଣଙ୍କୁ ଆଉଟ କରିଥିଲେ। ଝାଡଖଣ୍ଡର ଓପନର ଶିଖର ମୋହନ ସର୍ବାଧିକ ୮୦, ରବିନ ମିଞ୍ଜ୍ ୫୨ ଓ କୁମାର କୁଶାଗ୍ର ୪୭ ରନ୍ କରିଥିଲେ। ଓଡ଼ିଶାକୁ ଏହି ମ୍ୟାଚ ଜିତିବାକୁ ହେଲେ କିମ୍ବା ପ୍ରଥମ ଇନିଂସ ଅଗ୍ରଣୀ ନେବାକୁ ହେଲେ ତୁଫେଲ-ପୋଦ୍ଦାରଙ୍କ ଯୋଡି ସଫଳ ହେବାକୁ ପଡ଼ିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS